ଜୀବନଟା କିନ୍ତୁ ଅବିରାମ ଗତିରେ ଚାଲିଥାଏ। ବହିଗଲା ପାଣିପରି ସବୁବେଳେ ତା' ଗତି ଆଗକୁ ଆଗକୁ। ଅନବରତ ଆଗକୁ ଯାଉଥିବା ମଣିଷ ଜୀବନରେ ସଫଳ ହୁଏ। ଅଟକିଗଲେ କାମ ବି ଅଟକି ଯାଏ। ନିଅଣ୍ଟ ପଡ଼େ ସମୟ। କାମ କିନ୍ତୁ ସରି ନ ଥାଏ। ତାକୁ କୈଣସିମତେ ସାରିବାକୁ ହେବ। ସୁତରାଂ ଧାଇଁବାକୁ ହୋଇଥାଏ। ଏ ଧାଇଁବାକୁ ନେଇ ହୁଏତ କିଏ ସମାଲୋଚନା କରିପାରନ୍ତି ମାତ୍ର ସେସବୁ ପ୍ରତି ଧ୍ୟାନ ନ ଦେଇ ଆଗକୁ ଆଗକୁ ମାଡ଼ି ଚାଲିଲେ ହିଁ ଜୀବନ ହୁଏ ସଫଳ। ଜୀବନଟା କେବେକେବେ ପାଲଟି ଯାଏ ନିରାଶାର ମରୁଭୂମି। ଯେଉଁଠି ଅନବରତ ସୃଷ୍ଟିକରେ ମରୀଚିକାର ଭ୍ରମ। ଦୂରରୁ ଆଶା ଦେଖାଏ କିନ୍ତୁ ନିରାଶ କରେ। ଶୋଷ ମେଣ୍ଟି ପାରେନା। ଫଳରେ ଭୋଗିବାକୁ ହୋଇଥାଏ ନୈରାଶ୍ୟ। ବାଟ ଚାଲିବା ବ୍ୟର୍ଥ ଯାଏ। ଅଗତ୍ୟା ନିରାଶାର ମରୁଭୂମିରେ ଏକଲା ଏକଲା ଚାଲିବାକୁ ପଡ଼ିଥାଏ। କିନ୍ତୁ ଏଇଟା ଯେ ଭୁଲ୍ ବାଟ, ଏକଥା ସମ୍ଭବତଃ ସେ ଜାଣି ନ ଥାଏ। ଫଳରେ ସଫଳତା ମିଳିବା କାଠିକର ପାଠ ହୋଇପଡ଼େ

ଜୀବନ ବାଟରେ ଯିବାକୁ ହେଲେ ମୁଖ୍ୟ କଥା ହେଉଛି, ବାଟକୁ ଜାଣିବା ଅର୍ଥାତ୍ ନିଜ ଲକ୍ଷ୍ୟ ପଥକୁ ସ୍ଥିର କରିବା। ଯେ ପର୍ଯ୍ୟନ୍ତ ଠିକ୍ ରାସ୍ତା ନ ମିଳିଛି, ସେ ପର୍ଯ୍ୟନ୍ତ ଅଧ୍ୟବସାୟ କରିବାକୁ ହେବ। ସାଧନା ଜାରି ରଖିବାକୁ ହେବ। ତୁରନ୍ତ ଫଳପ୍ରାପ୍ତି ଆଶାରେ ଅବାଟକୁ ବାଛି ନେବା ଅର୍ଥ ନିଜେ ନିଜର ବିନାଶ କରିବା। ସେଥିରେ ଗଲେ ପଶ୍ଚାତାପ କରିବା ହିଁ ସାର ହୁଏ। ସୁତରାଂ ଜୀବନର ଧାଁ ଦଉଡ଼ ଭିତରେ ନିଜ ପାଇଁ ନିଜ ପଥ ବାଛିବାର ଏକାନ୍ତ ଆବଶ୍ୟକତା ରହିଛି। ଜୀବନର ଦୈନନ୍ଦିନ ଧାଁ ଦଉଡ଼ର ପଥ ଯେ ସର୍ବଦା ନିଷ୍କଣ୍ଟକ ସେକଥା କହିହେବ ନାହିଁ। ପଥ କେବେ କଣ୍ଟକିତ ତ କେବେ ପୁଣି ପୁଷ୍ପିତ। ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ କଣ୍ଟାର ଆଘାତ ବି ସହିବାକୁ ପଡ଼ିଥାଏ। ଥରେ ନୁହେଁ ବାରମ୍ବାର ସହିବାକୁ ହୋଇଥାଏ ଝୁଣ୍ଟିବାର ନିର୍ମମ ଯନ୍ତ୍ରଣା। ତଥାପି ପଡ଼ି ଉଠି ଧାଇଁବାକୁ ହୋଇଥାଏ। ଅନେକ କ୍ଷେତ୍ରରେ ଏ ଆଘାତ ଥାଏ ପ୍ରାୟୋଜିତ। ଆଗକୁ ଯାଉଥିବା ମଣିଷର ଗୋଡ଼ ଟାଣି ଜଖମ କରିବାକୁ ଅନେକେ ପ୍ରସ୍ତୁତ ହୋଇ ରହିଥାନ୍ତି। ପାଦ ଖସେଇ ଦେବାକୁ ତତ୍ପର ହୋଇଉଠନ୍ତି। ଏସବୁ ଦେଖି ଡରିଗଲେ ଚଳିବ ନାହିଁ, ବରଂ ଏଥିସହିତ ଲଢ଼େଇ ଜାରି ରଖିବାକୁ ହେବ। ତା' ନ ହେଲେ ଜୀବନର ଲକ୍ଷ୍ୟ ସ୍ଥଳରେ ପହଞ୍ଚିହେବ ନାହିଁ।

ଧାଇଁବା ପଛରେ ରହିଛି ପ୍ରଚୁର ସମ୍ମୋହନ। ଅନନ୍ୟ ଆକର୍ଷଣ। ପୁଣି ସଫଳତାକୁ କରାୟତ୍ତ କରିବାର ଦୁର୍ବାର ଆକାଂକ୍ଷା। ଠେକୁଆ – କଇଁଛ ଦୌଡ଼ ପରି ମନ୍ଥର ଗତି ସମ୍ପନ୍ନ କଇଁଛର ଶେଷରେ ଘଟିଛି ଜିତାପଟ। ନିଜ ଶକ୍ତି ଉପରେ ଆସ୍ଥା ରଖି ଗର୍ବରେ ଅନ୍ଧ ହୋଇଯାଇଥିବା ଠେକୁଆକୁ ଭୋଗିବାକୁ ପଡ଼ିଛି ବିଫଳତା। ସୁତରାଂ ଆମ ଜୀବନର ଧାଁ ଦଉଡ଼ ଭିତରେ କେବଳ ନିଜର ଶକ୍ତି ଉପରେ ଭରସା ରଖିଲେ ହେବନାହିଁ। ଏଥିଲାଗି କୌଶଳର ମଧ୍ୟ ଏକାନ୍ତ ପ୍ରୟୋଜନ ରହିଛି। ନିଜ ଶକ୍ତି, ସାଧନା, ଲକ୍ଷ୍ୟ, କୌଶଳ ଓ ଆତ୍ମବିଶ୍ୱାସ ଆଧାରରେ ବାଟ ଚାଲିଲେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ସମ୍ଭବ ହୋଇପାରିବ।

**ରାଜ କିଶୋରନଗର, ଅନୁଗୋଳ**
**ମୋ: ୯୪୩୭୫୪୭୧୪୬**

## ଏଇ ଭାରତରେ

ଚାକିରି ଛାଡ଼ି ଛତିଶଗଡ଼ର ଚାଷୀ ସମୀକ୍ଷା ଚନ୍ଦ୍ରକର ଟମାଟୋ ଓ ଅନ୍ୟାନ୍ୟ ପରିବା ଚାଷକରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସମୀକ୍ଷା ଏମ୍‌ବିଏ ପାସ୍ କରିବା ପରେ ପୁଣେର ଏକ କମ୍ପାନୀରେ ଚାକିରି କରିଥିଲେ। ୨୦୨୧ରେ ସେ ଚାକିରି ଛାଡ଼ି ଛତିଶଗଡ଼ ରାୟପୁରର ଚାରୁମୁଦିଆ ଗାଁକୁ ଫେରି ଆସି ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୨୩-୨୪ ବର୍ଷରେ ସେ ଏହି ଚାଷରୁ ୧.୫ କୋଟି ଟଙ୍କା ରୋଜଗାର କରିଥିଲେ। ସମୀକ୍ଷା ପ୍ରଥମେ ଏକର ପିଛା ୫୦ ଟନ୍ ଟମାଟୋ ଉତ୍ପାଦନ କରୁଥିଲେ, କିନ୍ତୁ ବର୍ତ୍ତମାନ ୫୫ ଟନ୍ ଉତ୍ପାଦନ କରୁଛନ୍ତି। ବଡ଼ କଥା ହେଉଛି ସମୀକ୍ଷା ଚାଷ କାର୍ଯ୍ୟ ପାଇଁ ୧୨୦ ଲୋକଙ୍କୁ ନିଯୁକ୍ତ କରିଛନ୍ତି। ତେବେ ଚଳିତବର୍ଷ ତାଙ୍କର ଏହି ଚାଷରୁ ଅଧିକ ଲାଭ ହେବ ବୋଲି କହନ୍ତି ଚନ୍ଦ୍ରକର। ବିଶେଷକରି ସେ ଉତ୍ପାଦିତ ଟମାଟୋକୁ ନୂଆଦିଲ୍ଲୀ, ବେଙ୍ଗାଲୁରୁ, ରାୟପୁର, ପାଟନା, କୋଲକାତା ଆଦି ସହରର ମଣ୍ଡିକୁ ପଠାଉଛନ୍ତି। ଏହା ବ୍ୟତୀତ ଟମାଟୋ ବ୍ୟତୀତ ବାଇଗଣ, କାକୁଡ଼ି, ଲାଉ ଚାଷକରି ମାର୍କେଟରେ ବିକ୍ରି କରୁଛନ୍ତ ସମୀକ୍ଷା। ସବୁଠୁ ବେଶି ୨୦ ଏକରରେ ସେ ଟମାଟୋ ଚାଷ କରିଛନ୍ତି ଏବଂ ଅଧିକ ୧୫ ଏକର ଚାଷ କରିବାକୁ ଯୋଜନା କରିଛନ୍ତି। ସମୀକ୍ଷାଙ୍କ ବାପା ଓ ଭାଇ ତାଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୬ ଡିସେମ୍ବର ୧୯୭୬

- ଭାରତୀୟ କମ୍ୟୁନିଷ୍ଟ ଦଳରୁ ପଞ୍ଜାବ ରାଜ୍ୟ କାଉନସିଲ ସଭ୍ୟ କ୍ରାନ୍ତି ଅରୋରାଙ୍କ ଇସ୍ତଫା ପ୍ରଦାନ।
- ବିମାନ ବାହିନୀ ନିମନ୍ତେ ୨ଟି ସ୍କ୍ୱାର୍ଡନରେ ୨୧୨ଟି ହେଲିକପ୍ଟର କିଣାଯାଇଥିବା ନେଇ ବାଂଲାଦେଶ ସରକାରଙ୍କ ଘୋଷଣା।
- ବ୍ୟାଙ୍କକ୍ ବିମାନ ଘାଟୀର ଉତ୍ତର ଦିଗରେ ଇଜିପ୍ଟର ଗୋଟିଏ ବୋଇଙ୍ଗ ୭୦୭ ବିମାନରେ ନିଆଁ ଲାଗି ଖସିପଡ଼ିବା ଫଳରେ ୪୨ ଜଣଙ୍କ ମୃତ୍ୟୁ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | | | 2 | 7 |
| | | 2 | | | | 6 | | |
| 1 | | | | | 3 | 8 | | |
| | | | 4 | 6 | | 7 | | |
| | | | | | | | | |
| | | | 1 | 2 | 5 | | 4 | |
| | 6 | 5 | | | 1 | | | |
| 2 | | | | | | 1 | 9 | |
| | 9 | | | 3 | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 3 | 7 | 8 | 4 | 5 | 1 | 2 |
| 2 | 1 | 8 | 6 | 5 | 3 | 7 | 9 | 4 |
| 4 | 5 | 7 | 9 | 2 | 1 | 8 | 6 | 3 |
| 7 | 8 | 1 | 4 | 6 | 5 | 3 | 2 | 9 |
| 9 | 4 | 2 | 3 | 7 | 8 | 1 | 5 | 6 |
| 5 | 3 | 6 | 1 | 9 | 2 | 4 | 8 | 7 |
| 8 | 7 | 4 | 2 | 1 | 6 | 9 | 3 | 5 |
| 1 | 6 | 9 | 5 | 3 | 7 | 2 | 4 | 8 |
| 3 | 2 | 5 | 8 | 4 | 9 | 6 | 7 | 1 |

ଗତକାଲିର ଉତ୍ତର

# ଟଙ୍କାଖିଆ ମଣିଷ



ଡ. ମନୋରଞ୍ଜନ ପ୍ରଧାନ

ପିଲାବେଳର କଥା ମନେପଡ଼େ। ସେତେବେଳେ (ଆଜକୁ ଚାଳିଶ ବର୍ଷ ପୂର୍ବେ) ବିଶେଷକରି ଗାଁ ଲୋକେ ଚାକିରି କରିବା କିମ୍ବା ବାହାର ରାଜ୍ୟକୁ ଯାଇ ଦାଦନ ଖଟିବାକୁ ପସନ୍ଦ କରୁ ନ ଥିଲେ। ହୁଏତ ଆପଣମାନେ କହିପାରନ୍ତି କି ବେଶି ପାଠ ପଢ଼ାପଢ଼ି କରି ନ ଥିଲେ ସେଥିପାଇଁ। ବାସ୍ତବରେ ବହୁ ଉଚ୍ଚଶିକ୍ଷିତ ବଡ଼ ପାଠୁଆ ମଧ୍ୟ ପୈତୃକ ଜମିଜମା ଦାୟିତ୍ୱ ନେଇ ସ୍ୱାବଲମ୍ବୀ ଜୀବନ ବିତାଇବାକୁ ପସନ୍ଦ କରୁଥିଲେ। ଫଳତଃ ପରିବାର, କୁଟୁମ୍ବ ଓ ସମାଜ ସହ ଅନ୍ତରଙ୍ଗ ସମ୍ବନ୍ଧ ରହୁଥିଲା। ବୃଦ୍ଧ କାଳରେ ମା'ବାପାଙ୍କ ସେବା ଶୁଶ୍ରୂଷା କରିପାରୁଥିଲେ। ନାତିନାତୁଣୀରେ ଘର ପୂରିଉଠୁଥିଲା। ଓଷାବ୍ରତରେ ଗାଁ ଉତ୍ସବମୁଖର ହେଉଥିଲା। ହେଲେ ବର୍ତ୍ତମାନ ପରିସ୍ଥିତି ବଦଳିଛି। ଗାଁ ଆଜି ସହରାଭିମୁଖୀ। ବିଲପଦର ପଡ଼ିଆ। ଚାଷ କରିବାକୁ କେହି ରାଜି ନୁହନ୍ତି। ମୂଲିଆ ମିଳିବା କଷ୍ଟ। କାରଣ ସମସ୍ତଙ୍କ ଇଚ୍ଛା ନଳିପେଣ୍ଟପିନ୍ଧା ବାବୁ ହେବା ପାଇଁ। ତେଣେ ଦାଦନ ଖଟିବାକୁ ଯାଇ ବାସନ ମାଜୁଥାଉ କି ମାଲିକର ବଗିଚା କାମ କରୁ ବା ଘୁଷୁରି ଜଗୁ ମାତ୍ର ଗାଁରେ ରହି ସ୍ୱାଭିମାନୀ ଓ ସ୍ୱାବଲମ୍ବୀ ହେବାକୁ କାହାର ଇଚ୍ଛା ନାହିଁ।

ସହର କଥା ନ କହିଲେ ଭଲ। ଘରେ କେବଳ ବୁଢ଼ାବୁଢ଼ୀଙ୍କ ଉପସ୍ଥିତି। ପିଲାମାନେ ରୋଜଗାର ପାଇଁ ବିଦେଶରେ। ମା'ବାପାମାନେ ଏଥିପାଇଁ ଦିନରାତି ଏକ କରିଦେଇଥିଲେ। ପିଲାମାନେ ବଡ଼ ବଡ଼ ଅନୁଷ୍ଠାନରେ ପଢ଼ିବେ ଆଉ ପୁଳାପୁଳା ଟଙ୍କା ପଠେଇଲେ ମା'ବାପା ଟଙ୍କାର ପାହାଡ଼ ଉପରେ ବସିବେ। ତାହା ହିଁ ହେଉଛି। ମାସ ପୂରିଲା ବେଳକୁ ପୁଅ ବୋହୂ, ଝିଅ ଜ୍ୱାଇଁଙ୍କ ପାଖରୁ ଟଙ୍କା ବ୍ୟାଙ୍କରେ ଜମା ହେବାରେ ଲାଗିଛି। ହେଲେ ବୁଢ଼ାବୁଢ଼ୀ ପରିଣତ ବୟସରେ ଆଉ ଗଣିପାରୁ ନାହାନ୍ତି। ପେଟକୁ ଆହାର ମୁଠାଏ ପାଇଁ ଡହଳ ବିକଳ। ଚାକରାଣୀ ଦୟାକଲେ ଖାଇବାକୁ ମିଳିବ । ତେଣେ ପୁଅ ଲଣ୍ଡନକୁ ବୋହୂ ଆମେରିକାରେ। ନାତିନାତୁଣୀଟିଏ ଦେଖିବାକୁ ବୁଢ଼ୀମାଉସୀ ଭାରି ଉଦ୍‌ବେଗ । ହେଲେ ଟଙ୍କା ରୋଜଗାରରୁ ବିରତି ମିଳିଲେ ତ! ଇଏ ହେଉଛି ଆଜିର ପାରିବାରିକ ଓ ସାମାଜିକ ଜୀବନ। ଏଠାରେ ଗୋଟିଏ ବାସ୍ତବ ସତ୍ୟ ଉପସ୍ଥାପନ କରୁଛି।

ଏକ ସାମାଜିକ କାମରେ ଆମେ କେତେଜଣ ଘର ଘର ସମ୍ପର୍କ କରୁଥିଲୁ। ଉଦ୍ଦେଶ୍ୟ ଆଜିର ସାମାଜିକ ପରିସ୍ଥିତି ଓ ପାରିବାରିକ ଜୀବନ ସମ୍ବନ୍ଧରେ ଜାଣିବା। ଦେଶ ବିଦେଶକୁ ଯାଇ ଝିଅପୁଅମାନେ ବଡ଼ ଚାକିରି କରୁଥିବା ମା'ବାପାମାନେ କିଭଳି ସୁଖ ସ୍ୱଚ୍ଛନ୍ଦରେ ଅଛନ୍ତି ତାହା ପରଖିବା ଆମର ଇଚ୍ଛା ଥିଲା। ମଜାଦାର କଥା ହେଉଛି ସବୁଠାରୁ ବେକାରିଆ, ଅଳସୁଆ, ଅକାଳ କୁଷ୍ମାଣ୍ଡ ଭଳି ଅପଶବ୍ଦ ଶୁଣିଥିବା ପିତୃମାତୃ ବୋଲକରା ବନ୍ଧୁ ଜଣେ ଆମ ସାଥିରେ ଥାଆନ୍ତି। ଭଲ ପାଠ ପଢି ସବୁ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସେହି ମେଧାବୀ ଛାତ୍ର ଜଣକ ନିକଟସ୍ଥ କଲେଜର ଅଧ୍ୟାପକ ଏବଂ



ପିତୃ ଚାଷଜମିର ଜଣେ ଚାଷୀ। କେବଳ ମା'ବାପାଙ୍କ ସେବା ଶୁଶ୍ରୂଷା ପାଇଁ ଘର ଛାଡ଼ି ଗଲେନାହିଁ। ସେ ଯାହାହେଉ ଆଜି ଅନେକଙ୍କ ଆଶାବାଡି ବିଶେଷକରି ଅସହାୟ ବୃଦ୍ଧାବୃଦ୍ଧମାନଙ୍କର। ଆମେ ଯାହା ଦେଖିଲୁ ଅଧିକାଂଶ ଘରେ ରୋଗଣା, ଅସହାୟ, ଅବହେଳିତ ବୃଦ୍ଧାବୃଦ୍ଧ। ସେମାନଙ୍କ ଦୁରାବସ୍ଥା ଦେଖି ଆମେ ମର୍ମାହତ ହେଲୁ। ଟଙ୍କାର ପାହାଡ଼ ଉପରେ ବସିଥିବା ଲୋକମାନେ କିନ୍ତୁ ଖାଇବା ପାଇଁ କିଛି ନାହିଁ। ଘରେ କାମ କରୁଥିବା ମହିଳାଟିର ଦୟା, ଅନୁକମ୍ପାରେ ଯାହା ରୋଷେଇ ହେଉଛି ତାହା ଖାଇବାକୁ ପଡୁଛି। ଯେଉଁ ଦିନ ସେ ଆସିପାରୁନି ପ୍ରାୟତଃ ଭୋକରେ ରହିବାକୁ ପଡ଼େ କିମ୍ବା ଶୁଖିଲା ଖାଦ୍ୟରେ ଚଳିଯାଏ। ମାନେ ଟଙ୍କାର ପ୍ରକୃତ ମୂଲ୍ୟ କେତେ ନଗଣ୍ୟ ସେମାନଙ୍କ ବିକଳ ଅବସ୍ଥା ଦେଖିଲେ ଉପଲବ୍ଧି କରିହେବ। ହେଲେ ବନ୍ଧୁଙ୍କୁ ଦେଖି ଅନେକ ମା'ବାପା କାନ୍ଦିପକାଇଲେ। ଆମେ ଭାବୁଥିଲୁ ତୁ ଘରେ ରହି ଭୁଲ୍ କରିଛୁ। କିନ୍ତୁ ସତ୍ୟ ହେଉଛି ତୋ ମା'ବାପା ପୁଣ୍ୟ କରିଥିଲେ ସେଥିପାଇଁ ପୁଅ ବୋହୂର ସେବା ଓ ନାତିନାତୁଣୀଙ୍କ ଆଦର ଯତ୍ନ ପାଉଛନ୍ତି। ଆଉ ଆମ୍ଭେମାନେ ପାପୀ, ସେଥିପାଇଁ ବୁଢ଼ା ଶାଗୁଣା ଭଳି ପାପର ପ୍ରାୟଶ୍ଚିତ୍ତ କରୁଛି। କୋଟି କୋଟି ଟଙ୍କା ରୋଜଗାରର ନିଶା ଆମକୁ ଅନ୍ଧ କରିଥିଲା। ସେଥିପାଇଁ ପିଲାଙ୍କୁ ଦେଶବିଦେଶରେ ବଡ଼ ବଡ଼ ଚାକିରି ପାଇଁ ପ୍ରୋତ୍ସାହିତ କରିଥିଲୁ। ସେମାନଙ୍କ ଶୈଶବ ଓ ବାଲ୍ୟଜୀବନକୁ କେବଳ ପାଠ ଘୋଷାରେ ଲଗେଇ ଦେଇଛୁ। ଅଧିକ ରୋଜଗାର ପାଇଁ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଉସୁକେଇବା ଛଡ଼ା ମୂଲ୍ୟବୋଧ, ଜୀବନାଦର୍ଶ ବା ଭଲ ମଣିଷ ହେବା ପାଇଁ ଦିନେ ମଧ୍ୟ ଚେଷ୍ଟା କରିନୁ। ତେଣୁ ଆମେ ଏଇ ପରିଣତ ବୟସରେ ନିଃସଙ୍ଗ ଜୀବନ ବିତାଉଛୁ। କେବଳ ସେତିକି ନୁହେଁ ପିଲାମାନେ ମଧ୍ୟ ଟଙ୍କା ପାଇଁ ପାଗଳ। ଜୀବନ ବୋଲି କିଛି ନାହିଁ। ଉଭୟେ ମାସେ ଦୁଇ ମାସରେ ଥରୁଟିଏ ମଧ୍ୟ ଭେଟଘାଟ ନାହିଁ। କି ଜୀବନ! ଅର୍ଥାତ୍ ଟଙ୍କା ଅଛି କିନ୍ତୁ ପେଟପୂରୁନି।

ସବୁକଥା ଶୁଣିବା ଓ ନିଜ ଆଖିରେ ଦେଖିବା ପରେ ଆମେ ଆଶ୍ଚର୍ଯ୍ୟ ପ୍ରକଟ କଲୁ। ଟଙ୍କାଖିଆ ମଣିଷ ଆଜି ଟଙ୍କା ପାଇଁ ସବୁକିଛି ଭୁଲିଯାଉଛି। ନୀତି, ନୈତିକତା, ଆଦର୍ଶ, ସମ୍ପର୍କ ତଥା ପରିବାର ଓ ସମାଜ ପ୍ରତି ଥିବା ଦାୟିତ୍ୱବୋଧ ମଧ୍ୟ ଭୁଲିଯାଉଛି। ଏ ଭଳି ପରିସ୍ଥିତି ଧୀରେ ଧୀରେ ଉତ୍କଟ ରୂପ ନେଉଛି। ତେଣୁ ମା'ବାପାମାନେ ନିଜ ପିଲାମାନଙ୍କୁ ଟଙ୍କା ଖଣି ନ କରି ନିଜର କର୍ତ୍ତବ୍ୟ, ଦାୟିତ୍ୱ ସହ ପରିବାର, ସମାଜ ତଥା ଦେଶ ପ୍ରତି ଥିବା ନାଗରିକବୋଧ ସମ୍ବନ୍ଧରେ ଅବଗତ କରାଇବା ସମୟର ଆହ୍ୱାନ। ହଁ ଏକଥା ମନେରଖିବା ଉଚିତ ଟଙ୍କା ମଣିଷର ଆବଶ୍ୟକତା ପୂରଣ ପାଇଁ ଦରକାର କିନ୍ତୁ ଲୋଭ ସମ୍ବରଣ ପାଇଁ ନୁହେଁ। ଟଙ୍କା ଭଲ ପଲଙ୍କ ଓ ଗଦି ଦେଇପାରିବ କିନ୍ତୁ ନିଦ ନୁହେଁ। ଟଙ୍କା ସେବିକା ନିଯୁକ୍ତି ଦେଇପାରେ କିନ୍ତୁ ପୁଅଝିଅ ଭଳି ସେବା ଦେଇପାରିବ ନାହିଁ। ଟଙ୍କା ଦେଇ ଲୋକ କିଣି ହେବ ହେଲେ ପାଖରେ ଥିବା ପରିବାର ସଦସ୍ୟ ଭଳି ଧୈର୍ଯ୍ୟ, ସାହସ, ସହଯୋଗ ଓ ଭଲ ପାଇବା ଦେଇପାରିବେ ନାହିଁ। ତେଣୁ ଟଙ୍କାଖିଆ ମଣିଷ ବେଳ ଥାଉଁ ସାବଧାନ ହେବା ଦରକାର।

**ସହକାରୀ ପ୍ରଫେସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ**
**ମୋ: ୯୪୩୭୯୧୪୮୧୮**

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟକୁ ଗୁରୁତ୍ୱ

ମହାଶୟ,

ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ହାସଲ ପାଇଁ ସରକାର ଯେଉଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି ତାହା ଅଭିନନ୍ଦନୀୟ। ଏହାଦ୍ୱାରା ଯାନବାହନରୁ ସୃଷ୍ଟି ହେଉଥିବା ପ୍ରଦୂଷଣକୁ ରୋକିବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ପୂର୍ବ ସରକାର ମଧ୍ୟ କିଛି ବର୍ଷ ତଳେ ଏଇ ବ୍ୟବସ୍ଥା କରିଥିଲେ। ସେତେବେଳେ ଏହାକୁ ପାଇବା ପାଇଁ ଲୋକେ ଯେମିତି ହୀନସ୍ତା ହେଲେ, ଶେଷରେ ସରକାର ବାଧ୍ୟ ହୋଇ ବାରମ୍ବାର ସମୟ ସୀମା ବୃଦ୍ଧି କଲେ। କିନ୍ତୁ ତା' ପରେ ଆଉ ଏହା ଉପରେ ନା ସରକାର ନା ଲୋକେ କେହି ଗୁରୁତ୍ୱ ଦେଲେ ନାହିଁ। ଯାହା ଫଳରେ ପ୍ରଦୂଷଣର ବିଷ ବଢି ବଢି ଚାଲିଛି। ଦିଲ୍ଲୀ ପରି ଭୁବନେଶ୍ୱରରେ ମଧ୍ୟ ପ୍ରଦୂଷଣ ସୀମା ଟପିଲାଣି। ଇତିମଧ୍ୟରେ ଅନେକ ବର୍ଷ ବିତିଗଲାଣି ଓ ଯାନବାହନ ସଂଖ୍ୟା ମଧ୍ୟ ବହୁ ଗୁଣରେ ବୃଦ୍ଧି ପାଇଛି। କହିବାର କଥା ହେଉଛି ଏଇ ସାର୍ଟିଫିକେଟ ହାସଲ ପାଇଁ ସରକାର ବିଚାର ବିମର୍ଷ କରି ପଦକ୍ଷେପ ନିଅନ୍ତୁ। ସବୁ ପେଟ୍ରୋଲ ପମ୍ପରେ ଏଥିପାଇଁ ସତନ୍ତ୍ର କର୍ମଚାରୀ ନିଯୁକ୍ତି ଦିଆଯାଉ ଏବଂ ସମୟ ସୀମା ଆଗାମୀ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ରଖାଯାଉ । ବିଭିନ୍ନ ଗଣମାଧ୍ୟମରେ ଏହାକୁ ବାରମ୍ବାର ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନିଆଯାଉ । ବର୍ତ୍ତମାନ ବାହାଘର ସମୟ। ଆଗାମୀ ଫେବୃଆରୀରୁ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷା ଚାଲିବ। ବର୍ତ୍ତମାନ ସମସ୍ତେ ଯାନବାହନ ଉପରେ ନିର୍ଭରଶୀଳ। ଲୋକଙ୍କ ସରକାର ଲୋକଙ୍କ ପାଇଁ ବ୍ୟବସ୍ଥାକୁ ସହଜ ସରଳ କରିବାକୁ ପଦକ୍ଷେପ ନିଅନ୍ତୁ।

**–ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକ, ଖରସ୍ରୋତା ମହାବିଦ୍ୟାଳୟ, ସିଂହପୁର, ଯାଜପୁର**

## ଚିରନ୍ତନୀ

କେନାଲର ଆର ପାଖେ
ତାଳବନ ଫାଁକେ ଫାଁକେ
ଧବଳିତ କାଶବନ ହସଇ
ପ୍ରତୀଚୀର କୋଳେ ରବି ଖସଇ ।
–(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ଭାରତକୁ ବିକଶିତ କରିବାରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ

**ରସଲପୁର,୨୫।୧୨(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ବାରବାଟୀ ସ୍ଥିତ ମା' ତାରିଣୀ ମନ୍ଦିର ପ୍ରାଙ୍ଗଣରେ ଅ, ଆ(ଅଟଳ, ଆଡ୍‌ଭାନୀ) ବିଚାର ମଞ୍ଚ ପକ୍ଷରୁ ଗୁରୁବାର ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ସୁଧୀର ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଭାଜପାର ପୂର୍ବତନ ରାଜ୍ୟ ସଭାପତି ବିମ୍ବାଧର କୁଅଁର ଯୋଗଦେଇ ଜୀବନରେ ବହୁ ଘାତ ପ୍ରତିଘାତ ସହ୍ୟ କରି ଲକ୍ଷ୍ୟପଥରୁ ବିଚ୍ୟୁତ ନ ହୋଇ ସ୍ଥିର ଚିତ୍ତ, ଉଦାର ମନରେ, ସମର୍ପିତ ଭାବନାରେ କାର୍ଯ୍ୟ କରୁକରୁ ଅଟଳଜୀ ବିଶ୍ୱରେ ମହତ ପୁରୁଷରେ ପରିଣତ ହୋଇଛନ୍ତି ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ଯାଜପୁର ଜିଲାର ପୂର୍ବତନ ସଭାପତି ପବିତ୍ର ମୋହନ ଦାଶ ଯୋଗଦେଇ ଭାରତକୁ ବିକଶିତ କରିବାରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ଜିଲା ସଭାପତି ଅକ୍ଷୟ ପରିଡା, ଭାଜପା ନେତା ସତ୍ୟନାରାୟଣ ମହାନ୍ତି, ବିଜୟ ପଣ୍ଡା, ସୁନାରାମ ମାରାଣ୍ଡି, ଯୋଗେନ୍ଦ୍ର ପଣ୍ଡା, ପୂର୍ବତନ ରସୁଲପୁର ବ୍ଲକ ସଭାପତି ଭାଗିରଥି ରଥ, ବରୀ ବ୍ଲକ ପୂର୍ବତନ ସଭାପତି ଅକ୍ଷୟ ବେହୁରିଆ, ଓବିସି ମୋର୍ଚ୍ଚା ନେତା ବିବେକ ଗନ୍ତାୟତ ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ତ୍ୟାଗପୁତ ଜୀବନୀକୁ ସ୍ମରଣ କରିଥିଲେ। ଏହି ଅବସରରେ ମଞ୍ଚ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରୁଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମଞ୍ଚର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ। ସଦସ୍ୟ ଅମୂଲ୍ୟ ନାୟକ ଧନ୍ୟବାଦ ଦେଇଥିଲେ।

# ଅଟଳଙ୍କ ସ୍ମୃତିରେ କ୍ରିକେଟ ଟୁର୍ନାମେଣ୍ଟ



ଚାମ୍ପିୟନ ଟିମ୍‌କୁ ଅତିଥି ଟ୍ରଫି ଓ ଅର୍ଥରାଶି ପ୍ରଦାନ କରୁଛନ୍ତି।

**ଯାଜପୁରଟାଉନ,୨୫।୧୨ (ପ୍ରଯକ୍ତା ପ୍ରିୟଦର୍ଶୀନ ମହାନ୍ତି):**

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜ୍‌ପେୟୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆମ ଯାଜପୁର ସାମାଜିକ ସଙ୍ଗଠନ ପକ୍ଷରୁ କରାଯାଇଥିବା କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜାଲପୁର ଭାଇଭାଇ ଇଲେଭେନ ଟିମ୍ ଚାମ୍ପିୟନ ହୋଇଛି। ଚୂଡ଼ାନ୍ତ ମ୍ୟାଚ୍ ଭାଇଭାଇ ଇଲେଭେନ ଟିମ୍ ଓ ଜୀବନଜ୍ୟୋତି ମୋଟରଙ୍ଗାପାଳ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭାଇ ଭାଇ ଇଲେଭେନ ପ୍ରଥମେ ବ୍ୟାଟିଂ କରି ୭୧ ରନ୍ ସଂଗ୍ରହ କରିଥିଲା। ଜୀବନଜ୍ୟୋତି ମାତ୍ର ୪୩ ରନ୍ କରିବାରେ ସକ୍ଷମ ହୋଇଥିଲେ। ଫଳରେ ଭାଇଭାଇ ଇଲେଭେନ ୨୮ ରନ୍‌ରେ ଚାମ୍ପିୟନ ହୋଇଥିଲା। ଭାଇ ଭାଇ ଦଳ ପକ୍ଷରୁ ଚିନ୍ମୟ ସାହୁ ବୋଲିଂ କରି ୫ ଉଇକେଟ ନେଇଥିଲେ। ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଜୀବନଜ୍ୟୋତି ଦଳର ଧନ ରାଉତଙ୍କୁ ବେଷ୍ଟ ବ୍ୟାଟ୍ସ ମ୍ୟାନ ଭାବେ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଶୀତିକଣ୍ଠ କାନୁନଗୋ, ଜିଲା କ୍ରୀଡ଼ାଧିକାରୀ ଫକୀର ମୋହନ ଟୁଡୁ, ଭାଜପା ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ସଂଗ୍ରାମ କେଶରୀ ପାତ୍ର, ସଞ୍ଜୟ ନାୟକ, ସୁଶାନ୍ତ ସାହୁ, ଲକ୍ଷ୍ମୀନାରାୟଣ ମଲ୍ଲିକ, ଶ୍ରୀଧର ବିଶ୍ୱାଳ, ଗୁଣ୍ଡିରାମ ଜେନା ଓ ସାମାଜିକ କର୍ମୀ ବିଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୨୫ ହଜାର ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

# ବାଜପେୟୀଙ୍କ ଜୀବନୀକ ଉପରେ ଆଲୋକପାତ

**ଦଶରଥପୁର,୨୫।୧୨ (ସୁଶାନ୍ତ କୁମାର ବେହୁରିଆ):**

ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଭାଜପା ତରଫରୁ ଗୁରୁବାର ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଭାଜପା ମହିଳା ମୋର୍ଚ୍ଚା ଯାଜପୁର ଜିଲା ସଭାନେତ୍ରୀ ବବିତା ମଲ୍ଲିକ, ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଭାଜପା ସଂଯୋଜକ ନିରଞ୍ଜନ ବେଉରିଆ, ବରିଷ୍ଠ ନେତା ଶିବପ୍ରସାଦ ଧଳ, ଏମ୍‌ପିଙ୍କ ପ୍ରତିନିଧି ପୁରୁଷୋତ୍ତମ ବେହେରା, ମଣ୍ଡଳ ସଭାପତି ଶ୍ରୀଧର ଜେନା, ମନୋରଞ୍ଜନ ସାହୁ, ସଞ୍ଜୟ ପତି, ଉପେନ୍ଦ୍ର ଧଳ, ସନାତନ ମଳିକ, କିଶୋର ଚନ୍ଦ୍ର ମଳିକ, ଝୁନାରାଣୀ ପଣ୍ଡା, ରବୀନ୍ଦ୍ର ପଣ୍ଡା, ପୀତବାସ ବେହେରା ଓ ମନୋଜ ଜେନାଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇ ବାଜପେୟୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

# ଧର୍ମଶାଳା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




ଧର୍ମଶାଳା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଧର୍ମଶାଳା,୨୫।୧୨ (ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତ ଶଙ୍ଖାରିଡ଼ିହସ୍ଥିତ ଧର୍ମଶାଳା ପବ୍ଲିକ୍ ସ୍କୁଲ୍‌ର ଆଲମୋନି ଡେ(୨୪ତମ) ବାର୍ଷିକ ଉତ୍ସବ ୨ଦିନ ଧରି ପାଳିତ ହୋଇଯାଇଛି। ସନ୍ଥ ବିଶ୍ୱନାଥ ଦାସ ମହାରାଜ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ସବିତ୍ରୋ ନାରାୟଣ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅଭିନେତା ଶ୍ରୀକାନ୍ତ ଗୌତମ ଯୋଗ ଦେଇଥିଲେ। ଅତିଥିଭାବେ ବ୍ୟଙ୍ଗକବି ଶୁଭକାନ୍ତ ଦାସ ଯୋଗଦେଇ ବ୍ୟଙ୍ଗ କବିତା ଆବୃତ୍ତି କରିଥିଲେ। ମୁଖ୍ୟବକ୍ତାଭାବେ ଭୂତତ୍ତ୍ୱବିତ୍ ମାନସ ରଞ୍ଜନ ସ୍ୱାଇଁ ଯୋଗଦେଇ ଏହି ବିଦ୍ୟାଳୟ ଶିକ୍ଷା ସହ ଖେଳକୁଦରେ ସୁନାମ ଆଣିଥିବା ଦର୍ଶାଇଥିଲେ। ଅନ୍ୟତମ ଅତିଥି ଭାବେ ଶୁଭସ୍ମିତ ପାତ୍ର ଓ ବିକାଶ ଚନ୍ଦ୍ର ବାରିକ ଯୋଗ ଦେଇଥିଲେ। ସାମାଜିକକର୍ମୀ ନାରାୟଣଚନ୍ଦ୍ର ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଭିକାରୀ ଚରଣ ସାମଲ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଜଣାଇଥିଲେ। ବିଭିନ୍ନ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଉତ୍ସବରେ ଶତାଧିକ ପୁରାତନ ଛାତ୍ରୀଛାତ୍ର ଓ ଅଭିଭାବକ ଯୋଗ ଦେଇଥିଲେ। ପରେ ଛାତ୍ରୀଛାତଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା।







# ପାଣି ମାଡ଼ାଇବାକୁ ନେଇ ଗଣ୍ଡଗୋଳ: ଜଣେ ଆହତ

**ଦଶରଥପୁର,୨୫।୧୨ (ସୁଶାନ୍ତ କୁମାର ବେହୁରିଆ):**

ମଙ୍ଗଳପୁର ଥାନା ଥାଲକୁଡ଼ି ପଞ୍ଚାୟତ ଧନିପୁର ଗ୍ରାମରେ ଚାଷଜମିରେ ପାଣି ମଡ଼ାଇବାକୁ ନେଇ ଗଣ୍ଡଗୋଳ ହୋଇଛି। ଏଥିରେ ଜଣେ ଆହତ ହୋଇଛନ୍ତି। ଏନେଇ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ କରାଯାଇଛି। ପୋଲିସ ଜଣେ ଅଭିଯୁକ୍ତ ଦିଲୁଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ଧନିପୁର ଗ୍ରାମର ବଳରାମ ବେହେରା ଓ ଖାନନଗର ଗ୍ରାମର କାଲୁ ଏବଂ ଦିଲୁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ଏହା ଗଣ୍ଡଗୋଳ ରୂପ ନେଇଥିଲା। ହଠାତ କାଲୁ ଓ ଦିଲୁ ଉତ୍ତ୍ୟକ୍ତ ହୋଇ ବଳରାମଙ୍କୁ ତଳେ ପକାଇ ମାଡ଼ ମାରି ବେହୋସ କରିଦେଇଥିଲେ। ନିକଟରେ ଥିବା ଚାଷୀମାନେ ବଳରାମଙ୍କୁ ଉଦ୍ଧାର କରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତ୍ୱର ଥିବାରୁ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।






# ପାଣି ପାଇଁ ହନ୍ତସନ୍ତ ରାଣୀପୋଖରୀ,ନାଗପଡ଼ା ଗ୍ରାମବାସୀ

ଆଳି,୨୫।୧୨ (ବନମାଳୀ ସେନାପତି)

- ୪ ଦିନ ହେବ ଅଚଳ ହୋଇପଡ଼ିଛି ବସୁଧା ପ୍ରକଳ୍ପ
- ନଦୀ ପାଣି ପାଲଟିଛି ଭରସା

୪ ଦିନ ହେବ ବସୁଧା ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡିଥିବା ବେଳେ ପଞ୍ଚାୟତ ପକ୍ଷରୁ ମରାମତି କରାଯାଉ ନ ଥିବାରୁ ୨ଟି ଗ୍ରାମର ବହୁ ହଜାର ଲୋକ ପାଣି ଟୋପେ ପାଇଁ ହନ୍ତସନ୍ତ ହେଉଛନ୍ତି। ଗୋଟିଏ ପଟେ ନଳକୂଅ ଅଚଳକୁ ଅନ୍ୟପଟେ ବସୁଧା ପ୍ରକଳ୍ପ ଅଚଳ। ଜଳ ଉତ୍ସ ଅଚଳ ଯୋଗୁ ଗ୍ରାମ ନିକଟରେ ପ୍ରବାହିତ ଖରସ୍ରୋତା ନଦୀ ଉପରେ ଲୋକେ ନିର୍ଭର କରୁଛନ୍ତି। କୁମ୍ଭୀର ଭର୍ତ୍ତି ଖରସ୍ରୋତା ନଦୀରୁ ଗ୍ରାମବାସୀ ଜୀବନକୁ ପାଣି ଛଡ଼ାଇ ପାଣି ସଂଗ୍ରହ କରୁଛନ୍ତି। ଏ ଦିଗରେ ପଞ୍ଚାୟତ କି ବ୍ଲକ ପ୍ରଶାସନ କେହି ତ୍ୱରତା ପ୍ରକାଶ କରୁନାହାନ୍ତି।

ଆଳି ବ୍ଲକ ବାଲକାଟି ପଞ୍ଚାୟତର ରାଣୀପୋଖରୀ ଓ ନାଗପଡ଼ା ଗ୍ରାମର ୬ଟି ୱାର୍ଡରେ ବସବାସ କରୁଥିବା ଲୋକମାନଙ୍କ ନିମନ୍ତେ ରାଣୀପୋଖରୀଠାରେ ବସୁଧା ପାନୀୟ ଜଳ ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପଟି ୪ ଦିନ ହେବ ଅଚଳ ହୋଇ ପଡ଼ିଥିବାରୁ ଲୋକମାନେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଗ୍ରାମର ଥିବା ନଳକୂଅ ଅଚଳ ଅବସ୍ଥା ନ କହିଲେ ଭଲ। କେଉଁଠି ଲୁଣି ପାଣି ବାହାରୁଛି ତ ଆଉ କେଉଁଠି ନଳକୂଅ ଭାଙ୍ଗି ପଡିଛି। ଏଭଳି ପରିସ୍ଥିତିରେ ଲୋକମାନେ ଘର ନିକଟରେ ପ୍ରବାହିତ କୁମ୍ଭୀର ଭରା ଖରସ୍ରୋତା ନଦୀ ଉପରେ ନିର୍ଭର କରୁଛନ୍ତି। ମହିଳାପୁରୁଷ ମାନେ ଗରାବାଲଟି ସାହାଯ୍ୟରେ ନଦୀରୁ ପାଣି ସଂଗ୍ରହ କରି ବ୍ୟବହାର କରୁଛନ୍ତି। ଖରସ୍ରୋତା ନଦୀରେ କୁମ୍ଭୀରଙ୍କ ପ୍ରାଦୁର୍ଭାବ ରହୁଥିବା ବେଳେ କେତେବେଳେ କୌଣସି ପରିସ୍ଥିତିରେ ଅଘଟଣ ନ ଘଟିବ କହିବା ଅସମ୍ଭବ। ତୁରନ୍ତ ବସୁଧା ଜଳ ପ୍ରକଳ୍ପକୁ ମରାମତି କରି ପାଣି ଯୋଗାଇ ଦେବାକୁ ୨ ଗ୍ରାମର ଅଧିବାସୀ ଦାବି କରିଛନ୍ତି।ଏ ବିଷୟରେ ସରପଞ୍ଚ ସୁକାନ୍ତି ପରିଡାଙ୍କୁ ପଚାରିବାରେ ଜଳ ପ୍ରକଳ୍ପର ମୋଟର ପୋଡି ଯାଇଥିବାରୁ ଏହାକୁ ମରାମତି କରିବା ବିଳମ୍ବ ଘଟିଛି। ୨ଦିନ ମଧ୍ୟରେ ସଜଡ଼ା ଯିବାର ବ୍ୟବସ୍ଥା ହେଉଛି ବୋଲି ସେ କହିଛନ୍ତି।

# ଜାତୀୟ ଦୃଷ୍ଟିବାଧିତ ଜୁଡୋରେ ଓଡ଼ିଶାକୁ ୧୫ ପଦକ

ପାରାଦୀପ, ୨୫।୧୨(ଶରତ ରାଉତ)

ରାଜସ୍ଥାନଠାରେ ଗତ ୧୯ ରୁ ୨୩ ପର୍ଯ୍ୟନ୍ତ ଚାଲିଥିବା ଜାତୀୟ ପାରା ଜୁଡୋ ଚାମ୍ପିୟନଶିପରେ ଓଡ଼ିଶା ୧୫ ପଦକ ପାଇବା ସହ ରନରଅପ୍ ହୋଇଛି। ଉକ୍ତ ୨୫ ଜଣିଆ ଓଡ଼ିଶା ଟିମ୍ ପଦକ ସହ ଗୁରୁବାର ସନ୍ଧ୍ୟାରେ ପାରାଦୀପରେ ପହଞ୍ଚିଛନ୍ତି। ଏହି ପଦକ ମଧ୍ୟରେ ୪ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୮ବ୍ରୋଞ୍ଜ ରହିଛି ବୋଲି କୋଚ ଲୋପାମୁଦ୍ରା ପତି କହିଛନ୍ତି। ଗତବର୍ଷ ଏହି ଟିମ୍ ଜାତୀୟ ଖେଳରେ ୧୦ ପଦକ ଜିତିଥିଲେ। ସୂଚନାଯୋଗ୍ୟ, ଓଡ଼ିଶା ଟିମ ପାଇଁ ରାଜ୍ୟର ୨୫ ଜଣ ଦୃଷ୍ଟିବାଧିତ ଖେଳାଳିଙ୍କୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଆବଶ୍ୟକ ଭିତ୍ତିଭୂମି ଓ ଖାଦ୍ୟ ଯୋଗାଇଥିଲେ ଏବଂ ପାରାଦୀପର ଇଫ୍‌କୋ କାରଖାନା ଖେଳାଳିଙ୍କ କ୍ରୀଡ଼ା ଉପକରଣ ଓ ଯାତାୟାତ ଖର୍ଚ୍ଚ ବହନ କରିଛନ୍ତି।



ବିଭିନ୍ନ ପଦକ ଓ ଟ୍ରଫି ସହ ଖେଳାଳିମାନେ।

# ସେମିରେ ବାଲାବାବା କେନ୍ଦ୍ରାପଡ଼ା

କୁଜଙ୍ଗ,୨୫।୧୨(ମନୋଜ ପ୍ରଧାନ)

## କୁଜଙ୍ଗ କପ୍ ଟି-୨୦ କ୍ରିକେଟ୍



ହିମାଂଶୁ ସାହୁଙ୍କୁ ଅତିଥି ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

ରାଜ୍ୟସ୍ତରୀୟ କୁଜଙ୍ଗ କପ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି ଏଥିରେ କେନ୍ଦ୍ରାପଡ଼ାର ବାଲାବାବା କ୍ରିକେଟ କ୍ଲବ ଭୁବନେଶ୍ୱରର ରେଡଷ୍ଟାର କ୍ରିକେଟ କ୍ଲବକୁ ୨ ଉଇକେଟରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଟସଜିଣି ରେଡଷ୍ଟାର ଦଳ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି ଦଳ ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୧୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆଶିଷ କାମ୍ବଲୀ ସର୍ବାଧିକ ୨୮ ରନ ସଂଗ୍ରହ କରିଥିଲେ। ସେହିପରି ବାଲାବାବା କ୍ରିକେଟ କ୍ଲବ ପକ୍ଷରୁ ହିମାଂଶୁ ସାହୁ ୪ ଓ ବିରଞ୍ଚି ନାରାୟଣ ୩ ଉଇକେଟ ଅକ୍ତିଆର କରିଥିଲେ । ଜବାବରେ ବାଲାବାବା ଦଳ ୧୮.୧ ଓଭରରେ ୮ ଉଇକେଟ୍ ବିନିମୟରେ ୧୧୯ ରନ୍ ସଂଗ୍ରହ କରି ବିଜୟୀ ହୋଇଛି। ହିମାଂଶୁ ସାହୁ ଅପରାଜିତ ୬୪ ରନ କରିଥିଲେ। ଉଭୟ ବ୍ୟାଟିଂ ଓ ବୋଲିଂରେ ସଫଳତା ପାଇଁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ମଡେଲ ପବ୍ଲିକ ସ୍କୁଲ କୁଜଙ୍ଗର ପ୍ରିନ୍ସିପାଲ ଅଶୋକ କୁମାର ମହାନ୍ତି ଓ ଡା. ସତ୍ୟ ପ୍ରଧାନ ପୁରସ୍କାର ରାଶି ଓ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ମ୍ୟାଚକୁ ସୁରେଶ ଲେଙ୍କା ଓ ସଞ୍ଜୟ ପ୍ରଧାନ ପରିଚାଳନା କରିଥିଲେ। କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା. ପ୍ରୀତମ ଶ୍ରୀକୁମାର ଓ ଡା. ପ୍ରଧାନ ଅତିଥି ଭାବେ ମ୍ୟାଚ ଉଦ୍‌ଘାଟନ କରିଥିଲେ। ସେକ୍ ହମିଦ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ବିଶ୍ୱ ରଞ୍ଜନ ସ୍ୱାଇଁ ଓ ପ୍ରମୋଦ କୁମାର ଦାସ ସ୍କୋରର ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। କୁଜଙ୍ଗ ଆଥ୍‌ଲେଟିକ କ୍ଲବର ସଭାପତି ଦିଲୀପ କୁମାର ସାହୁ, ଉପସଭାପତି ପ୍ରଶାନ୍ତ କୁମାର ପଟ୍ଟନାୟକ, ସମ୍ପାଦକ ରଜନୀକାନ୍ତ ଗୁରୁ, ସହ ସମ୍ପାଦକ ବୈଷ୍ଣବ ଚରଣ ଦାସ(ଚଗ), କ୍ରୀଡା ସଙ୍ଗଠକ ପ୍ରଦ୍ୟୁମ୍ନ କିଶୋର ପଟ୍ଟନାୟକ,ସହ କ୍ରୀଡା ସଙ୍ଗଠନ ବିଶ୍ୱନାଥ ମଲ୍ଲିକ, ସନ୍ତୋଷ ମଲ୍ଲ, ରଶ୍ମୀରଞ୍ଜନ ମହାପାତ୍ର ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।




# ବାଜପେୟୀଙ୍କ ଦର୍ଶନ ଭାରତକୁ ବିକଶିତ ପଥେ ନେଇଛି

କୁଜଙ୍ଗ/ରାହାମା, ୨୫।୧୨(ମନୋଜ ପ୍ରଧାନ/ ଶ୍ରୀକାନ୍ତ ଦାସ)

ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଦର୍ଶନ ଆଜି ଭାରତକୁ ବିକଶିତ ପଥରେ ଆଗେଇ ନେବାରେ ସହାୟକ ହୋଇଛି ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମା ଦୁର୍ଗା ମଣ୍ଡପରେ ଅଟଳ ଜନକଲ୍ୟାଣ ଟ୍ରଷ୍ଟ ପକ୍ଷରୁ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ ତମ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କଟକ ପୌର ନିଗମର ମୁଖ୍ୟଯନ୍ତ୍ରୀ ଅତନୁ ସାମନ୍ତ ଯୋଗଦେଇ କହିଥିଲେ, ସ୍ୱାଧୀନତାର ୫୦ ବର୍ଷ ପରେ ଏକ ପୂର୍ଣ୍ଣାଙ୍ଗ ଓ ବିକଶିତ ରାଷ୍ଟ୍ର ଗଠନ ପାଇଁ ଆଉ ଏକ ସଂଗ୍ରାମର ଆବଶ୍ୟକତା ରହିଛି। ବାଜପେୟୀଙ୍କ ଉଦ୍ୟମ ଯୋଗୁ ଭାରତ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି। ତାଙ୍କ ଦର୍ଶନ ଭାରତକୁ ବିକଶିତ ପଥରେ ଆଗଇେ ନେଇଛି ବୋଲି ସାମନ୍ତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ ଭାଜପା ନେତା ଗତିକୃଷ୍ଣ ଶତପଥୀ ଯୋଗଦେଇ ବାଜପେୟୀଙ୍କ ଜୀବନ ଆଦର୍ଶ ଓ ରାଜନୈତିକ ଦର୍ଶନ ଉପରେ ଆଲୋକପାତ କରିଥିଲେ । ପୂର୍ବତନ ମଣ୍ଡଳ ସଭାପତି ବାବାଜୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ରଞ୍ଜନ ବିଶ୍ୱାଳ ଓ ସମୀର ଦାସ ପରିଚାଳନା କରିଥିଲେ।




# ଆମ୍ବେଡକର ସ୍ମୃତି ପରିଷଦ ପକ୍ଷରୁ ସାଧାରଣ ସଭା

ଆଳି,୨୫।୧୨(ବନମାଳୀ ସେନାପତି)

ଭାରତ ରତ୍ନ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଡକରଙ୍କର ମହାପରାୟଣା ଦିବସ ଅବସରରେ ଆଳି ବଇଦିମାଳ ଆମ୍ବେଡକର କ୍ଲବ୍ ପ୍ରାଙ୍ଗଣରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଦଶରଥ ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଶରତ ଚନ୍ଦ୍ର ମହାନ୍ତି , ମୁଖ୍ୟ ବକ୍ତା ଭାବେ ଆଇନଜୀବୀ ରଞ୍ଜନ କୁମାର ମଲିକ, ସମ୍ମାନିତ ଅତିଥି ଅକ୍ଷୟ କୁମାର ମଲିକ, ଧନେଶ୍ୱର ରାଉତ, ସିଙ୍ଗିରି ସରପଞ୍ଚ ଅକ୍ଷୟ କୁମାର ଦାସ, ଚଣ୍ଡିଆଗଡି ସରପଞ୍ଚ ସନାତନ ସାହୁ, ଆବାହକ ମନୋଜ ମଲିକ, ରାମଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଆମ୍ବେଡକରଙ୍କ ଗାରିମା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବେଶ୍ୱର ଜେନା, ବାରେଣୀ ସେଠୀ, ଖଗେଶ୍ୱର ମଲିକ, ଦିଲୀପ ମଲିକ, ପ୍ରମିଳା ସେଠୀ,ବିଳାସିନୀ ମଲିକ, ସୀତା ସୁନ୍ଦରୀ ସେଠୀ, ସୁହାନା ବେଗମ ପ୍ରମୁଖ ଶତାଧିକ କର୍ମକର୍ତ୍ତା ଓ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ। କୋଷାଧ୍ୟକ୍ଷ ବିଷ୍ଣୁ ଚରଣ ମଲିକ ଧନ୍ୟବାଦ ଦେଇଥିଲେ।






# ବାଂଲାଦେଶରେ ହିନ୍ଦୁ ହତ୍ୟା, ନୟାଗଡ଼ରେ ବିକ୍ଷୋଭ

## ବିକ୍ଷୋଭ କରି ଇସ୍‌ଲାମିକ୍ କଟ୍ଟରପନ୍ଥୀଙ୍କୁ ସମାଲୋଚନା



ନୟାଗଡ଼ରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ନୟାଗଡ,୨୫।୧୨(ଲୋକନାଥ ମିଶ୍ର)**

ବାଂଲା ଦେଶରେ ଇସ୍‌ଲାମିକ କଟ୍ଟରପନ୍ଥୀଙ୍କ ଦ୍ୱାରା ହିନ୍ଦୁଙ୍କୁ ନିର୍ମମ ହତ୍ୟା ପ୍ରତିବାଦ ନୟାଗଡ଼ରେ ଦେଖା ଦେଇଛି। ଏନେଇ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବିଶ୍ୱ ହିନ୍ଦୁ ପରିଷଦ ଜିଲା ସଭାପତି ଭଗବାନ ସାହୁ, ପ୍ରାନ୍ତ ଅଧିକାରୀ ଶାନ୍ତନୁ ସ୍ୱାଇଁ, ଯୁବ ଭାଜପା ନେତାଙ୍କ ନେତୃତ୍ୱରେ ନୟାଗଡ଼ ଗୋଲେଇ ଟ୍ରାଫିକ ଛକରେ ବିକ୍ଷୋଭ କରାଯାଇ କଟ୍ଟରପନ୍ଥୀଙ୍କୁ ସମାଲୋଚନା ଓ ନିନ୍ଦା କରାଯାଇଥିଲା। ପୂର୍ବରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

# ସଫେଇ ହେଉନଥିବାରୁ ଡିଏଚ୍‌ଏଚ୍‌ରୁ ବାହାରୁଛି ଦୁର୍ଗନ୍ଧ

## ଦୁଇ ଦିନରେ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ

**ନୟାଗଡ଼,୨୫।୧୨(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚଏଚ)ରେ ଦୁଇ ଦିନ ହେଲା ସଫେଇ ହେଉ ନାହିଁ। ଦରମା ପାଇନଥିବାରୁ ପ୍ରାୟ ୫୦ ସଫେଇ କର୍ମଚାରୀ ୨ଦିନ ହେଲା ଆନ୍ଦୋଳନ କରିଛନ୍ତି। ଦରମା ନ ମିଳିଲେ ଆନ୍ଦୋଳନ ପ୍ରତ୍ୟାହାର କରିବୁ ନାହିଁ କହିବା ପରେ ସଫେଇ ହୋଇପାରୁ ନାହିଁ। ଏଭଳିସ୍ଥଳେ ଡଷ୍ଟବିନରୁ ଦୁର୍ଗନ୍ଧ ବାହାରିଲାଣି। ସଫେଇ କର୍ମଚାରୀଙ୍କ ଦରମା କାହିଁକି ଦେବାରେ ବିଳମ୍ବ କରାଯାଉଛି। ଏହା ଦ୍ୱାରା ରୋଗୀ ହଇରାଣ ହେଉଛନ୍ତି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ ବେହେରା କୁହନ୍ତି, ପ୍ରାୟ ଦେଢ଼ ମାସ ହେଲା ସଫେଇ କର୍ମଚାରୀ ଦରମା ପାଇ ନାହାନ୍ତି। ଛୁଟି, ମହୋତ୍ସବ ପରି କିଛି କାରଣ ଯୋଗୁ ଦରମା ଦେବାରେ ବିଳମ୍ବ ହୋଇଛି। ଶୁକ୍ରବାର ଦରମା ହେବ ବୋଲି କୁହାଯାଇଛି। ତେବେ ସଫେଇ କର୍ମଚାରୀ ମୋ କଥା କି ସିଡିଏମ୍‌ଓଙ୍କ କଥା ଶୁଣିଲେ ନାହିଁ। ଦରମା ପାଇବା ପରେ ଆନ୍ଦୋଳନ ପ୍ରତ୍ୟାହାର ହେବ ବୋଲି କହିଥିଲେ। ତେବେ ଚିକିତ୍ସାଳୟରେ ଅଳିଆ ଜମା ହୋଇ ରହୁ ନ ଥିବା କହିଛନ୍ତି।



ଡଷ୍ଟବିନ୍‌ରେ ଅଳିଆ ଭର୍ତ୍ତି ହୋଇ ରହିଛି।

# ୧୮ ପରିବା ଦୋକାନୀଙ୍କୁ ଉଚ୍ଛେଦ

## ନୟାଗଡ଼ କଲେଜ ଉଠାଣି ଅସ୍ଥାୟୀ ବଜାର

## ଦେବୋତ୍ତର କଲୋନୀ ୫ମ ଗଳିରେ ହେବେ ଥଇଥାନ

**ନୟାଗଡ,୨୫।୧୨ (ଲୋକନାଥ ମିଶ୍ର)**

ନୟାଗଡ ଶରଣକୁଳ ରାସ୍ତା ନୟାଗଡ଼ କଲେଜ ଗଡାଣି ଓ ଉଠାଣିରେ ଥିବା ୧୮ ପରିବା ଦୋକାନୀଙ୍କୁ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ଗୁରୁବାର ଉଚ୍ଛେଦ କରାଯାଇଛି । ପ୍ରତିବର୍ଷ ମହୋତ୍ସବ ଆରମ୍ଭ ହେଲେ ଅଥବା ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ରାଜ୍ୟପାଳଙ୍କ ପରି ରାଜନେତାଙ୍କ କାର୍ଯ୍ୟକ୍ରମ ଥିଲେ ଉଚ୍ଛେଦ ହୋଇଥାଏ । ପରେ ପରେ ପୁଣି ସମ୍ପୃକ୍ତ ସ୍ଥାନରେ ଅସ୍ଥାୟୀ ପରିବା ଦୋକାନ ଗଢ଼ି ଉଠେ । ଚଳିତ ବର୍ଷ ବି ମହୋତ୍ସବ ସମୟରେ ଦୋକାନୀମାନେ ଉଚ୍ଛେଦ ହୋଇଛନ୍ତି। ତେବେ ମ୍ୟୁନିସିପାଲିଟି ପକ୍ଷରୁ କୁହାଯାଇଛି ବାରମ୍ବାର ଦୁର୍ଘଟଣା ଯୋଗୁ ଉଚ୍ଛେଦ ହୋଇଛି। ଯେଉଁ ବ୍ୟବସାୟୀ ଉଚ୍ଛେଦ ହୋଇଛନ୍ତି ସେମାନଙ୍କୁ ଦେବୋତ୍ତର କଲୋନୀର ୫ମ ନଂ ଗଳିକୁ ସ୍ଥାନାନ୍ତର କରାଯାଇ ଥଇଥାନ କରାଯିବ ବୋଲି ସୂଚନା ମିଳିଛି।

# ଅଗ୍ନିକାଣ୍ଡରେ ଜଳିଗଲା ଧାନ ଗଦା



ଜଳି ଯାଇଥିବା ଧାନ ଗଦା

**ନୂଆଗାଁ, ୨୫।୧୨(ଧନେଶ୍ୱର ସାହୁ)**

ନୟାଗଡ ଜିଲା ନୂଆଗାଁ ବ୍ଲକ ନୂଆଗାଁ ପଞ୍ଚାୟତ ଖାଲମଡ଼ା ଗ୍ରାମର ମାଝିସାହିରେ ଗୁରବାର ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଖାଲମଡ଼ା ଗ୍ରାମର ୪ ଜଣ ଚାଷୀଙ୍କର ହଜାରରୁ ଊର୍ଦ୍ଧ ଧାନ କଳେଇ ପୋଡି ଯାଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନରେ ଖାଲମଡ଼ା ଗ୍ରାମର ମାଝିସାହିରେ କୌଣସି କାରଣବଶତଃ ଧାନ ଗଦାରେ ନିଆଁ ଲାଗିଥିଲା। ଧାନଗଦାରେ ନିଆଁ ଲାଗିଥିବା ଦେଖି ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ରୁଣ୍ଡ ହେବା ସହ ନିଆଁ ଲିଭାଇବା ପାଇଁ ଉଦ୍ୟମ କରିଥିଲେ। ଅଗ୍ନିଶମ ବାହିନୀକୁ ଯୋଗାଯୋଗ କରିଥିଲେ। ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ଏଥିରେ ଖାଲମଡ଼ା ଗ୍ରାମର ଆରତ ବାରିକ, ଜିତୁ ସାହୁ, ଅରୁଣ ସାହୁ ଓ ବଂଶୀଧର ନାୟକଙ୍କର ଏକ ହଜାରରୁ ଊର୍ଦ୍ଧ୍ୱ ଧାନ କଳେଇ ପୋଡି ଯାଇଥିଲା। ଏହି ଘଟଣାପରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି।

# ରଣପୁର ତଳ ମଣିନାଗ ଦୁର୍ଗା ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି

## ଚୋରି ପରେ କବାଟ, ହୁଣ୍ଡିର ତାଲା ଗାଏବ

**ନୟାଗଡ଼/ ରଣପୁର,୨୫।୧୨ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)**

ନୟାଗଡ଼ ଜିଲା ରଣପୁର ଥାନା ରଣପୁର ତଳ ମଣିନାଗ ଦୁର୍ଗା ମନ୍ଦିରର ହୁଣ୍ଡି ଭାଙ୍ଗି ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚୋରି ହୋଇଛି। ଚୋରମାନେ ମୁଖଶାଳା କବାଟ ଓ ହୁଣ୍ଡି ତାଲା ଭାଙ୍ଗି ଚୋରି କରିବା ପରେ ଭଙ୍ଗା ତାଲାକୁ ନେଇ ଯାଇଛନ୍ତି। ୪ ରୁ ୫ମାସ ହେଲା ମଣିନାଗ ମନ୍ଦିରର ହୁଣ୍ଡି ଭଙ୍ଗାଯାଇ ନ ଥିଲା। ତେବେ ମନ୍ଦିର ସମ୍ମୁଖରେ ପୋଲିସ ମୁତୟନ ଥିବା ସତ୍ତ୍ୱେ ଚୋରି କିପରି ହେଲା ପ୍ରଶ୍ନ ଉଠିଛି। ପ୍ରାୟ ୧୦ ବର୍ଷ ତଳେ ମନ୍ଦିରରୁ ବଡଧରଣର ଚୋରି ହୋଇଥିଲା। ଏହା ପରଠାରୁ ସେଠାରେ ପୋଲିସ ମୁତୟନ ହୋଇଛନ୍ତି। ମନ୍ଦିର ହୁଣ୍ଡିରୁ ଚୋରି ନେଇ ମ୍ୟାନେଜିଂ ଟ୍ରଷ୍ଟି ପ୍ରଶାନ୍ତ କୁମାର ମିଶ୍ର ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରୁଛି।




# ନୀଳମାଧବ ମହାବିଦ୍ୟାଳୟରେ ସୁଶାସନ ଦିବସ ପାଳିତ

## ଆତ୍ମ ନିର୍ଭର ଭାରତ ସ୍ୱଦେଶୀ ସଂକଳ୍ପ ପତ୍ର ପଠନ

**ଖଣ୍ଡପଡା,୨୫।୧୨ (ଅଜୟ କୁମାର ମହାରଣା)**

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ସୁଶାସନ ଦିବସ ପାଳିତ ହୋଇଯାଇଛି । ଅଧକ୍ଷା ଡ. ନନ୍ଦିତା ବାରିକଙ୍କ ଅଧକ୍ଷତାରେ 'ଆତ୍ମ ନିର୍ଭର ଭାରତ' କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ସ୍ୱଦେଶୀ ସଂକଳ୍ପ ପତ୍ର ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅଧାପିକା, ଅଧାପକ, ଅଣଶିକ୍ଷକ କର୍ମଚାରୀ ଏବଂ ଯୁକ୍ତ ୨, ଯୁକ୍ତ ୩ର ଛାତ୍ରୀଛାତ୍ର ସ୍ୱଦେଶୀ ସଂକଳ୍ପ ପତ୍ରକୁ ପାଠକରି ଶପଥ ନେଇଥିଲେ । ଏ ପରିପ୍ରେକ୍ଷୀରେ ଅଧକ୍ଷା ଡ. ବାରିକ ସ୍ୱଦେଶୀ ବସ୍ତ୍ରର ଉପକାରିତା ଓ ଅର୍ଥନୀତି ଅଭିବୃଦ୍ଧି କ୍ଷେତ୍ରରେ ଏହାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ପରବର୍ତ୍ତୀ ସମୟରେ ସ୍ଥାନୀୟ କଂସାବାସନ ସାମଗ୍ରୀ, କଟକର ତାରକସି କାର୍ଯ୍ୟ ତଥା ଏହାର କଳାକୃତିକୁ ଶିକ୍ଷାର୍ଥୀମାନେ ପ୍ରଦର୍ଶନ କରିଥିଲେ । ଶେଷରେ ସଂସ୍କୃତ ବିଭାଗ ମୁଖ୍ୟ ଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଇକ୍ ଧକ୍କାରେ ଚାଲିଗଲା ଜୀବନ

**ନୟାଗଡ଼,୨୫।୧୨ (ଲୋକନାଥ ମିଶ୍ର)**

ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାପରେ ଇଟାମାଟି ଥାନା ଲାଠିପଡା ଓଭର ବ୍ରିଜ ନିକଟରେ ଜଣେ ମହିଳାଙ୍କ ଜୀବନ ଚାଲି ଯାଇଛି। ମୃତକ ହେଲେ ରଣପୁର ଥାନା ଡମସାହି ଦାରଣ ଗାଁର ରମିତା ପ୍ରଧାନ(୪୫)। ରମିତା ଦିଅରଙ୍କ ସହ ବାଇକ୍ ଯୋଗେ ନୟାଗଡ଼ ଯାଉଥିବାବେଳେ ବିପରୀତ ଦିଗରୁ ଅନ୍ୟ ଏକ ବାଇକ୍ ଆସି ଗୁରୁବାର ଅପରାହ୍ନରେ ଧକ୍କା ହୋଇଥିଲା। ରମିତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲାଚ୍। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ନଂ.୪୫୪/୨୫ରେ ମାମଲା ରୁଜୁ କରି ତଦନ୍ତ କରୁଛି ।






# ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

## ମୃତଦେହ ନେଇ ପଳାଇ ଯାଉଥିବାବେଳେ ଧରାପଡ଼ିଲେ

ଦେଓଗାଁ,୨୫।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡିଅନ୍ତର୍ଗତ ଜୁର୍ଲାକାନୀ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି ଜଣେ ଯୁବକ। ମୃତା ମହିଳା ହେଲେ ତପ ମଲ୍ଲିକ (୩୧)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ତପଙ୍କୁ ହତ୍ୟା କରାଯାଇଥିବାନେଇ ତାଙ୍କ ବାପା ଦେଓଗାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୪୧୫/୨୫) ରୁଜୁ କରିଛି। ଅଭିଯୁକ୍ତଙ୍କୁ ଅଟକ ରଖାଯାଇଛି। ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଥିବାବେଳେ ପାରିବାରିକ କଳହକୁ କେନ୍ଦ୍ରକରି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି ବୋଲି ତଦନ୍ତ ଦାୟିତ୍ୱରେ ଥିବା ବନ୍ଧପଡ଼ା ଫାଣ୍ଡି ଅଧିକାରୀ ମଳୟ ପଣ୍ଡା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଜୁର୍ଲାକାନୀ ଗ୍ରାମର ମହାଦେବ ମଲ୍ଲିକ କୌଣସି କାରଣକୁ ନେଇ ସ୍ତ୍ରୀ ତପଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ପରେ ମୃତଦେହକୁ ନେଇ ପଳାଇ ଯାଉଥିବାବେଳେ ଗ୍ରାମବାସୀଙ୍କ ହାବୁଡ଼ରେ ପଡିଯାଇଥିଲେ। ଗ୍ରାମର ଲୋକମାନେ ମହାଦେବଙ୍କୁ କାବୁକରି ଏକ ଖୁଣ୍ଟରେ ବାନ୍ଧି ମାଡ଼ ମାରିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ପଠାଇବା ସହ ଅଭିଯୁକ୍ତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭୀମଭୋଇ ମେଡିକାଲକୁ ପଠାଇଥିଲା। ସେଠାରେ ଚିକିତ୍ସା ଚାଲିଥିବାବେଳେ ସୁସ୍ଥହେବା ପରେ ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଗୁରୁବାର ସକାଳେ ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିବା ସହ ସରଜମିନ ତଦନ୍ତ କରିଥିଲେ। ଅଭିଯୁକ୍ତଙ୍କ ବଡ଼ଭାଇ ଉଦ୍ଧବ କହିଛନ୍ତି, ମହାଦେବ ଘରଜ୍ୱାଇଁ ଭାବେ କଳାହାଣ୍ଡି ଜିଲା ମଦନପୁର ରାମପୁର ଥାନା ଅନ୍ତର୍ଗତ କୁନ୍ଦେଇପାଲି ଗ୍ରାମରେ ସ୍ତ୍ରୀ ଏବଂ ଏକ ଶିଶୁପୁତ୍ର ସହ ରହୁଥିଲେ। ମହାଦେବ ମାନସିକ ବିକାରଗ୍ରସ୍ତ ଥିବାରୁ ମଝିରେ ମଝିରେ ଜୁର୍ଲାକାନୀରେ ଥିବା ନିଜ ଘରେ ମଧ୍ୟ ରହୁଥିଲେ। କିଛିଦିନ ହେଲା ସେ ନିଜ ଘରେ ରହୁଥିବାବେଳେ ତାଙ୍କୁ ଚିକିତ୍ସା କରାଇବା ପାଇଁ ସ୍ତ୍ରୀ ଓ ଶ୍ୱଶୁର ମଧ୍ୟ ଏଠାକୁ ଆସିଥିଲେ। ବୁଧବାର ରାତିରେ କୌଣସି କାରଣରୁ ବନ୍ଦ କୋଠରି ମଧ୍ୟରେ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ମୃତଦେହ ନେଇ ଫେରାର ହୋଇଯାଉଥିଲେ। ହେଲେ ଗ୍ରାମବାସୀ ତାଙ୍କୁ କାବୁ କରିଥିବା ଉଦ୍ଧବ କହିଛନ୍ତି।



ଘଟଣାସ୍ଥଳରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରୁଛି।

# ୫ ବର୍ଷୀୟା ଶିଶୁଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଫେରାର

ଭୋଗରାଇ,୨୫।୧୨(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଞ୍ଚଳର ଜଣେ ୫ବର୍ଷୀୟା ଶିଶୁଙ୍କୁ ବଳାତ୍କାର ଉଦ୍ୟମ ହୋଇଛି। ପଡ଼ୋଶୀ ସମ୍ପର୍କୀୟ ଅଜା ପୀଡ଼ିତା ଶିଶୁଙ୍କୁ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ନାଇଦୋଳି ଗ୍ରାମର ସୁଧୀର ମଣ୍ଡଳଙ୍କ ନାମରେ ଏକ ମାମଲା(ନଂ. ୩୧୩/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପ୍ରଚାରିତ ହେବାପରେ ଅଭିଯୁକ୍ତ ଏବେ ଗାଁରୁ ପଳାଇଯାଇ ଅନ୍ୟ ସ୍ଥାନରେ ଆତ୍ମଗୋପନ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ସମ୍ପୃକ୍ତ ଶିଶୁ ପିଉସୀ ଘରକୁ ଯାଇ ଗତ ୧୮ତାରିଖ ସକାଳେ ଘରକୁ ଫେରିଥିଲେ। ସେହିଦିନ ଅପରାହ୍ନରେ ଅଭିଯୁକ୍ତ ଶିଶୁଙ୍କୁ ପ୍ରଲୋଭନ ଦେଖାଇ ଏକ କୁଣ୍ଡା ଦୋକାନ ଘରକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ଏହି ଘଟଣା ସମ୍ପର୍କରେ ଶିଶୁଟି ନିଜ ଜେଜେମା'ଙ୍କ ଆଗରେ କହିବାରୁ ଘରେ ସମସ୍ତେ ଶୁଣି ଗାଁଲୋକଙ୍କୁ ଜଣାଇଥିଲେ। ଗାଁରେ ଏହାକୁ ନେଇ ବୈଠକ କରାଯାଇଥିଲେ ମଧ୍ୟ ସମାଧାନର ବାଟ ଫିଟି ନ ବାହାରିବାରୁ ଶିଶୁଙ୍କ ମା' ନ୍ୟାୟ ପାଇଁ ଗୁରୁବାର ଏତଲା ଦେଇଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

# ମାଛ ନେଇଯିବାରୁ ନାବାଳକଙ୍କ ଗୁପ୍ତାଙ୍ଗ କାଟିଦେଲେ

ଏରସମା,୨୫। ୧୨(ଦୀପ୍ତି ଖଣ୍ଡୁଆଳ)

ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅନ୍ତର୍ଗତ ଆମ୍ବିକି ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ମାଛ ନେଇଯିବାରୁ ଏହି ଗ୍ରାମର ଜଣେ ୧୩ ବର୍ଷୀୟ ନାବାଳକଙ୍କ ଗୁପ୍ତାଙ୍ଗ କାଟିଦିଆଯାଇଥିବା ଅଭିଯୋଗ ହୋଇଛି। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏନେଇ ପୀଡ଼ିତଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୪୬୦/୨୫) ରୁଜୁ କରିଛି।

ଉକ୍ତ ଗ୍ରାମର ନବି ଟାଙ୍ଗୁରୁ ସ୍ଥାନୀୟ ପୋଖରୀରେ ମାଛ ଧରିବା ପାଇଁ ବନିଶୀ ଲଗାଇଥିଲେ। ସମ୍ପୃକ୍ତ ନାବାଳକ ଉକ୍ତ ବନିଶୀରେ ଲାଗିଥିବା ମାଛକୁ ନେଇଯାଇଥିଲେ। ନବି ଏହା ଜାଣିବା ପରେ କ୍ଷୁବ୍ଧ ହୋଇଯାଇଥିଲେ। ସମ୍ପୃକ୍ତ ନାବାଳକଙ୍କୁ ବାଟରେ ପାଇ ତାଙ୍କୁ ମାଡ଼ ମାରିବା ସହ ଏକ ମାରଣାସ୍ତ୍ରରେ ନବି ତାଙ୍କ ଗୁପ୍ତାଙ୍ଗ କାଟି ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଏରସମା ଥାନା ଅଧିକାରୀ ପ୍ରେମଜିତ ଦାସ କହିଛନ୍ତି।

## ପୂଜା, ଭୋଜିଭାତକୁ କେନ୍ଦ୍ରକରି ଆକ୍ରମଣ

# ଛୁରାମାଡ଼ରେ ୨ ଆହତ, ଅଭିଯୁକ୍ତ ଗିରଫ

ଝାରସୁଗୁଡ଼ା,୨୫।୧୨ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ବଡ଼ମାଳ ଥାନା ଅନ୍ତର୍ଗତ ଶ୍ରୀପୁରା ଗ୍ରାମରେ ଏକ ପୂଜା ଓ ଭୋଜିଭାତ କାର୍ଯ୍ୟକ୍ରମକୁନେଇ ବୁଧବାର ବିଳମ୍ବିତ ରାତିରେ ଛୁରାମାଡ଼ ହୋଇଛି। ଏଥିରେ ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର ସୌଦାଗର ବାଗ ଏବଂ ଈଶ୍ୱର କିଷାନ। ଆହତଦ୍ୱୟଙ୍କ ଅଭିଯୋଗ କ୍ରମେ ବଡ଼ମାଳ ଥାନା ପୋଲିସ ନଂ.୪୦୪/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମଦନ ସେଠଙ୍କୁ ଗିରଫ ପରେ ଗୁରୁବାର କୋର୍ଟଚାଲାଣ କରିଛି।

ପ୍ରକାଶ ଯେ, ବୁଧବାର ଶ୍ରୀପୁରା ଗ୍ରାମରେ ମା' ଦଶମତୀ ଖଳାପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ପୂଜା ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଲୋକମାନେ ଶୃଙ୍ଖଳିତ ଭାବରେ ପ୍ରସାଦ ସେବନ କରିଥିଲେ। ମାତ୍ର କେତେଜଣ ନିଶାସକ୍ତ ଯୁବକ ଭୋଜିଭାତକୁ ନେଇ ପ୍ରଶ୍ନ ଉଠାଇବା ସହିତ ଆୟୋଜକଙ୍କ ସହିତ ଯୁକ୍ତିତର୍କ କରିଥିଲେ। ଫଳରେ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ରାଗିଯାଇ ମଦନ ପାଖରେ ଥିବା ଏକ ଛୁରାରେ ସୌଦାଗର ଏବଂ ଈଶ୍ୱରଙ୍କୁ ଆକ୍ରମଣ କରିଥିଲେ। ଉପସ୍ଥିତ ଲୋକମାନେ ମଦନଙ୍କୁ କାବୁ କରିନେଇଥିବାରୁ ସୌଦାଗର ଏବଂ ଈଶ୍ୱର ଅଧିକ କ୍ଷତାକ୍ତରୁ ବର୍ତ୍ତି ଯାଇଥିଲେ। ଖବର ପାଇ ବଡ଼ମାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଦୁଇଜଣଙ୍କୁ ପ୍ରଥମେ ଶ୍ରୀପୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟ ନେଇ ଚିକିତ୍ସିତ କରାଇଥିଲା। ବର୍ତ୍ତମାନ ଆହତ ଦୁଇଜଣ ସୁସ୍ଥ ଥିବା ବେଳେ ବଡ଼ମାଳ ଥାନା ପୋଲିସ ମାମଲା ରୁଜୁକରିଅଭିଯୁକ୍ତ ମଦନଙ୍କୁଧରିଥିଲା।

# ପୁଣେରୁ ମାଷ୍ଟରମାଇଣ୍ଡଙ୍କୁ ଗିରଫକଲା ଇଓଡବ୍ଲ୍ୟୁ

## ପୋଲିସ ଚାକିରି ନାଁରେ ୧.୪୭ କୋଟି ଠକେଇ ଘଟଣା

- ଗୃହ ବିଭାଗର ବଡ଼ ଅଧିକାରୀ ପରିଚୟ ଦେଇ ଲୁଟୁଥିଲେ
- ୩୮ ଆଶାୟୀ ଫସିଥିଲେ, ପୂର୍ବରୁ ଗିରଫ ହୋଇଛନ୍ତି ୩

ଭୁବନେଶ୍ୱର,୨୫।୧୨
(ସତ୍ୟଜିତ ରାଉତ)

ପୋଲିସ ଚାକିରି କରାଇଦେବାକୁ କହି ୧.୪୭ କୋଟି ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ମାଷ୍ଟରମାଇଣ୍ଡଙ୍କୁ ପୁଣେରୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା କାଳନ୍ଦୀ ରାଉତ ଓରଫ କୁନାଳ ଓରଫ କାଳିଆ। ପୁଣେରୁ ଗିରଫ ପରେ ଇଓଡବ୍ଲ୍ୟୁ ତାଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରିଥିଲା। ପରେ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ଗୁରୁବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତ କାଳନ୍ଦୀଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ସହଯୋଗୀ ବୈକୁଣ୍ଠନାଥ ନାୟକ, ଭୀମ୍‌ସେନ୍ ମହାରଣା ଓ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ କାଳନ୍ଦୀ ଇଓଡବ୍ଲ୍ୟୁକୁ ଚକ୍‌ମା ଦେଇ ଫେରାର ହୋଇଯାଇଥିଲେ।

ସୂଚନା ଅନୁଯାୟୀ, ୨୦୧୩ରେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ ପକ୍ଷରୁ ସବ୍ ଇନ୍ସପେକ୍ଟର, ଡେପୁଟି ସୁବେଦାର ଆଦି ପଦବୀରେ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ୨୦୧୫ରୁ ୨୦୧୬ ମଧ୍ୟରେ ପ୍ରିଲିମିନାରି, ମେନ୍, ଫିଜିକାଲ୍ ଓ ଭାଇଭା ଆଦି ପରୀକ୍ଷା ହୋଇଥିଲା। ଆଶାୟୀ ବାଦଲ କୁମାର ରାଉଳଙ୍କ ସମେତ ୩୮ଜଣ ପରୀକ୍ଷାର ସମସ୍ତ ସୋପାନ ଅତିକ୍ରମ କରିଥିଲେ ମଧ୍ୟ ଭାଇଭାରେ ଅସଫଳ ହୋଇଥିଲେ। ତେବେ ଅଭିଯୁକ୍ତମାନେ ନିଜକୁ ଗୃହ ବିଭାଗର ଏଏସ୍‌ଓ ଏବଂ ବଡ଼ ଅଧିକାରୀ ପରିଚୟ ଦେଇ ସେମାନଙ୍କୁ ମିଛ କଥା କହି ଫସାଇଥିଲେ। ଏହାପରେ ଏକ ସପ୍ଲିମେଣ୍ଟାରି ତାଲିକା ବାହାରିବ ଏବଂ ସେଥିରେ ଏମାନଙ୍କ ନାଁ ରହିବ ବୋଲି ଆଶାୟୀଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲେ। ଆହୁରି ମଧ୍ୟ ନକଲି ଆଇକାର୍ଡ ଆଦି ଦେଖାଇ ନେତା ମନ୍ତ୍ରୀଙ୍କ ସହ ଭଲ ସମ୍ପର୍କ ଥିବା ଆଶାୟୀମାନଙ୍କୁ କହି ଜାଲ ବିଛାଇଥିଲେ। ଆଶାୟୀମାନେ ଅଭିଯୁକ୍ତଙ୍କ କଥାରେ ପଡ଼ି ୨୦୨୦ରେ ବିଭିନ୍ନ ପର୍ଯ୍ୟାୟରେ ନଗଦ ଓ ଅନଲାଇନ୍ ମାଧ୍ୟରେ ମୋଟ୍ ୧ କୋଟି ୪୭ ଲକ୍ଷ ଟଙ୍କା ଦେଇଦେଇଥିଲେ। ତେବେ ଅଭିଯୁକ୍ତମାନେ ଟଙ୍କା ପାଇବା ପରେ ଆଉ ଧରାଛୁଆଁ ଦେଇ ନ ଥିଲେ। ଠକେଇର ଶିକାର ଆଶାୟୀମାନେ ଇଓଡବ୍ଲ୍ୟୁର ଦ୍ୱାରସ୍ଥ ହେବା ପରେ ୨୦୨୧ ନଭେମ୍ବର ୯ରେ ଏକ ମାମଲା (ନଂ.୧୫/୨୦୨୧) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ୨ ଦିନ ପରେ ଅଭିଯୁକ୍ତ ବୈକୁଣ୍ଠନାଥ ଓ ଭୀମସେନ୍ ଏବଂ ପରେ ଅନ୍ୟ ଅଭିଯୁକ୍ତ ଜଣଙ୍କୁ ଗିରଫ କରିଥିଲା ଇଓଡବ୍ଲ୍ୟୁ।

# ଲୋକଲଜ୍ଜା ଭୟରେ ବିଷ ପିଇଲେ ପୀଡ଼ିତା

## ଧାମରାରେ ଯୁବତୀଙ୍କୁ ବଳାତ୍କାର

ଚାନ୍ଦବାଲି,୨୫।୧୨(ଅଶୋକ ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲିରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଚାନ୍ଦବାଲିରେ ୩ଦିନ ଧରି ନିଆଁ ଜଳୁଛି। ଏହି ତାତି ଥମି ନ ଥିବାବେଳେ ଆଉ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଏହି ବ୍ଲକ ଅଧୀନ ଧାମରା ଥାନା ଅଞ୍ଚଳରେ ରୋଷେଇ ଘରେ ଜଣେ ବାପଛେଉଣ୍ଡ ଝିଅଙ୍କୁ ଜଣେ ଯୁବକ ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଗତ ୧୭ ତାରିଖ ସନ୍ଧ୍ୟାରେ ଘଟଣାଟି ଘଟିଥିବା ବେଳେ ଲୋକଲଜ୍ଜା ଭୟରେ ବିଷପିଇ ପୀଡ଼ିତା ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପୀଡ଼ିତାଙ୍କ ମା' ଏନେଇ ଗୁରୁବାର ଧାମରା ଥାନାରେ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି। ପୀଡ଼ିତାଙ୍କ ହାତଲେଖା ଚିଠି ଏବଂ ତାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ଉକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ଅଭିଯୋଗ ଅନୁଯାୟୀ, ଯୁବତୀ ଜଣକ ଗତ ୧୭ ତାରିଖ ସନ୍ଧ୍ୟାରେ ଘରେ ରୋଷେଇ କରୁଥିବା ବେଳେ ସେହି ଗ୍ରାମର ଜଣେ ଯୁବକ ପହଞ୍ଚି ତାଙ୍କ ଓଢ଼ଣିକୁ ଯୁବତୀଙ୍କ ପାଟିରେ ଦେଇ ବଳାତ୍କାର କରିଥିଲେ। ଘଟଣାର ୨ ଦିନ ପରେ ଅର୍ଥାତ୍ ୨୦ ତାରିଖରେ ଯୁବତୀ ଜଣକ ଏକ କାଗଜରେ ଏ ସମ୍ପର୍କରେ ଲେଖି ଦେଇ ଆତ୍ମହତ୍ୟା ପାଇଁ ଦୁଦୁରା ମଞ୍ଜି ଖାଇ ଦେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଧାମରା ସ୍ୱାସ୍ଥ୍ୟକେନ୍ଦ୍ର, ପରେ ଭଦ୍ରକ ଏବଂ କଟକର ଏକ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଛି। ଏହି ଘଟଣା ବାହାରେ ପ୍ରକାଶ କଲେ ତାଙ୍କର ଅନ୍ୟ ଭଉଣୀମାନଙ୍କ ସହ ଏପରି କରାଯିବ ବୋଲି ଯୁବକ ଜଣକ ଧମକ ଦେଇଥିବା ପୀଡ଼ିତା ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି। ଏନେଇ ଧାମରା ଥାନାଧିକାରୀ ଶୋଭନ କୁମାର ସ୍ୱାଇଁ କହିଛନ୍ତି, ଘଟଣାର ସତ୍ୟତା ଅଛି। ଲୋକଲଜ୍ଜା ଭୟରେ ପୀଡ଼ିତା ଏହି ଘଟଣାକୁ ବାହାରେ ପ୍ରକାଶ କରିପାରି ନ ଥିବାବେଳେ ଶେଷରେ ବିଷ ପିଇଦେଇଥିଲେ। ଏନେଇ ଏକ ମାମଲା(ନଂ.୫୬/୨୫) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରହିଛି।

## Business

# ଟାଟା ମୋଟର୍ସର ନୂଆ ସିଏରାର ବଜାର ପ୍ରବେଶ

ଭୁବନେଶ୍ୱର,୨୫।୧୨(ଅନୁରାଧା ମହାରଣା)




ଟାଟା ମୋଟର୍ସ ପାସେଞ୍ଜର ଭେହିକଲ୍ସ ଲିମିଟେଡ୍, ଡିଅନ୍ ଅଟୋମୋଟିଭ୍ସ ପ୍ରାଇଭେଟ୍ ଲିମିଟେଡ୍ ସହ ମିଳିତ ଭାବରେ ବୁଧବାର ଭୁବନେଶ୍ୱରରେ ସମ୍ପୂର୍ଣ୍ଣ ନୂତନ ଟାଟା ସିଏରା ଲଞ୍ଚ କରିଛି। ଏକ ପ୍ରିମିୟମ ମିଡ୍-ଏସ୍‌ୟୁଭି ଭାବରେ ସ୍ଥାନିତ ନୂତନ ସିଏରାର ମୂଲ୍ୟ ୧୧.୪୯ ଲକ୍ଷ (ଏକ୍ସ-ଶୋ'ରୁମ୍)ରୁ ଆରମ୍ଭ ହେଉଥିବା ପ୍ରାରମ୍ଭିକ ମୂଲ୍ୟ ସହିତ ଏସ୍‌ୟୁଭି ସେଗ୍‌ମେଣ୍ଟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି। ବଜାର ପ୍ରବେଶ କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱରର ବିଧାୟକ ବାବୁ ସିଂ, ଟାଟା ମୋଟର୍ସ ପାସେଞ୍ଜର ଭେହିକଲ୍ସ ଏବଂ ଇଲେକ୍ଟ୍ରିକ ମୋବିଲିଟିର ରିଜିଓନାଲ ମ୍ୟାନେଜର ମହମ୍ମଦ ସୋଏବ, ସବ୍ୟସାଚୀ ମିଶ୍ର, ସ୍ଥାନୀୟ କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର ପ୍ରମୁଖ ଯୋଗଦେଇଥିଲେ। ଲଞ୍ଚ ସମୟରେ ଡିଅନ ଅଟୋମୋଟିଭ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ମନୋଜ କୁମାର ସାହୁ କହିଛନ୍ତି, ନୂତନ ସିଏରା ସହ ଆମେ ଭାରତୀୟ ଗତିଶୀଳତା ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରୁଛୁ। ସିଏରା ଏକ ଆଇକନ୍ ଭାବରେ ବଜାରକୁ ଫେରିଛି। ଏହା ଗୌରବ, ବ୍ୟକ୍ତିତ୍ୱ ଏବଂ ପ୍ରଗତିକୁ ପ୍ରତିଫଳିତ କରୁଛି। ଏସ୍କେପ ମେଡିଓକର ବ୍ରାଣ୍ଡ ଦର୍ଶନ ଅଧୀନରେ, ଟାଟା ମୋଟର୍ସ ସିଏରାକୁ କେବଳ ଏକ ଏସ୍‌ୟୁଭି ଭାବରେ ନୁହେଁ – ଆକାଂକ୍ଷା ଏବଂ ପାର୍ଥକ୍ୟତାର ଏକ ବିବୃତି ଭାବରେ ସ୍ଥାନିତ କରେ। ପେଟ୍ରୋଲ ଭାରିଆଣ୍ଟର ମୂଲ୍ୟ ୧୧.୪୯ ଲକ୍ଷରୁ ଆରମ୍ଭ ହେଉଥିବାବେଳେ ଡିଜେଲ ଭାରିଆଣ୍ଟର ମୂଲ୍ୟ ୧୨.୯୯ ଲକ୍ଷ (ଏକ୍ସ-ଶୋ'ରୁମ୍)ରୁ ଆରମ୍ଭ ହେଉଛି। ଭୁବନେଶ୍ୱରରେ ଅନ୍-ରୋଡ୍ ମୂଲ୍ୟ ୧୪.୯୦ ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି ପାଏ।

# ହାତୀ ମୃତ୍ୟୁ ରୋକିବା ପାଇଁ ଇଣ୍ଡୋନେସିଆକୁ ବନ୍‌ତାରାର ସହଯୋଗ

ଭୁବନେଶ୍ୱର,୨୫।୧୨



ଇଣ୍ଡୋନେସିଆରେ ବ୍ୟାପିଥିବା ଏକ ଗମ୍ଭୀର ରୋଗ ଇଇଏଚ୍‌ଭି ସୁମାତ୍ରା ହାତୀମାନଙ୍କ ଜୀବନକୁ ସଙ୍କଟାପନ୍ନ କରୁଛି। ଏହାର ମୁକାବିଲା କରିବା ପାଇଁ ଇଣ୍ଡୋନେସିଆର ବନ ମନ୍ତ୍ରଣାଳୟ ଭାରତର ଗୁଜରାଟରେ ଅବସ୍ଥିତ ବିଶ୍ୱସ୍ତରୀୟ ବନ୍ୟପ୍ରାଣୀ ସଂରକ୍ଷଣ କେନ୍ଦ୍ର ବନ୍‌ତାରାଠାରୁ ବୈଷୟିକ ସହାୟତା ନେଉଛି। ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ବନ୍‌ତାରା ହାତୀମାନଙ୍କର ଚିକିତ୍ସା, ଠିକ୍ ସମୟରେ ରୋଗ ଚିହ୍ନଟ ଏବଂ ନିବାରଣଜନିତ ଯତ୍ନ କ୍ଷେତ୍ରରେ ଏହାର ବିଶେଷଜ୍ଞତା ମାଧ୍ୟମରେ ଇଣ୍ଡୋନେସିଆର ଅଧିକାରୀମାନଙ୍କୁ ସହାୟତା କରୁଛି ଯାହାଦ୍ୱାରା ଇଇଏଚ୍‌ଭି ଦ୍ୱାରା ହେଉଥିବା ହାତୀ ମୃତ୍ୟୁକୁ ଠିକ୍ ତଥା ପ୍ରଭାବୀ ଢଙ୍ଗରେ ନିୟନ୍ତ୍ରଣ କରାଯାଇପାରିବ। ସୁମାତ୍ରା ହାତୀମାନେ ପୂର୍ବରୁ ହିଁ ବିଲୁପ୍ତହେବାର ଗମ୍ଭୀର ବିପଦରେ ରହିଛନ୍ତି ଏବଂ ଆୟୁସିଏନ ଦ୍ୱାରା ସଙ୍କଟାପନ୍ନ ଶ୍ରେଣୀରେ ତାଲିକାଭୁକ୍ତ ହୋଇଛନ୍ତି। ରିଆଉ ପ୍ରଦେଶର ସେବାଙ୍ଗା ହାତୀ ସଂରକ୍ଷଣ କେନ୍ଦ୍ରରେ ଇଇଏଚଭିରେ ଏକ କମ ବୟସର ହାତୀର ମୃତ୍ୟୁ ହେବା ପରେ ଏହି ପଦକ୍ଷେପ ନିଆଯାଇଛି। ଏହାପରେ ଇଣ୍ଡୋନେସିଆ ସରକାର, ଏହାର ସ୍ଥାନୀୟ ସହଯୋଗୀ ଫଉନା ଲ୍ୟାଣ୍ଡ ଇଣ୍ଡୋନେସିଆ ମାଧ୍ୟମରେ ବନ୍‌ତାରାଠାରୁ ବୈଷୟିକ ସହାୟତା ଲୋଡ଼ିଥିଲେ, ଯାହାଦ୍ୱାରା ରୋଗକୁ ଶୀଘ୍ର ଚିହ୍ନଟ କରାଯାଇପାରିବ ଏବଂ ହାତୀମାନଙ୍କ ଉନ୍ନତ ଚିକିତ୍ସା କରାଯାଇପାରିବ। ଏହି ସହଯୋଗର ଆଧାରରେ ବନ୍‌ତାରାର ପ୍ରାଣୀ ଚିକିତ୍ସକ, ଜୀବବିଜ୍ଞାନୀ ଏବଂ ଅନ୍ୟ ବିଶେଷଜ୍ଞମାନେ ରିଆଉରେ ପହଞ୍ଚିଛନ୍ତି। ଏହି ବିଶେଷଜ୍ଞମାନେ ଇଣ୍ଡୋନେସିଆର ଅଧିକାରୀମାନଙ୍କ ସହ ମିଳିତ ଭାବରେ ହାତୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ଏବଂ ରୋଗର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ଉପରେ ଧ୍ୟାନ ଦେଇ ଚିକିତ୍ସା ଓ ଯତ୍ନ ପ୍ରଣାଳୀକୁ ସୁଦୃଢ଼କରିବା ଦିଗରେ କାମ କରୁଛନ୍ତି।

# ନିବେଶକଙ୍କ ଯୋଗଦାନ ସୁଦୃଢ଼ କରିଛି ଏନ୍‌ଏସ୍‌ଇ

ଭୁବନେଶ୍ୱର,୨୫।୧୨

ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (ଏଏସ୍‌ଇ) ଉତ୍ସାହର ସହ ୨୦୨୫କୁ ଶେଷ କରିବାକୁ ପ୍ରସ୍ତୁତ ରହିଛି। ଏହା ସ୍ଥିର ବଜାର ଅଭିବୃଦ୍ଧି, ବଜାରରେ ଅଧିକ ନିବେଶକଙ୍କ ଯୋଗଦାନ ଏବଂ ନୂତନ ଉତ୍ପାଦ ପ୍ରଚଳନ ଦ୍ୱାରା ସମ୍ଭବ ହୋଇଛି। ଏହିବର୍ଷ ମଧ୍ୟରେ ଭାରତରେ ଷ୍ଟକ୍‌ବଜାର ସ୍ଥିର ରହିଥିବାବେଳେ ନିଫ୍ଟି ୫୦ ସୂଚକାଙ୍କ ପ୍ରାୟ ୧୦% ବୃଦ୍ଧି ପାଇଛି ଏବଂ ଏନ୍‌ଏସ୍‌ଇରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମୋଟ ମୂଲ୍ୟ ପ୍ରାୟ ଟ.୪୬୯ ଲକ୍ଷ କୋଟିକୁ ବୃଦ୍ଧି ପାଇଛି। ଏହା ନିବେଶକଙ୍କ ମଧ୍ୟରେ ନିରନ୍ତର ବିଶ୍ୱାସ ଏବଂ ସ୍ଥିର ସମ୍ପତ୍ତି ସୃଷ୍ଟିକୁ ଦର୍ଶାଉଛି। ୨୦୨୫ରେ କମ୍ପାନୀଗୁଡ଼ିକ ବଜାର ମାଧ୍ୟମରେ ଟଙ୍କା ସଂଗ୍ରହ କରିବା ଜାରି ରଖିଥିଲେ। ଏନ୍‌ଏସ୍‌ଇ ମାଧ୍ୟମରେ ସଂଗୃହୀତ ମୋଟ ପାଣ୍ଠି ପ୍ରାୟ ୭% ବୃଦ୍ଧି ପାଇ ୧୯ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି। କମ୍ପାନୀଗୁଡ଼ିକ ସେମାନଙ୍କର ଅଭିବୃଦ୍ଧି ଏବଂ ବ୍ୟବସାୟିକ ଆବଶ୍ୟକତାକୁ ପାଣ୍ଠି ଯୋଗାଇବା ପାଇଁ ଶେୟାର ଏବଂ ବଣ୍ଡ ଉଭୟକୁ ସକ୍ରିୟ ଭାବରେ ବ୍ୟବହାର କରିଛନ୍ତି। ଆଇପିଓ ବଜାର ମଧ୍ୟ ସକ୍ରିୟ ରହିଥିଲା। ଏନ୍‌ଏସ୍‌ଇର ମେନ୍‌ବୋର୍ଡ ଏବଂ ଏସ୍‌ଏମ୍‌ଇ ପ୍ଲାଟ୍‌ଫର୍ମରେ ଆଇପିଓଗୁଡ଼ିକ ମାଧ୍ୟମରେ ୨୦୦ରୁ ଅଧିକ କମ୍ପାନୀ ପାଣ୍ଠି ସଂଗ୍ରହ କରିଛନ୍ତି, ଯାହା ମିଳିତ ଭାବରେ ପ୍ରାୟ ୧.୭୭ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଥିଲା। ଏହା ନୂତନ ଏବଂ ବୃଦ୍ଧି ପାଉଥିବା କମ୍ପାନୀଗୁଡ଼ିକ ପ୍ରତି ନିବେଶକଙ୍କ ଆଗ୍ରହକୁ ଉଲ୍ଲେଖ କରୁଛି। ବାଣିଜ୍ୟ ପରିମାଣ ଅନୁସାରେ ଏନ୍‌ଏସ୍‌ଇ ବିଶ୍ୱର ସର୍ବବୃହତ୍ ଡେରିଭେଟିଭ୍ସ ଏକ୍ସଚେଞ୍ଜ ଭାବରେ ଏହାର ସ୍ଥାନ ବଜାୟ ରଖିଛି। ବିଶ୍ୱ ସ୍ତରରେ ଏନ୍‌ଏସ୍‌ଇ ଇଣ୍ଟରନ୍ୟାଶନାଲ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ ଆଇଏକ୍ସ) ଏହି ବର୍ଷ ମଧ୍ୟରେ ୧ ଟ୍ରିଲିୟନ ଆମେରିକୀୟ ଡଲାରରୁ ଅଧିକ ଆନୁମାନିକ କାରବାରର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି। ସମଗ୍ର ଦେଶରୁ ଅଧିକ ଲୋକ ଏହି ବଜାରରେ ଅଂଶଗ୍ରହଣ କରିଥିଲେ। ୨୦୨୫ରେ ପ୍ରାୟ ୧.୫ କୋଟି ନୂତନ ନିବେଶକ ଯୋଡିହେବା ସହ ଅନ୍ୟ ପଞ୍ଜୀକୃତ ନିବେଶକଙ୍କ ସଂଖ୍ୟା ୧୨.୪ କୋଟି ଅତିକ୍ରମ କରିଥିଲା।

# ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୧୫ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,୨୫।୧୨(ଅନୁରାଧା ମହାରଣା)

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ୧୧୫ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଅଧୀନ ଆର୍ଥିକ ସେବା ବିଭାଗ (ଡିଏଫ୍‌ଏସ୍)ର ସଚିବ ଆଇଏଏସ୍ ଏମ୍. ନାଗରାଜୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସୋରାବ୍‌ଜୀ ପୋଚଖାନାୱାଲାଙ୍କ ଉକ୍ତିକୁ ଉଦ୍ଧୃତକରି ନାଗରାଜୁ କହିଥିଲେ, ଏକ ଭଲ ବ୍ୟାଙ୍କର ଲାଭ କେବଳ ତାହାର ବ୍ୟାଙ୍କିଙ୍ଗ୍ ହଲ୍‌ର ଚାରିକାନ୍ଥ ମଧ୍ୟରେ ସୀମିତ ନୁହେଁ କିମ୍ବା ଏହାର ବ୍ୟାଙ୍କିଙ୍ଗ୍ ବ୍ୟବସାୟର ସୀମା ଦ୍ୱାରା ସୀମିତ ନୁହେଁ। ଏହା ବାଣିଜ୍ୟ, ଶାଖା ଏବଂ ଆର୍ଥିକ କାର୍ଯ୍ୟକଳାପର ପ୍ରତ୍ୟେକ କ୍ଷେତ୍ର ପର୍ଯ୍ୟନ୍ତ ବିସ୍ତାରିତ। ଋଣରେ ୭୨ ପ୍ରତିଶତ ରାମ (ରିଟେଲ, କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ) ଶେୟାର ଦେଶର ସାଧାରଣ ଜନତାଙ୍କ ସେବା ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଥିବା ସେ କହିଥିଲେ। ବ୍ୟାଙ୍କ ତାହାର ବ୍ୟବସାୟ ଓ ଅଭିବୃଦ୍ଧିରେ ସୁଧାର ଆଣିଛି। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କଲ୍ୟାଣ କୁମାର, ଏମ୍. ନାଗାରାଜୁଙ୍କ ଦୀର୍ଘ ଓ ଗୌରବମୟ ଅଭିଜ୍ଞତା ଉପରେ ଆଲୋକପାତ କରିଥିଲେ। ଡିଏଫ୍‌ଏସ୍ ସଚିବ ଭାବରେ ଏମ୍. ନାଗରାଜୁ ଭାରତର ବ୍ୟାଙ୍କିଙ୍ଗ୍, ବୀମା ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକୁ ମଜଭୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। କଲ୍ୟାଣ କୁମାର କହିଥିଲେ, ବ୍ୟାଙ୍କର ସାରା ଭାରତରେ ୨୧,୪୯୨ଟି ଟଚ୍ ପଏଣ୍ଟ ରହିଛି ଯାହା ମଧ୍ୟରେ ୪,୫୫୬ଟି ଶାଖା ଅନ୍ତର୍ଭୁକ୍ତ । ଏହାର ୬୫.୧୪% ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳ ଏରିଆରେ ଅବସ୍ଥିତ। ଚଳିତ ମାସ ୩୦ ତାରିଖ ସୁଦ୍ଧା ବ୍ୟାଙ୍କର ମୋଟ୍ ବ୍ୟବସାୟ ୭,୩୭,୯୩୮ କୋଟି ଟଙ୍କା ଥିବାବେଳେ କାସା ଜମା ମୋଟ୍ ଜମାର ୪୬.୮୩ ପ୍ରତିଶତ । ପ୍ରତିଷ୍ଠା ଦିବସ ଅବସରରେ 'ଫିଟ୍ ରୁହନ୍ତୁ-ସୁସ୍ଥ ରୁହନ୍ତୁ, ଗଛ ଲଗାନ୍ତୁ-ପୃଥିବୀକୁ ବଞ୍ଚାନ୍ତୁ, ସ୍ୱଚ୍ଛ ଭାରତ, ସେବା ହିଁ ସଂକଳ୍ପ ଏବଂ ସେଣ୍ଟ ଇଣ୍ଟେଲିକା ଆଦି କାର୍ଯ୍ୟକ୍ରମ ରହିଛି।ଏହି ପଦକ୍ଷେପ ଅନ୍ତର୍ଗତ ସାରା ଦେଶରେ ୨୫ ହଜାରରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। ଗ୍ରାହକ ଅଭିଯୋଗ ସମାଧାନ ସମ୍ପର୍କିତ ଏକ ହ୍ୟାଣ୍ଡ ବୁକ୍ ଉନ୍ମୋଚନ ହୋଇଥିଲା। ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏମ୍ .ଭି .ମୁରଳୀ କ୍ରିଷ୍ଣା ଧନ୍ୟବାଦ ଦେଇଥିଲେ।

# କୁଆଖିଆ ମହୋତ୍ସବରେ ଫ୍ରିଡମ ଷ୍ଟଲ୍



ଭୁବନେଶ୍ୱର,୨୫।୧୨(ଅନୁରାଧା ମହାରଣା)

ଯାଜପୁରରେ ଚାଲିଥିବା ୧୨ ଦିନିଆ କୁଆଖିଆ ମହୋତ୍ସବରେ ଭଳି କି ଭଳି ମନଲୋଭା ସମ୍ଭାର ସାଙ୍ଗକୁ ମିନାବଜାର ଯାତ୍ରୀଙ୍କ ବେଶ୍ ମନୋରଞ୍ଜନ କରୁଛି । ସଭାପତି ଅଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବରେ ଫ୍ରିଡମ ଅଏଲର ଏକ ଷ୍ଟଲ ଖୋଲାଯାଇଛି। ବିତରକ ଜଗନ୍ନାଥ ଏଣ୍ଟରପ୍ରାଇଜର୍ସର ମୁଖ୍ୟ ଦିଲୀପ ସାମଲଙ୍କ ସଂଯୋଜନାରେ ଏହା ଉଦ୍‌ଘାଟିତ ହୋଇଯାଇଛି। ପ୍ରତ୍ୟେକ ତେଲର କ୍ରୟ ଉପରେ ଆକର୍ଷଣୀୟ ରିହାତି ରହିଥିବା ବେଳେ ୫ଲିଟର ଜାର୍ କିଣିଲେ ଗୋଟିଏ ବାଲ୍‌ଟି ସମ୍ପୂର୍ଣ୍ଣ ଭାବେ ମାଗଣାରେ ଯୋଗାଇ ଦିଆଯାଉଛି ବୋଲି ଫ୍ରିଡମର ଓଡ଼ିଶା ହେଡ୍ ଅମିୟ କୁମାର ଧଳ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସମ୍ପାଦକ ସନ୍ତୋଷ କୁମାର ରାଉତ, ପ୍ରକାଶ କୁମାର ପାତ୍ର, ଭାଗ୍ୟରଞ୍ଜନ ସେଠୀ, ବସନ୍ତ କୁମାର ଘଢ଼େଇ, ପ୍ରଦୀପ କୁମାର ଦେଓ ପ୍ରମୁଖ ଉପସ୍ଥିତ ଥିଲେ ।






ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମବାର୍ଷିକୀରେ ଗୁରୁବାର ନୂଆଦିଲ୍ଲୀର ବିଜୟ ଘାଟସ୍ଥିତ ସଦୈବ ଅଟଳ ସ୍ମାରକୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।(ଫଟୋ: ଚମନ ଗୌତମ)

## ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ପିଟି ହତ୍ୟା

**ଢାକା,୨୫।୧୨**

ବାଂଲାଦେଶରେ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସ ହତ୍ୟା ଘଟଣାକୁ ନେଇ ଉତ୍ତେଜନା ଲାଗିରହିଥିବାବେଳେ ବୁଧବାର ରାତିରେ ରାଜବାରି ଜିଲାରେ ଆଉଜଣେ ହିନ୍ଦୁଙ୍କୁ ଗ୍ରାମବାସୀ ପିଟିମାରିଦେଇଛନ୍ତି। ବଟିଆଦାୟ ଅଭିଯୋଗରେ ତାଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। ମୃତକ ଜଣକ ୩୦ ବର୍ଷୀୟ ଅମ୍ରିତ୍ ମଣ୍ଡଳ ଓରଫ ସମ୍ରାଟ। ଗୁରୁତର ଅବସ୍ଥାରେ ପୋଲିସ ତାଙ୍କୁ ହସ୍ପିଟାଲକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ସମ୍ରାଟଙ୍କ ଜଣେ ସହଯୋଗୀ ମହମ୍ମଦ ସେଲିମ୍‌ଙ୍କୁ ଅଟକ ରଖିବା ସହ ୨ଟି ବନ୍ଧୁକ ଜବତ କରିଛି। ସମ୍ରାଟଙ୍କ ନାମରେ ହତ୍ୟା ସମେତ ୨ଟି ମାମଲା ରହିଥିଲା। ସେ ସମ୍ରାଟ ବାହିନୀ ନାମରେ ସଂଗଠନ ଗଢ଼ି ସ୍ଥାନୀୟ ଲୋକଙ୍କୁ ଧମକଚମକ ଦେଇ ବଟି ଆଦାୟ କରୁଥିଲେ। ଦୀର୍ଘଦିନ ଭାରତରେ ରହି ସେ ନିକଟରେ ବାଂଲାଦେଶ ଫେରିଥିଲେ।

## ବୁଡ଼ାଜାହାଜରୁ କେ-୪ ମିଶାଇଲର ସଫଳ ପରୀକ୍ଷା



**ନୂଆଦିଲ୍ଲୀ,୨୫।୧୨**

ବଙ୍ଗୋପସାଗରରେ ଭାରତୀୟ ବୁଡ଼ାଜାହାଜ ଆଇଏନ୍‌ଏସ୍ ଅରିଘାତରୁ ଆଣବିକ ଶକ୍ତିସମ୍ପନ୍ନ କେ-୪ କ୍ଷେପଣାସ୍ତ୍ରର ପରୀକ୍ଷା ସଫଳତାର ସହ କରାଯାଇଛି। ଏହି ସବ୍‌ମେରାଇନ ଲଞ୍ଚ୍‌ଡ ବାଲିଷ୍ଟିକ୍ ମିଶାଇଲ (ଏସ୍‌ଏଲ୍ ବିଏମ୍) ୩,୫୦୦ କିଲୋମିଟର ରହିଥିବା କେନ୍ଦ୍ର କହିଛି। ୨୦୨୪ ଅଗଷ୍ଟରେ ଆଇଏନ୍‌ଏସ୍ ଅରିଘାତ ଭାରତୀୟ ସେନାରେ ସାମିଲ ହୋଇଥିଲା। ଏହା ଭାରତର ସଦ୍ୟତମ ଆଣବିକ ଶକ୍ତିସମ୍ପନ୍ନ ବୁଡ଼ାଜାହାଜ। ଏଥିରେ କେ-୪ ମିଶାଇଲ୍ ସାମିଲ କରାଯାଇଥିବାରୁ ଏହା ଭାରତର ସାମରିକ ମୁକାବିଲା ସାମର୍ଥ୍ୟ ବଢ଼ାଇବ।

## ସେନ୍‌ଗାରଙ୍କ ଜେଲଦଣ୍ଡ ସ୍ଥଗିତ ନିର୍ଦ୍ଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

**ଉନ୍ନାଓ ବଳାତ୍କାର ମାମଲା**

**ନୂଆଦିଲ୍ଲୀ,୨୫।୧୨(ପି.ଟି.)**

୨୦୧୭ ଉନ୍ନାଓ ବଳାତ୍କାର ମାମଲାରେ ବହିଷ୍କୃତ ଭାଜପା ନେତା କୁଲଦୀପ୍ ସିଂ ସେନ୍‌ଗାରଙ୍କ ଜେଲଦଣ୍ଡକୁ ଦିଲ୍ଲୀ ହାଇକୋର୍ଟ ସ୍ଥଗିତ ରଖିଥିବାବେଳେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଲଗାଇବା ପାଇଁ ଆବେଦନକାରୀ ଅଞ୍ଜଲେ ପଟେଲ୍ ଏବଂ ପୂଜା ଶିଳ୍ପକର ପିଟିଶନରେ ନିବେଦନ କରିଛନ୍ତି। ବଳାତ୍କାର ମାମଲାରେ ତଳକୋର୍ଟ ସେନ୍‌ଗାରଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ତଳକୋର୍ଟଙ୍କ ରାୟକୁ ଅନୁଧ୍ୟାନ ନ କରି ହାଇକୋର୍ଟ ରାୟ ଦେଇଥିବା ଆବେଦନକାରୀ ଦର୍ଶାଇଛନ୍ତି। ସେନ୍‌ଗାରଙ୍କ ବିରୋଧରେ ପୂର୍ବରୁ ଗମ୍ଭୀର ଆପରାଧିକ ମାମଲା ଥିବା ଏବଂ ସେ ବଳାତ୍କାରରେ ସାମିଲ ଥିବା ପ୍ରମାଣିତ ହୋଇଥଲା। ଗତ ୨୩ରେ ହାଇକୋର୍ଟ ଦୋଷୀସାବ୍ୟସ୍ତ ସେନ୍‌ଗାରଙ୍କ ଜେଲ ଦଣ୍ଡାଦେଶକୁ ସ୍ଥଗିତ ରଖିଥିଲେ। ଅପରାଧୀ ୭ ବର୍ଷ ୫ ମାସ ଜେଲରେ କଟାଇସାରିଲେଣି ବୋଲି ହାଇକୋର୍ଟ କହିଥିଲେ।

# ଆରାବଳୀ: ନୂଆ ଖନନ ସମ୍ପୂର୍ଣ୍ଣ ବନ୍ଦ

**ନୂଆଦିଲ୍ଲୀ,୨୫।୧୨**

ଆରାବଳୀ ପର୍ବତମାଳାରେ ନୂଆ ଖନନ ସକାଶେ ଲିଜ୍ ପ୍ରଦାନ ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରିବା ପାଇଁ କେନ୍ଦ୍ର ସରକାର ବୁଧବାର ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଆରାବଳୀ ଗିରିଶୃଙ୍ଗର ସୁରକ୍ଷା ପାଇଁ ଏକ ବିସ୍ତୃତ ମ୍ୟାନେଜ୍‌ମେଣ୍ଟ ଯୋଜନା ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ନୂଆ ମାଇନିଂ ଲିଜ୍‌ଗୁଡ଼ିକ ଉପରେ ସୁପ୍ରିମକୋର୍ଟଙ୍କ ଏକ ସଦ୍ୟ କଟକଣା ପରେ କେନ୍ଦ୍ର ଏହି ନିଷ୍ପତ୍ତି ନେଇଛି।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି, ଦିଲ୍ଲୀ ଗୁଜରାଟ ପର୍ଯ୍ୟନ୍ତ ବିସ୍ତୃତ ସମଗ୍ର ଆରାବଳୀ ଗିରିଶୃଙ୍ଗକୁ ବେଆଇନ ଖନନରୁ ସୁରକ୍ଷା ଦେବା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ରାଜ୍ୟଗୁଡ଼ିକ କୌଣସି ନୂଆ ଖନନ ଲିଜ୍ ପ୍ରଦାନ କରିପାରିବେ ନାହିଁ। ଗୁଜରାଟରୁ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ଯାଏ ଚାଲିଥିବା



ସମସ୍ତ ଅନିୟନ୍ତ୍ରିତ ଖନନ କାର୍ଯ୍ୟକଳାପ ବନ୍ଦ କରିବାକୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ସମଗ୍ର ଆରାବଳୀର ଆଉ କେଉଁ ଅଞ୍ଚଳଗୁଡ଼ିକରେ ଖନନ ବନ୍ଦ କରାଯିବା ଉଚିତ, ତାହା ମଧ୍ୟ ଚିହ୍ନଟ କରିବାକୁ ଭାରତର ଜଙ୍ଗଲ ଗବେଷଣା ଓ ଶିକ୍ଷା ପରିଷଦ (ଆଇସିଏଫ୍‌ଆର୍‌ଇ)କୁ ନିର୍ଦ୍ଦେଶ ଦିଆଯାଇଛି। ଆଇସିଏଫ୍‌ଆର୍‌ଇ ଏକ ବିଜ୍ଞାନଭିତ୍ତିକ ବିସ୍ତୃତ ମ୍ୟାନେଜ୍‌ମେଣ୍ଟ ପ୍ଲାନ୍ ଫର୍ ସଷ୍ଟେନେବଲ ମାଇନିଂ (ଏମ୍‌ପିଏସ୍‌ଏମ୍) ପ୍ରସ୍ତୁତ କରିବ, ଯାହାକୁ ବିଭିନ୍ନ ପକ୍ଷଙ୍କ ବିଚାରବିମର୍ଶ ଓ ମତାମତ ପାଇଁ ସାର୍ବଜନୀନ କରାଯିବ। ବର୍ତ୍ତମାନ ଚାଲିଥିବା ଖନନ କାର୍ଯ୍ୟକୁ କଡ଼ାକଡ଼ି ପାଳନ କରାଯିବ। ପରିବେଶ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଅତିରିକ୍ତ କଟକଣା ଲାଗୁ କରାଯିବ। ଏହି କଟକଣା ଆରାବଳୀର ସମସ୍ତ ଅଞ୍ଚଳରେ ସମାନ ଭାବେ ଲାଗୁ ହେବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଦିଲ୍ଲୀ, ହରିୟାଣା, ରାଜସ୍ଥାନ ଓ ଗୁଜରାଟ ପର୍ଯ୍ୟନ୍ତ ପରିବ୍ୟାପ୍ତ ଆରାବଳୀ ହେଉଛି ବିଶ୍ୱର ଅନ୍ୟତମ ପ୍ରାଚୀନ ପର୍ବତମାଳା, ଯାହାକି ସମ୍ପୃକ୍ତ ଅଞ୍ଚଳରେ ପ୍ରଦୂଷଣ ରୋକିବା ସହ ଭୂତଳ ଜଳ ସଂରକ୍ଷଣ ଦିଗରେ ବିଶେଷ ସହାୟକ ହୋଇଥାଏ। ୨୦୨୫ ନଭେମ୍ବରରେ ସୁପ୍ରିମକୋର୍ଟ ପରିବେଶ ମନ୍ତ୍ରଣାଳୟ ନେତୃତ୍ୱାଧୀନ ଏକ କମିଟିର ସୁପାରିସକୁ ଗ୍ରହଣ କରିଥିଲେ, ଯହିଁରେ ଆରାବଳୀର ଏକକ ଆଇନଗତ ସଂଜ୍ଞା ପରିଭାଷିତ ହୋଇଥିଲା। ତହିଁରେ ଆରାବଳୀ ହିଲ୍‌କୁ ୧୦୦ ମିଟର ଉଚ୍ଚତା ଉପରେ ଅବସ୍ଥିତ ପର୍ବତ ଘେରା ଏକ ଅଞ୍ଚଳ ବୋଲି ଦର୍ଶାଯାଇଥିଲା। ଅନ୍ୟପକ୍ଷେ ଏହାଦ୍ୱାରା ବେଆଇନ ଖନନ ବଢ଼ିବା ସହ ପରିବେଶ ଧ୍ୱଂସହେବ ବୋଲି ବିରୋଧୀ କଂଗ୍ରେସ ସମାଲୋଚନା କରିଥିଲା।

### ଲୋକଙ୍କୁ ବିଭ୍ରାନ୍ତ କରୁଛି କେନ୍ଦ୍ର: କଂଗ୍ରେସ

ଆରାବଳୀ ପ୍ରସଙ୍ଗରେ କେନ୍ଦ୍ର ସରକାର ଡ୍ୟାମେଜ୍ କଣ୍ଟ୍ରୋଲ ପାଇଁ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ବୁଧବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କଟକଣା ଜାରି ପରେ କଂଗ୍ରେସ ସମାଲୋଚନା କରିଛି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ Xରେ ଉଲ୍ଲେଖ କରିଛନ୍ତି, ଡ୍ୟାମେଜ୍ କଣ୍ଟ୍ରୋଲ ପାଇଁ ଏଭଳି ନିର୍ବୋଧ ଉଦ୍ୟମ କାହାକୁ ବୋକା ବନାଇପାରିବ ନାହିଁ। ଆରାବଳୀକୁ ସୁରକ୍ଷା ଦିଆଯାଉନାହିଁ, ବରଂ ବିକ୍ରି କରାଯାଉଛି ବୋଲି ସେ ଅଭିଯୋଗ ଆଣିଛନ୍ତି।

## ଭାରତରେ ମ୍ୟାଲେରିଆ ମାମଲା କମିଛି: ଆଇସିଏମ୍‌ଆର୍ ରିପୋର୍ଟ

**ନୂଆଦିଲ୍ଲୀ,୨୫।୧୨**

ଭାରତରେ ମ୍ୟାଲେରିଆ ମାମଲା ୨୦୧୫ରେ ୧୧.୭ ଲକ୍ଷ ଥିବାବେଳେ ୨୦୨୪ରେ ତାହା ୨,୨୭,୦୦୦କୁ ହ୍ରାସ ପାଇଛି, ଅର୍ଥାତ୍ ୮୦ରୁ ୮୫ ପ୍ରତିଶତ କମିଥିବା ଆଇସିଏମ୍‌ଆର୍ (ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ)ର ସଦ୍ୟତମ ରିପୋର୍ଟରେ କୁହାଯାଇଛି। ମ୍ୟାଲେରିଆଜନିତ ମୃତ୍ୟୁସଂଖ୍ୟା ଏହି ସମୟ ମଧ୍ୟରେ ୩୮୪ରୁ ୮୩କୁ ଖସିଛି ବା ୭୮ ପ୍ରତିଶତ ହ୍ରାସ ଘଟିଛି। ମ୍ୟାଲେରିଆ ସମସ୍ୟା କମାଇବାରେ ଭାରତ ଉଲ୍ଲେଖନୀୟ ଏବଂ ଲଗାତାର ପ୍ରଗତି କରିଥିବା ମ୍ୟାଲେରିଆ ବିନାଶ ଦିଗରେ ଭାରତର ଅଗ୍ରଗତି-ଟେକ୍ନିକାଲ ରିପୋର୍ଟ ୨୦୨୫ରେ କୁହାଯାଇଛି। ସମ୍ପ୍ରତି ୯୨ ପ୍ରତିଶତ ଜିଲାରେ ବାର୍ଷିକ ମ୍ୟାଲେରିଆ ସଂକ୍ରମଣ ୧ରୁ କମ୍ ରହିଛି। ଅର୍ଥାତ୍ ଭାରତ ମ୍ୟାଲେରିଆ ବିନାଶର ପ୍ରାରମ୍ଭିକ ପର୍ଯ୍ୟାୟରେ ପହଞ୍ଚିଆଗାମୀ ଦିନରେ ଆହୁରି ଉନ୍ନତ ସ୍ଥାନରେ ରହିବାକୁ ଯାଉଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି।

# ଦେଶର ବିକାଶ ଅଟଳଜୀଙ୍କ ଶ୍ରେୟ: ଯୋଗୀ

**ଲକ୍ଷ୍ନୌ,୨୫।୧୨**

ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମବାର୍ଷିକୀରେ ଗୁରୁବାର ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଲୋକ ଭବନଠାରେ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ମହାମାନା ପଣ୍ଡିତ ମଦନ ମୋହନ ମାଲବ୍ୟ ଏବଂ ରାଜା ବିଜଲି ପାସିଙ୍କୁ ସେମାନଙ୍କ ଜନ୍ମଦିନରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ଉକ୍ତ ସମ୍ପ୍ରଦାୟଙ୍କୁ କ୍ରିସ୍‌ମାସ ଅଭିନନ୍ଦନ ଜଣାଇଛନ୍ତି। ଅଟଳଜୀଙ୍କ ଜନ୍ମବାର୍ଷିକୀ ରାଷ୍ଟ୍ର ପାଇଁ ଏକ ଶୁଭ ଅବସର। ଲକ୍ଷ୍ନୌରୁ ପ୍ରତିନିଧିତ୍ୱ କରୁଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳଜୀ ଦେଶକୁ ବିକାଶର ନୂଆ ଦୃଷ୍ଟିକୋଣ ଦେଇଥିଲେ ଏବଂ ଭାରତକୁ ପ୍ରଗତି ପଥରେ ସ୍ଥାପନ କରିଥିଲେ। ଚଳିତ ବର୍ଷ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ ହେଉଥିବାରୁ ଏହା ସ୍ୱତନ୍ତ୍ର ଭାବେ ଉଲ୍ଲେଖନୀୟ। ଏହାକୁ ମନେରଖିବା ପାଇଁ ସାରା ଦେଶର ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନଗୁଡ଼ିକରେ ଅଟଳଜୀଙ୍କ କବିତା, ଲେଖା ଉପରେ ଆଲୋଚନା ଏବଂ ସାମ୍ବାଦିକତା, ସଂସଦ ଏବଂ ଅନ୍ତର୍ଜାତୀୟ ଫୋରମ୍‌ରେ ସେ ଦେଇଥିବା ଗୁରୁତ୍ୱପୂର୍ଣ୍ଣ ବକ୍ତୃତାଗୁଡ଼ିକ ଉପରେ ବିଚାରବିମର୍ଶ କରାଯାଉଛି।

ଅଟଳଜୀ ସର୍ବାଧିକ ସମୟ ଉତ୍ତରପ୍ରଦେଶରୁ ପାର୍ଲାମେଣ୍ଟରେ ପ୍ରତିନିଧିତ୍ୱ କରିଥିଲେ। ତାଙ୍କର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ, ରାଷ୍ଟ୍ର ନାୟକତ୍ୱ ଏବଂ ସଫଳତା ଦେଶର ଅନେକ ପିଢ଼ିଙ୍କୁ ଅନୁପ୍ରାଣିତ କରୁଥିବ ବୋଲି ଯୋଗୀ କହିଛନ୍ତି। ଅଟଳଜୀଙ୍କ ଲିଗାସିର ସଂରକ୍ଷଣ ଏବଂ ତାଙ୍କ ବିଚାରଧାରାକୁ ବଳବତ୍ତର ରଖିବା ଲାଗି ଡବଲ ଇଞ୍ଜିନ୍ ସରକାର ଲକ୍ଷ୍ନୌରେ ରାଷ୍ଟ୍ର ପ୍ରେରଣା ସ୍ଥଳ ନିର୍ମାଣ କରିଛନ୍ତି। ସେଠାରେ ୩ ଜଣ ମହାନ ରାଷ୍ଟ୍ରୀୟ ନେତାଙ୍କ ପ୍ରତିମୂର୍ତ୍ତି ସାଙ୍ଗକୁ ଡିଜିଟାଲ ମ୍ୟୁଜିୟମ୍ ରହିଛି। ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତି ଜାତୀୟ ଏକତା ଓ ଅଖଣ୍ଡତାର ବାର୍ତ୍ତା ଦେଉଥିବାବେଳେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଅନ୍ତ୍ୟୋଦୟ ଦର୍ଶନ ଏବଂ ଅଟଳ ବିହାରୀ ବାଜପେୟୀଙ୍କ ବିଚାରଧାରା ଏକତ୍ର ସୌହାର୍ଦ୍ଦ୍ୟ ଏବଂ ସମଗ୍ରତା ସହ 'ଏକ ଭାରତ-ଶ୍ରେଷ୍ଠ ଭାରତ' ଦୂରଦୃଷ୍ଟିକୁ ସୁଦୃଢ଼ କରିବା ପାଇଁ ନିର୍ଦ୍ଦେଶ ଦେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ର ପ୍ରେରଣା ସ୍ଥଳର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ, କୃଷିମନ୍ତ୍ରୀ ସୂର୍ଯ୍ୟପ୍ରତାପ ଶାହି, ଜଳଶକ୍ତି ମନ୍ତ୍ରୀ ସ୍ୱତନ୍ତ୍ର ଦେବ ସିଂ, ମେୟର ସୁଷମା ଖରକ୍ୱାଲ ଏବଂ ଏମ୍‌ଏଲ୍‌ସି ଗୋବିନ୍ଦ ନାରାୟଣ ଶୁକ୍ଳା ପ୍ରମୁଖ ଉପସ୍ଥିତ ଥିଲେ।

### ଜନ୍ମବାର୍ଷିକୀରେ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ୟୁପି ମୁଖ୍ୟମନ୍ତ୍ରୀ



## ସାନ୍ତାଳୀ ଭାଷାରେ ସମ୍ବିଧାନକୁ ଉନ୍ମୋଚନକଲେ ରାଷ୍ଟ୍ରପତି

**ନୂଆଦିଲ୍ଲୀ,୨୫।୧୨(ପି.ଟି.)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ସାନ୍ତାଳୀ ଭାଷାରେ ଭାରତର ସମ୍ବିଧାନକୁ ଉନ୍ମୋଚନ କରିଛନ୍ତି। ଆଇନରେ ସଂଶୋଧନ ଅଣାଯାଇ ସାନ୍ତାଳୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରାଯାଇଥିଲା। ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ବିହାରର ଆଦିବାସୀ ଲୋକମାନେ ସାନ୍ତାଳୀ ଭାଷାକୁ ବହୁଳ ବ୍ୟବହାର କରିଥାନ୍ତି। ସାନ୍ତାଳୀ ଭାଷା ଏବଂ ଅଲ୍‌ଚିକି ଲିପିରେ ସମ୍ବିଧାନ ଲେଖାଯାଇଥିବାରୁ ଏହା ସାନ୍ତାଳୀ ଲୋକମାନଙ୍କ ପାଇଁ ଗର୍ବ ଓ ଆନନ୍ଦର ଦିନ ବୋଲି ରାଷ୍ଟ୍ରପତି କହିଛନ୍ତି। ଏହି କାର୍ଯ୍ୟ ପାଇଁ ରାଷ୍ଟ୍ରପତି କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଓ ତାଙ୍କ ଟିମ୍‌କୁ ଉଚ୍ଚ ପ୍ରଶଂସା କରିଛନ୍ତି। ଉନ୍ମୋଚନ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଏବଂ ମେଘୱାଲ ପ୍ରମୁଖ ଉପସ୍ଥିତ ଥିଲେ।




## ଫିଟିବ ପୂଜାଙ୍କ ଭାଗ୍ୟ

ଅଭିନେତ୍ରୀ ପୂଜା ହେଗ୍‌ଡେ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରରେ ମଧ୍ୟ ବହୁତ ପ୍ରସିଦ୍ଧ। ୨୦୧୬ରେ ସେ ଫିଲ୍ମ ମହେଞ୍ଜୋଦାରୋ ସହିତ ଡେବ୍ୟୁ କରିଥିଲେ। ଏହା ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିଥିଲା। ତାଙ୍କର ବଲିଉଡ ଅପେକ୍ଷା ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଜଗତରେ ଅଧିକ ପ୍ରଭାବ ଥିବା ପରି ମନେହୁଏ। ୨୦୨୫ରେ, ସେ 'ଦେବା'ରେ ଶାହିଦ କପୁରଙ୍କ ବିପକ୍ଷରେ ନଜର ଆସିଥିଲେ। ରଜନୀକାନ୍ତଙ୍କ ଅଭିନୀତ 'କୁଲି' ଫିଲ୍ମରେ ଏକ ଡ୍ୟାନ୍ସ ନମ୍ବରରେ ମଧ୍ୟ ନଜର ଆସିଥିଲେ ସେ। ଯଦିଓ ୨୦୨୫ ତାଙ୍କ କ୍ୟାରିଅର ପାଇଁ ବିଶେଷ କିଛି ନ ଥିଲା, ମାତ୍ର ଏହି ଅଭିନେତ୍ରୀ ଏବେ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଛନ୍ତି। ଥଲପତି ବିଜୟଙ୍କ ସହ ପୂଜା ଏକ ଚଳଚ୍ଚିତ୍ରରେ ପ୍ରମୁଖ ଭୂମିକାରେ ଦେଖାଦେବେ। ଏହି ଚଳଚ୍ଚିତ୍ରଟି ସମଗ୍ର ଭାରତରେ ମୁକ୍ତିଲାଭ କରିବ ଏବଂ ନିର୍ମାତାମାନେ ଏହାକୁ ହିନ୍ଦୀରେ 'ଜନ ନେତା' ନାମରେ ନାମିତ କରିଛନ୍ତି। ପୂଜାଙ୍କ ବ୍ୟତୀତ ଏହି ଫିଲ୍ମରେ ବବି ଦେଓଲ ମଧ୍ୟ ନଜର ଆସିବେ, ଯିଏ ଖଳନାୟକ ଭୂମିକାରେ ଅଭିନୟ କରିବେ। ଫିଲ୍ମରେ ମମିତା ବୈଜୁ, ପ୍ରକାଶ ରାଜ, ନାରାୟଣ ଏବଂ ପ୍ରିୟମଣିଙ୍କ ଭଳି କଳାକାରମାନେ ମଧ୍ୟ ସାମିଲ ଅଛନ୍ତି। 'ଜନ ନାୟାଗନ' ଜାନୁଆରୀ ୯ ତାରିଖରେ ମୁକ୍ତିଲାଭ କରିବ।

# ଝାଡ଼ଖଣ୍ଡ, ପଶ୍ଚିମବଙ୍ଗରୁ ଆସୁଛି ଧାନ

**ଯାଜପୁର,୨୫।୧୨(ହର୍ଷବର୍ଦ୍ଧନ ବେହେରା):**

- ଧାନ ସଂଗ୍ରହ ପୂର୍ବରୁ ମିଲ୍‌ରେ ଗଦା ହେଲାଣି
- ସୀମାନ୍ତ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଜିଲାରେ ନିୟନ୍ତ୍ରଣ ଅଭାବ

ଖରିଫ ଧାନ ସଂଗ୍ରହ କାର୍ଯ୍ୟକୁ ଆଉ ମାତ୍ର ୨ ସପ୍ତାହ ବାକି ରହିଥିବାବେଳେ ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗର ନିକଟବର୍ତ୍ତୀ ଜିଲାଗୁଡ଼ିକରୁ ଯାଜପୁର ଜିଲାକୁ ବେଆଇନ ଭାବେ ଧାନ ଆସୁଛି। କାରଣ ନିକଟବର୍ତ୍ତୀ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଅଧିକ। ତେଣୁ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସୀମାନ୍ତ ପଏଣ୍ଟଗୁଡ଼ିକରୁ କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ ଓ ବାଲେଶ୍ୱର ଜିଲା ଦେଇ ଯାଜପୁରକୁ ସଂଯୋଗକାରୀ ରାସ୍ତାରେ ବେଆଇନ ଧାନ ଆସୁଥିବା ସୂଚନା ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା-ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ସୀମାର ପଲାସମୁଣ୍ଡଳି, ତୁକପଲାସିଆ, ଧୁମସାହି, ସରକଣା, ଦେଉଳି, ଚାନ୍ଦୁଆ, ଯଦୁନାଥପୁର, ତିରିଙ୍ଗ, ନନ୍ଦବସା, ଭାଲୁପାଣି ପ୍ରଭୃତି ସ୍ଥାନରେ ବେଆଇନ ଧାନ ପରିବହନ ନିୟନ୍ତ୍ରଣ ପାଇଁ ପୂର୍ବରୁ ସିସିଟିଭି କ୍ୟାମେରା ସ୍ଥାପନ କରାଯାଇଛି। ତଥାପି ଏହି ବେଆଇନ କାର୍ଯ୍ୟ ନିୟନ୍ତ୍ରଣ ହୋଇପାରୁ ନଥିବା ଅଭିଯୋଗ ହୋଇଛି। ଫଳରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଯାଜପୁର ସମେତ ଉପରୋକ୍ତ ସୀମାନ୍ତ ଜିଲାର ମିଲଗୁଡ଼ିକରେ ବେଆଇନ ଧାନ ବହୁ ପରିମାଣରେ ଗଦା ହୋଇଥିବା ଚାଷୀ ମହଲରେ ଚର୍ଚ୍ଚାର ହେଉଛି। ତେଣୁ ଧାନ ସଂଗ୍ରହ ପୂର୍ବରୁ ଦାୟିତ୍ୱରେ ଥିବା ମିଲଗୁଡ଼ିକର ଉପଯୁକ୍ତ ଭାବେ ଯାଞ୍ଚ କରାଗଲେ ଅଭିଯୋଗର ବାସ୍ତବତା ଲୋକଲୋଚନକୁ ଆସି ପାରିବ ବୋଲି ଦାବି ହୋଇଛି।

ଯାଜପୁର ଜିଲାର ଚାଷୀଙ୍କ ସୁବିଧା ପାଇଁ ମଣ୍ଡିର ପର୍ଯ୍ୟାପ୍ତ ସୁବିଧା ଓ ଶୀଘ୍ର ଧାନ ଉଠାଇବା ପାଇଁ ପଦକ୍ଷେପ ନିମନ୍ତେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ସମସ୍ତ ମଣ୍ଡିରେ ଜଣେ ଲେଖାଏ ନୋଡାଲ ଅଧିକାରୀ ଓ ୪ରୁ୫ଟି ମଣ୍ଡି ପାଇଁ ଜଣେ ଲେଖାଏ ସୁପରଭାଇଜିଂ ଅଧିକାରୀ ନିୟୋଜିତ ହେବେ ବୋଲି ନିଷ୍ପତ୍ତି ନିଆଯାଇଛି। ଧାନର ମାନ ସମ୍ପର୍କରେ ଚାଷୀଙ୍କୁ ସଚେତନ କରିବା ପାଇଁ ପଞ୍ଚାୟତସ୍ତରରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ନିର୍ଦ୍ଦେଶ ହୋଇଛି। ଚଳିତ ବର୍ଷ ଏଏଫ୍‌କ୍ୟୁ ମାନର ଧାନ କୁଇଣ୍ଟାଲ ପିଛା ଦର ୨୩୬୯ ଟଙ୍କା ଓ ଗ୍ରେଡ୍ ଏ-ଧାନର ମୂଲ୍ୟ ୨୩୮୯ ଟଙ୍କା ରହିଛି। ରାଜ୍ୟ ସରକାର ଘୋଷଣା କରିଥିବା ୮୦୦ ଟଙ୍କା ଇନ୍‌ପୁଟ୍ ସହାୟତା ଚାଷୀ ପାଇବେ। ଜିଲାର ଖରିଫ ଧାନ ନିମନ୍ତେ ୫୯୯୬୧ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ ୧୩୯ ଧାନକ୍ରୟ କେନ୍ଦ୍ର ସମବାୟ ସଂସ୍ଥା ଦ୍ୱାରା ସ୍ଥିରୀକୃତ ହୋଇଛି। ଏଥିରେ ୪୨ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଧାନ ସଂଗ୍ରହ କରିବେ। ଚଳିତ ବର୍ଷ ଜିଲାରେ ପ୍ରଥମ ସୋପାନରେ ୧୩,୧୧,୦୦୦ କୁଇଣ୍ଟାଲ ଧାନ କ୍ରୟ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ତେବେ ଜିଲାର ପୂର୍ବ ଧାନ ସଂଗ୍ରହ ପ୍ରକ୍ରିୟାକୁ ଅବଲୋକନ କଲେ ପାକ୍ସଗୁଡ଼ିକରେ କେତେଜଣ ଅଣଚାଷୀଙ୍କୁ ଟୋକନ ପ୍ରଦାନ ଏବଂ ଚାଷୀଙ୍କ ଜମି ତୁଳନାରେ ବହୁ ଗୁଣ ଅଧିକ ଧାନ ସଂଗ୍ରହ ହୋଇଥିବା ପ୍ରମାଣିତ ହୋଇଛି। ଏହି କ୍ରମରେ କାଗଜପତ୍ରରେ ଏଠାରେ ଧାନ ସଂଗ୍ରହ ହେଉଥିବା ଦର୍ଶାଯାଇଥିଲେ ହେଁ ବାହାର ରାଜ୍ୟରୁ ଧାନ ଆଣି କେତେକ ମିଲ୍‌ରେ ତାହାର ଭରଣା କରାଯାଇଛି। ଏହାବାଦ ଧାନ କିଣାରେ ଭେଣ୍ଡର ରସିଦ ଜାଲିଆତି କରି ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ହୋଇଥିବା ଷ୍ଟେଟ ଏନ୍‌ଫୋର୍ସ ସ୍କ୍ୱାଡ୍ ହାତରେ ୨୦୨୨ରେ ଧରାପଡ଼ିଥିଲା। ତେବେ ସ୍କ୍ୱାଡ୍‌ର ରିପୋର୍ଟକୁ ନେଇ ରାଜ୍ୟ ସେବା ସମବାୟ ସମିତିର ନିବନ୍ଧକ(ଆର୍‌ସିଏସ୍) ଆବଶ୍ୟକ ତଦନ୍ତ କରି ଯାଜପୁର ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର କୋଅପରେଟିଭ ସୋସାଇଟି(ଏଆର୍‌ସିଏସ୍)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ୨୪।୭।୨୦୨୪ରେ ତୁରନ୍ତ ଘଟଣାର ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନେବାକୁ ଆରସିଏସ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ଏହି ନିର୍ଦ୍ଦେଶକୁ ୧ ବର୍ଷ ୫ ମାସ ସମୟ ଅତିକ୍ରାନ୍ତ ହେବା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇ ପାରିନାହିଁ। ମୂଳରୁ ଏଭଳି ପତ୍ର ଆଦାନପ୍ରଦାନ ଏବଂ ଜାଣିଶୁଣି ବିଳମ୍ବ ଘଟଣାକୁ ଅବଲୋକନ କଲେ ଏହି ଦୁର୍ନୀତିରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ପର୍ଯ୍ୟନ୍ତ ସଂପୃକ୍ତି ଥିବା ସନ୍ଦେହ କରାଯାଇଛି। ଏଥିରୁ ଏହିଭଳି ବେଆଇନ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଲିଥିବା ସନ୍ଦେହ ହେବା ସ୍ୱାଭାବିକ। ଚଳିତ ଖରିଫ ଧାନ ସଂଗ୍ରହ ଜାନୁଆରୀ ୭ରୁ ଆରମ୍ଭ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। କିନ୍ତୁ ଏହି ବିଳମ୍ବିତ ପ୍ରକ୍ରିୟା ଯୋଗୁ ଚାଷୀ ନିଜର ଆବଶ୍ୟକତା ମେଣ୍ଟାଇବାକୁ କିମ୍ବା ବିଭିନ୍ନ ଋଣ ଶୁଝିବାକୁ ମଧ୍ୟସ୍ଥ ହାତରେ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟଠାରୁ ପ୍ରାୟ ୧୦୦୦ଟଙ୍କା କମରେ ଟେକି ଦେଉଛନ୍ତି। ମଧ୍ୟସ୍ଥମାନେ ଏହି ବେଆଇନ ଧାନକୁ ନେଇ ଜିଲାର ବିଭିନ୍ନ ମିଲରେ ବିକ୍ରି କରୁଥିବା ସୂଚନା ମିଳିଛି। ତେଣୁ ଧାନ ସଂଗ୍ରହ ହେବା ପୂର୍ବରୁ ଯଦି ଦାୟିତ୍ୱରେ ଥିବା ମିଲଗୁଡ଼ିକରେ ଧାନ ମିଳେ, ତେବେ ସେହି ଧାନକୁ ଜବତ କରିବା ସହ ସମ୍ପୃକ୍ତ ମିଲ୍ ମାଲିକଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏ ସଂକ୍ରାନ୍ତରେ ଯାଜପୁର ଏଆର୍‌ସିଏସ୍ ଅମୂଲ୍ୟ ସେଠୀଙ୍କୁ ପଚାରିବାରେ ସେ କହିଛନ୍ତି, ଧାନ ସଂଗ୍ରହ ପାଇଁ ସମସ୍ତ ବ୍ୟବସ୍ଥା ହୋଇଛି। ବାହାର ରାଜ୍ୟରୁ ଧାନ ପରିବହନ ହେଉଥିବା ନେଇ ତାଙ୍କ ପାଖରେ କୌଣସି ଅଭିଯୋଗ ଏ ପର୍ଯ୍ୟନ୍ତ ହୋଇନାହିଁ। ଯଦି ସେଭଳି ଚାଲିଥାଏ ତେବେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।



# ଧର୍ମଶାଳା ମହୋତ୍ସବ ଉଦ୍‌ଘାଟିତ



ଧର୍ମଶାଳା ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି

**ଧର୍ମଶାଳା,୨୫।୧୨(ବଟକୃଷ୍ଣ ପରିଡ଼ା):**

ଜରାକା ମହୋତ୍ସବ ପଡ଼ିଆରେ ପ୍ରସିଦ୍ଧ ଧର୍ମଶାଳା ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ କହିଥିଲେ, ଧର୍ମଶାଳା ମାଟି କଳା ସଂସ୍କୃତି, ଐତିହ୍ୟର ମାଟି, ଏହିମାଟିରେ ବୌଦ୍ଧ ସଂସ୍କୃତି ତାହା ପ୍ରମାଣିତ କରିଛି। ସେହିପରି ଧର୍ମଶାଳା ମହୋତ୍ସବ ବ୍ୟବସ୍ଥିତ ଓଡ଼ିଶାର ଅନ୍ୟ ମହୋତ୍ସବ ପାଇଁ ଉଦାହରଣ ପାଲଟିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ବଡ଼ଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଯାଜପୁର ଜିଲା ଭାଜପା ସଭାନେତ୍ରୀ ଦେବଯାନୀ ପ୍ରଧାନ ଯୋଗଦେଇ ଧର୍ମଶାଳା ମହୋତ୍ସବ ଆଜି ବିକଶିତ ଧର୍ମଶାଳାର ଜ୍ୱଳନ୍ତ ଉଦାହରଣ ବୋଲି କହିଥିଲେ। ଉଦ୍‌ଘାଟନୀ ସଭାରେ ଧର୍ମଶାଳା ମହୋତ୍ସବ ଓ ପୂଜା କମିଟିର ସଭାପତି ରବିନାରାୟଣ ସାହୁ ସଭାପତିତ୍ୱ କରିଥିଲେ। ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ସଭ୍ୟ ଦେବରାଜ ମିଶ୍ର ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ମହୋତ୍ସବ ଆସନ୍ତା ୬ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ସନ୍ଧ୍ୟାରେ ବଲିଉଡ୍, ଓଲିଉଡ୍ କଳାକାରଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଥିଲା। ପ୍ରଶାନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

# ବାଜପେୟୀଙ୍କ ଜୟନ୍ତୀ ପାଳିତ

**ଯାଜପୁରରୋଡ୍,୨୫।୧୨ (ପବିତ୍ର ରଞ୍ଜନ ମହାନ୍ତି):**

ହନୁମାନ ଜୟନ୍ତୀ ଆୟୋଜନ ସମିତି ତରଫରୁ ଗୁରୁବାର ନାହକା ଗୋଲେଇ ଛକସ୍ଥିତ କାର୍ଯ୍ୟାଳୟଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହିଅବସରରେ ସମିତିର କାର୍ଯ୍ୟକର୍ତ୍ତା ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଭେଟି ଫଳ ବଣ୍ଟନ କରିଥିଲେ। ପରେ ସମିତି କାର୍ଯ୍ୟାଳୟରେ ବାଜପେୟୀଙ୍କ ଆଦର୍ଶ ଓ ତ୍ୟାଗମୟ ଜୀବନ ସମ୍ବନ୍ଧରେ ଆଲୋକପାତ କରାଯାଇଥିଲା। ଆଇନଜୀବୀ ସସ୍ମିତା ସ୍ୱାଇଁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ପରେ ଆର୍‌ଏସ୍‌ଏସ୍‌ର କାର୍ଯ୍ୟକର୍ତ୍ତା ଜ୍ଞାନରଞ୍ଜନ ରାଉତ ବାଜପେୟୀଙ୍କ ସମର୍ପିତ ଜୀବନୀକୁ ତାଙ୍କ କବିତା ମାଧ୍ୟମରେ ଉପସ୍ଥାପନ କରିଥିଲେ। ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଦିଲୀପ ଜେନା, ସାମାଜିକ କର୍ମୀ ସଞ୍ଜୀବ ନାୟକ, ଆଇନଜୀବୀ ମହାମାୟା ପ୍ରତାପ ସାଇଁ, ବିଜୟ ପଣ୍ଡା, ସରୋଜ ଦେ, ଅଯୋଧ୍ୟା ଜେନା, ପବନ ଓସୱାଲ, ସୁଶୀଲ ମଲ୍ଲିକ, ପଙ୍କଜ ଅଗ୍ରୱାଲ, ଦୀପ୍ତିମୟୀ ମିଶ୍ର, ଚିନ୍ମୟ ନାୟକ, ବିଭୁପ୍ରସାଦ ନାୟକ ଓ ଅନୁପ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ହନୁମାନ ଜୟନ୍ତୀ ଆୟୋଜନ ସମିତି ତରଫରୁ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅଶୋକ


@ ବିଶ୍ୱରଞ୍ଜନ


@ ରାଜେଶ


@ ସ୍ମୃତି


@ ସୁସ୍ମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳର ବିକ୍ଷୋଭ



ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।

**ଯାଜପୁରଟାଉନ,୨୫।୧୨ (ପ୍ରଯୁକ୍ତା ପ୍ରିୟଦର୍ଶୀନ ମହାନ୍ତି):**

ବାଂଲାଦେଶରେ ସୃଷ୍ଟି ହୋଇଥିବା ହିଂସାକାଣ୍ଡ ଓ ହିନ୍ଦୁଙ୍କ ଉପରେ ଆକ୍ରମଣ ପ୍ରତିବାଦରେ ଯାଜପୁର ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଗୁରୁବାର ଯାଜପୁର ସହରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇ ବିଭିନ୍ନ ନାରା ଦେଇଥିଲେ। ସହରର ରାମମନ୍ଦିର ନିକଟରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏଥିରେ ମୃତ୍ୟୁଞ୍ଜୟ ମିଶ୍ର, ସନ୍ତୋଷ ପତି, ବଳରାମ ବିଶୋଇ, ଆଲୋକ ରଞ୍ଜନ ଦାସ, ସରୋଜ ଜେନା ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ରଙ୍କ ନିର୍ଦ୍ଦେଶରେ ଇନ୍ସପେକ୍ଟର ଅଜୟ ସାହୁ ପୋଲିସ ଫୋର୍ସ ସହ ମୁତୟନ ହୋଇଥିଲେ।

# ବିଦ୍ୟାଳୟରୁ ଚୋରିକଲେ ୨ ଛାତ୍ର

## ସିସି ଟିଭି କ୍ୟାମେରାରେ ଘଟଣା କଏଦ

**ଯାଜପୁରଟାଉନ,୨୫।୧୨ (ପ୍ରଯୁକ୍ତା ପ୍ରିୟଦର୍ଶୀନ ମହାନ୍ତି):**

ଯାଜପୁର ବିରଜା ଉଚ୍ଚ ବିଦ୍ୟାଳୟର ୨ ଦଶମ ଶ୍ରେଣୀ ଛାତ୍ର ନିଜ ବିଦ୍ୟାଳୟରୁ ବୁଧବାର ସନ୍ଧ୍ୟାରେ ଚୋରି କରିଛନ୍ତି। ଏହି ଘଟଣା ସିସିଟିଭିରେ କଏଦ ହୋଇଛି। ସନ୍ଧ୍ୟାରେ ଦୁଇ ଛାତ୍ର ମୁହଁରେ ବହି ଦେଇ ବିଦ୍ୟାଳୟ ଭିତରକୁ ପ୍ରବେଶ କରି ହାତୁଡ଼ି ସାହାଯ୍ୟରେ ବିଦ୍ୟାଳୟ ଅଫିସ ଗୃହର ତାଲା ଭାଙ୍ଗିଥିଲେ। ଏହାପରେ ଅଫିସ ଗୃହରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଭାଙ୍ଗି ଦେଇଥିଲେ। ସିସିଟିଭିର ସଂଯୋଗ ମୋବାଇଲରେ ଥିବାରୁ ଶିକ୍ଷକ ଜାଣିପାରିଥିଲେ ଯେ ବିଦ୍ୟାଳୟର କିଏ ଅଛନ୍ତି ବୋଲି। ତେଣୁ ସେ ରାତ୍ର ଜଗୁଆଳଙ୍କୁ କଲ୍ କରିବା ସହ ପୋଲିସକୁ ଜଣାଇଥିଲେ। ପୋଲିସ ଆସି ଦୁଇ ଛାତ୍ରଙ୍କୁ କାବୁ କରି ଥାନାକୁ ନେଇ ପଚରାଉଚରା କରିଛି। ଘଟଣା ସମ୍ପର୍କରେ ବିଦ୍ୟାଳୟର ଶିକ୍ଷକ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।

# ପ୍ରସୂତି ମୃତ୍ୟୁକୁ ନେଇ ହସ୍ପିଟାଲରେ ଉତ୍ତେଜନା

**ଯାଜପୁରଟାଉନ,୨୫।୧୨ (ପ୍ରଯୁକ୍ତା ପ୍ରିୟଦର୍ଶୀନ ମହାନ୍ତି):**

ଯାଜପୁର ସହରର ଏକ ଘରୋଇ ହସ୍ପିଟାଲରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ଜଣେ ପ୍ରସୂତିଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବୁଧବାର ରାତିରେ ଉକ୍ତ ହସ୍ପିଟାଲରେ ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାର ଲୋକେ ହୋହଲ୍ଲା କରିବା ସହ ଭଙ୍ଗାରୁଜା କରିଛନ୍ତି। ଯାଜପୁର ଟାଉନ ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ବରୀ-ରାମଚନ୍ଦ୍ରପୁର ଥାନା ରତ୍ନଗିରି ଅଞ୍ଚଳର ରଞ୍ଜନ ଜେନାଙ୍କ ସ୍ତ୍ରୀ ସସ୍ମିତା ଜେନା ୮ମାସର ଗର୍ଭବତୀ ଥିଲେ। ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକ ତାଙ୍କୁ ୨୦ ତାରିଖରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ଶାନ୍ତିପ୍ରିୟା ମୁର୍ମୁଙ୍କୁ ଦେଖାଇଥିଲେ। ଡା. ମୁର୍ମୁ ତାଙ୍କୁ ପୂର୍ବରୁ ଦେଖୁଥିବାରୁ ପ୍ରସୂତି ସମୟ ହୋଇ ଆସିଲାଣି ବୋଲି କହିବା ସହ ଅସ୍ତ୍ରୋପଚାର ନିମନ୍ତେ ନିକଟସ୍ଥ ଏକ ଘରୋଇ ଚିକିତ୍ସାଳୟକୁ ପଠାଇଥିଲେ। ବୁଧବାର ସନ୍ଧ୍ୟାରେ ସମ୍ପୃକ୍ତ ଘରୋଇ ହସ୍ପିଟାଲରେ ସସ୍ମିତା ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ଅପରେଶନ ହୋଇଥିବାରୁ ରାତିରେ ପ୍ରସୂତିଙ୍କ ଅତ୍ୟଧିକ ରକ୍ତସ୍ରାବ ହୋଇଥିଲା। ଫଳରେ ତାଙ୍କୁ ପୁର୍ନବାର ଅସ୍ତ୍ରୋପଚାର ଗୃହକୁ ନିଆଯାଇଥିଲା। ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏକଥା ସସ୍ମିତାଙ୍କ ପରିବାର ଲୋକେ ଜାଣିବା ପରେ ହସ୍ପିଟାଲରେ ଭଙ୍ଗାରୁଜା କରିଥିଲେ। ଦୀର୍ଘ ସମୟ ଧରି ଅସ୍ତ୍ରୋପଚାର କରିଥିବା ଡା. ମୁର୍ମୁଙ୍କୁ ଅସ୍ତ୍ରୋପଚାର ଗୃହରେ ଅଟକ ରଖିଥିଲେ। ଏହାପରେ ସସ୍ମିତାଙ୍କ ପରିବାର ପକ୍ଷରୁ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା। ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ସହ ସମୟ ପୂର୍ବରୁ ଅର୍ଥ ଲାଳସାରେ ଡା. ଅସ୍ତ୍ରୋପଚାର କରିଥିଲେ ବୋଲି ସସ୍ମିତାଙ୍କ ପରିବାର ଅଭିଯୋଗ ପତ୍ରରେ ଦର୍ଶାଯାଇଥିଲେ। ଏନେଇ ସମ୍ପୃକ୍ତ ଡାକ୍ତରଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ଅନ୍ୟପକ୍ଷରେ ସମ୍ପୃକ୍ତ ଡାକ୍ତର ୨ ଘରୋଇ ଚିକିତ୍ସାଳୟରେ ଅସ୍ତ୍ରୋପଚାର କରାଉଥିବା ଅଭିଯୋଗ ହେଉଛି। ଏପରିକି ସସ୍ମିତାଙ୍କ ମୃତ୍ୟୁ ହୋଇଥିବା ହସ୍ପିଟାଲରେ ଅଗ୍ନିଶମ ସୁରକ୍ଷା ନ ଥିବା ଅଭିଯୋଗ ରହିଛି। ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଅତ୍ୟାଧୁନିକ ଯନ୍ତ୍ରପାତି ରଖାଯିବା ସହ ଅତ୍ୟାଧୁନିକ ପ୍ରଣାଳୀରେ ଚିକିତ୍ସା ବ୍ୟବସ୍ଥା କରାଯାଉଛି। ସେହିପରି ଯାଜପୁର ସହରରେ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଥିବା ସତ୍ତ୍ୱେ ମଧ୍ୟ ସରକାରୀ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର ଅର୍ଥ ଲାଳସାରେ ଘରୋଇ ଚିକିତ୍ସାଳୟକୁ ଦଲାଲଙ୍କ ମାଧ୍ୟମରେ ରୋଗୀଙ୍କୁ ପଠାଉଥିବା ଅଭିଯୋଗ ହେଉଛି। ଫଳରେ ଯାଜପୁର ସହରରେ ଛତୁ ଫୁଟିଲା ପରି ଘରୋଇ ଚିକିତ୍ସାଳୟ ଖୋଲାଯାଇଛି। ଏ ସମସ୍ତ ଘଟଣାର ତଦନ୍ତ ହେଲେ ରହସ୍ୟ ଉନ୍ମୋଚନ ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।


ସସ୍ମିତା ଜେନା।

# ପୋଲିସ ନିଷ୍କ୍ରିୟତା ପ୍ରତିବାଦରେ ଥାନା ଘେରାଉ, ରାସ୍ତାରୋକୋ

## ଶିକ୍ଷୟିତ୍ରୀ ଆତ୍ମହତ୍ୟା ମାମଲା

ପଟ୍ଟାମୁଣ୍ଡାଇ,୨୫।୧୨(କଳ୍ପତରୁ ନାୟକ)

ଜନୈକା ଘରୋଇ ସ୍କୁଲ ଶିକ୍ଷୟିତ୍ରୀ ବ୍ଲାକ ମେଲର ଶିକାର ହୋଇ ଆତ୍ମହତ୍ୟା କରିବା ଘଟଣାରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୋଲିସ ନିଷ୍କ୍ରିୟତା ପ୍ରତିବାଦରେ ସମ୍ପୃକ୍ତ ଗାଁ ଲୋକମାନେ ଗୁରୁବାର ଥାନା ଘେରାଉ କରିବା ସହ ରାସ୍ତାରୋକେ କରିଥିଲେ। ଏଥିପାଇଁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ହୋଇଥିବା ଲିଖିତ ଅଭିଯୋଗରୁ ଅନୁଯାୟୀ, ଥାନା ଅଞ୍ଚଳର ଜନୈକା ଯୁବତୀ ପଟ୍ଟାମୁଣ୍ଡାଇ ସେଣ୍ଟ ଜାଭିଅର ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ଚନ୍ଦନନଗର ପଞ୍ଚାୟତ ହରନବାବୀ ଗ୍ରାମର ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠବା ସହିତ ଏକାଧିକବାର ଶାରୀରିକ ସମ୍ପର୍କ ମଧ୍ୟ ରହିଥିଲା। ଏପରିକି ପ୍ରେମିକ ଜଣକ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଉଠାଇ ନେବା ପରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀରୁ ଲକ୍ଷାଧିକ ଟଙ୍କା ଋଣ ଆକାରରେ ନେଇଥିଲେ। ମାତ୍ର ଶିକ୍ଷୟିତ୍ରୀ ଜଣଙ୍କ ଟଙ୍କା ମାଗିବାରୁ ସେ ଧମକ ଚମକ ଦେବା ସହ ପୁଣି ଟଙ୍କା ମାଗିଥିଲେ। ଯଦି ଟଙ୍କା ନ ଦେବ ତେବେ ପାଖରେ ଥିବା ଅଶ୍ଳୀଳ ଭିଡିଓ ଭାଇରାଲ କରି ଦେବାକୁ ପ୍ରେମିକ ଧମକ ଦେଇଥିଲେ। ଏହାକୁ ନେଇ ଶିକ୍ଷୟିତ୍ରୀ ଜଣଙ୍କ ମାନସିକ ଭାରସାମ୍ୟ ହରାଇ ଗତ ୧୪ତାରିଖ ସନ୍ଧ୍ୟାରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହା ଜାଣି ପରିବାର ଲୋକ ତାଙ୍କୁ ଚିକିତ୍ସା ପାଇଁ ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା ଓ କଟକ ବଡ଼ ଡାକ୍ତରଖାନା ନେଇଯାଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଚିକିତ୍ସା କରୁଥିବା ଡାକ୍ତର ଫେରାଇ ଦେଇଥିଲେ। ଶେଷରେ ପରିବାର ଲୋକମାନେ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୧୮ ତାରିଖ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ମୃତ ଶିକ୍ଷୟିତ୍ରୀଙ୍କ ପରିବାର ପକ୍ଷରୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପ୍ରେମିକ ଯୁବକ ବିରୋଧରେ ଏତଲା ଦେଇଥିଲେ। ପୋଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ବସି ଯାଇଥିଲା। ପୋଲିସ ନିଷ୍କ୍ରିୟତା ପ୍ରତିବାଦ ଓ ଆସାମୀ ଗିରଫ ଦାବିରେ ଗାଁର ଶତାଧିକ ମହିଳାପୁରୁଷ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଘେରାଉ କରିବା ସହିତ ପଟ୍ଟାମୁଣ୍ଡାଇ-ରାଜନଗର ତଳ ରାସ୍ତାରେ ରାସ୍ତାରୋକୋ କରିଥିଲେ। ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମା ସାଗର ପଣ୍ଡା, ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଅବିଳମ୍ବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଥାନା ଘେରାଉ ଓ ରାସ୍ତାରୋକୋ ହଟି ଥିଲା।

# ଭିତରକନିକା ବୁଲି ଯାଇଥିବା ଝିଅଙ୍କୁ ଅସଦାଚରଣ ଅଭିଯୋଗ

ରାଜନଗର,୨୫।୧୨(ଭାସ୍କର ରାଉତରାୟ)

ରାଜନଗର ଥାନା ଅଞ୍ଚଳର ୬ଜଣ ଝିଅ ଗୁରୁବାର ଭିତରକନିକା ବୁଲି ଫେରିବା ବାଟରେ ଗୁପ୍ତି ରାଜନଗର ରାସ୍ତାରେ ୧୦ରୁ ଊର୍ଦ୍ଧ୍ୱ ଯୁବକ ସେମାନଙ୍କୁ ଅଟକାଇ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଅସଦାଚରଣ କରିଥିବା ନେଇ ରାତ୍ର ୮ ଟାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଘଟଣାକୁ ଗୁରୁତର ସହ ନେଇ ସମ୍ପୃକ୍ତ ଯୁବକଙ୍କୁ ଧରିବାକୁ ପ୍ରୟାସ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଥାନା ଅଞ୍ଚଳର ଜଣେ ଝିଅ ତାଙ୍କ ୫ ସାଙ୍ଗକୁ ନେଇ ଭିତରକନିକା ଜାତୀୟଉଦ୍ୟାନ ବୁଲିବାକୁ ଯାଇଥିଲେ। ସେମାନେ ଗୁପ୍ତି-ରାଜନଗର ରାସ୍ତା ଦେଇ ସ୍କୁଟି ଓ ବାଇକ୍‌ରେ ଆସୁଥିବା ବେଳେ ଜୁଜୁପଙ୍ଗରା ଛକଠାରୁ ଦୂର ଏକ ନିଛାଟିଆ ଜାଗାରେ ବ୍ରାହ୍ମଣସାହି ପଞ୍ଚାୟତ ବଡ଼ ନାଉକଣା ଗ୍ରାମର ଜଣେ ଯୁବକ ଓ ୧୦ରୁ ଅଧିକ ସାଙ୍ଗଙ୍କୁ ଧରି ସେମାନଙ୍କୁ ଅଟକାଇ ଅସଦାଚରଣ କରିବା ସହ ଖରାପ ଭାଷାରେ ଗାଳିଗୁଲଜ କରିଥିବା ନେଇ ସମ୍ପୃକ୍ତା ଝିଅ ଏତଲାରେ ଦେଇଛନ୍ତି। ଏହି ଘଟଣା ସମଗ୍ର ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଥାନାରେ ନଂ. ୪୩୧/୨୫ରେ ମାମଲା ରୁଜୁ ହୋଇଛି।

# ବଡ଼ଦିନରେ ଭିତରକନିକା, ପେଣ୍ଠରେ ପର୍ଯ୍ୟଟକଙ୍କ ଭିଡ଼



ବଡ଼ଦିନ ଲାଗି ଭିତରକନିକାରେ ପର୍ଯ୍ୟଟକଙ୍କ ଗହଳି ।

ରାଜନଗର,୨୫।୧୨
(ଭାସ୍କର ରାଉତରାୟ)

ଗୁରୁବାର ବଡଦିନରେ ୨୪୧୦ ପର୍ଯ୍ୟଟକ ଭିତରକନିକା ବୁଲିଛନ୍ତି। ସେହିପରି ପେଣ୍ଠ ବେଳାଭୂମିରେ ହଜାରରୁ ଅଧିକ ପର୍ଯ୍ୟଟକ ବଣଭୋଜି କରିବା ସହ ସମୁଦ୍ରରେ ସ୍ନାନ ଓ ସୂର୍ଯ୍ୟାସ୍ତ ଦେଖି ବିମୋହିତ ହୋଇଛନ୍ତି। ସନ୍ଧ୍ୟା ପର୍ଯ୍ୟନ୍ତ ଭିତରକନିକା ଜାତୀୟ ଉଦ୍ୟାନ ପର୍ଯ୍ୟଟକଙ୍କ କୋଳାହଳ ଭିତରେ ଚଳଚଞ୍ଚଳ ହୋଇ ଉଠିଥିଲା। ପର୍ଯ୍ୟଟକ ଏଠାକାର ପ୍ରାକୃତିକ ଶୋଭା ଉପଭୋଗ କରିବା ସହ ନଦୀପଠାରେ ଖରା ପୋଉଁଥିବା ବଉଳା କୁମ୍ଭୀର ଦେଖିଛନ୍ତି। ସ୍ଥଳପଥରେ ଭିତରକନିକାକୁ ୧୦୯୦ଜଣ ପର୍ଯ୍ୟଟକ ଆସିଥିବା ବେଳେ ଜଳପଥରେ ୧୩୨୦ଜଣ ପର୍ଯ୍ୟଟକ ଭିତରକନିକାର ଶୋଭାକୁ ଉପଭୋଗ କରିଛନ୍ତି। ଗୁପ୍ତି ପ୍ରବେଶ ପଥ ଦେଇ ୨୦ଟି ବୋଟରେ ୨୩୮ ଜଣ ପର୍ଯ୍ୟଟକ ଆସିଥିବା ବେଳେ ଖୋଳା ପ୍ରବେଶ ପଥ ଦେଇ ୮୭ଟି ବୋଟରେ ୯୬୭ ଜଣ, ଚାନ୍ଦବାଲି ପ୍ରବେଶ ପଥ ଦେଇ ୧୧ଟି ବୋଟରେ ୧୧୫ ଜଣ ପର୍ଯ୍ୟଟକ ଭିତରକନିକା ପରିଭ୍ରମଣ କରିଛନ୍ତି। ପେଣ୍ଠ ବେଳାଭୂମି ନିକଟ ଝାଉଁବଣ, ଲୁଣାଜଙ୍ଗଲ ଏବଂ ପେଣ୍ଠଠାରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମାଣ ହୋଇଥିବା ଓଡ଼ିଶାର ପ୍ରଥମ ଓ ଭାରତର ଦ୍ୱିତୀୟ ଜିଓ ସିନ୍ଥେଟିକ୍ ସାମୁଦ୍ରିକ ପ୍ରାଚିର ଦେଖିଥିଲେ। ବେଳାଭୂମିରେ ଦଳ ଦଳ ହୋଇ ବଣଭୋଜି କରିବା, ବେଳାଭୂମିରୁ ପ୍ରାୟ ୧ କି.ମି. ପୋତି ହୋଇଥିବା ବାଲୁକା ରାଶିରେ ପର୍ଯ୍ୟଟକ ସ୍ନାନ କରି ବଣଭୋଜିର ମଜା ନେଇଥିଲେ। ସମୁଦ୍ରର ନୀଳ ଜଳରାଶିରେ ବିରଳ ଡଲଫିନଙ୍କ ଜଳକ୍ରୀଡା ପର୍ଯ୍ୟଟକଙ୍କୁ ବିମୋହିତ କରିଥିଲା।

# ଭଲିବଲ: ପରମାନନ୍ଦପୁର ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ରାଜକନିକା, ୨୫।୧୨
(ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ତରାସ ନେତାଜୀ କ୍ଲବ ପକ୍ଷରୁ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଗୁରୁବାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲା ମତୋ ପରମାନନ୍ଦପୁର ଭଲିବଲ ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଚାନ୍ଦବାଲି ଓ ପରମାନନ୍ଦପୁର ମଧ୍ୟରେ ଖେଳ ହୋଇଥିଲା। ପରମାନନ୍ଦପୁର ଟିମ ପ୍ରଥମ ସେଟ ୨୫-୨୨, ଦ୍ୱିତୀୟ ସେଟ୍ ୨୫-୨୦ ବ୍ୟବଧାନରେ ବିଜୟ ହାସଲ କରି ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜକନିକା ବ୍ଲକ ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ରାଜକନିକା ଥାନା ଏସଆଇ ମୌସମ କାଲୋ ଏବଂ ଏସ.ଆଇ. ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ହୋଇ ଚାମ୍ପିୟନ ଟିମ୍ ପରମାନନ୍ଦପୁର ଓ ରନର୍ସଅପ୍ ଚାନ୍ଦବାଲି ଭଲିବଲ୍ ଟିମ୍ ଏବଂ ଶୃଙ୍ଖଳିତ ଦୋଳମଣ୍ଡପ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଖେଳ ପରିଚାଳନାରେ ମତୋ କଲେଜର ପିଇଟି ଶିବପ୍ରସାଦ ମଲ୍ଲିକ, ବିକାଶ ସିଂହ, ସତ୍ୟବ୍ରତ ବିଶ୍ୱାଳ, ବିଘ୍ନେଶ ରଥ, ପ୍ରଭାତ ଜେନା, ସତ୍ୟବ୍ରତ ବିଶ୍ୱାଳ ଓ ବିଶ୍ୱମୋହନ ଜେନା ଦାୟିତ୍ୱ ନିର୍ବାହ କରିଥିଲେ। କ୍ଲବର ସଭାପତି ବନଜ କୁମାର ବାରିକ ସଭା ପରିଚାଳନା କରିଥିବା ବେଳେ କ୍ଲବର ସଦସ୍ୟ ଭରତ ଚନ୍ଦ୍ର ବାରିକ, ସରୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବର ସଦସ୍ୟ ସୁମନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରାମାଞ୍ଚଳ କ୍ରୀଡ଼ା ପ୍ରତିଭାଙ୍କୁ ପରିଚୟ ମିଳୁଛି



ଖେଳ ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ଏମ୍‌ପି ବୈଜୟନ୍ତ ପଣ୍ଡା, ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଓ ଭାଜପା ନେତାମାନେ।

## ଏମ୍‌ପି ଖେଳ ମହୋତ୍ସବ ଉଦ୍‌ଯାପିତ

କେନ୍ଦ୍ରାପଡ଼ା, ୨୫।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ଟାଉନ ହାଇସ୍କୁଲ ପଡ଼ିଆରେ ୨୩ ତାରିଖରୁ ଆରମ୍ଭ ହୋଇଥିବା ଏମ୍‌ପି ଖେଳ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ଏମ୍‌ପି ବୈଜୟନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାଦ୍ୱାର ଗ୍ରାମାଞ୍ଚଳର କ୍ରୀଡ଼ା ପ୍ରତିଭାଙ୍କୁ ପରିଚୟ ମିଳୁଛି ବୋଲି କହିଥିଲେ। ସେ କହିଥଲେ, ଆସନ୍ତା ୨୦୩୬ରେ ଭାରତରେ ଅଲମ୍ପିକ କ୍ରୀଡ଼ା ଅନୁଷ୍ଠିତ ହେବ। ଏହି କ୍ରୀଡା ଉତ୍ସବକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ଫିଟ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଶରୀର ସୁସ୍ଥ ରହିଲେ ସମୃଦ୍ଧିର ବାତାବରଣ ସୃଷ୍ଟି ହୋଇପାରିବ। ମନ ଓ ଶରୀର ସୁସ୍ଥ ପାଇଁ କ୍ରୀଡ଼ାର ଗୁରୁତ୍ୱ ବେଶୀ। ପୂର୍ବରୁ କ୍ରୀଡ଼ା କ୍ଷେତ୍ରକୁ ବିସ୍ତାରିତ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇ ପାରୁ ନ ଥିଲା। ଗ୍ରାମାଞ୍ଚଳ ପ୍ରତିଭାଙ୍କ ଚିହ୍ନଟ ହୋଇ ପାରୁ ନ ଥିଲା। ମାତ୍ର ଏମ୍‌ପି ଖେଳ ମହୋତ୍ସବରେ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ କୋଣ ଅନୁକୋଣରୁ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଇ ପ୍ରତିଭାଙ୍କ ଚିହ୍ନଟ କରାଯାଇଛି। ଗ୍ରାମାଞ୍ଚଳ ପ୍ରତିଭାଙ୍କ ଚିହ୍ନଟ ପରେ ସେମାନେ ଆହୁରି ଉନ୍ନତ କ୍ରୀଡ଼ା ପ୍ରଦର୍ଶନ କରି ଦେଶର ନାମ ଉଚ୍ଚା କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆଭାସୀ ଭିଡିଓ ମାଧ୍ୟମରେ ଉଦ୍‌ଯାପନୀର ଅଭିଭାଷଣ ଓ କ୍ରୀଡ଼ାବିତଙ୍କ ସହିତ ଚର୍ଚ୍ଚା ଆଲୋଚନାକୁ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଚିହ୍ନଟ କ୍ରୀଡ଼ା ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଜିଲାପାଳ ରଘୁରାମ ଆର. ଆୟାର, ଭାଜପା ଜିଲା ସଭାପତି ଶଶାଙ୍କ ଶେଖର ସେଠୀ, ପୂର୍ବତନ ସଭାପତି କିଶୋର ଚନ୍ଦ୍ର ପଣ୍ଡା, ବରିଷ୍ଠ ନେତା ଦୁର୍ଯ୍ୟୋଧନ ସାହୁ, ଲଳିତ କୁମାର ବେହେରା, ଉମାକାନ୍ତ ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ଦାସ, ସୁନାକର ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ଓଳାଭର ପଞ୍ଚାୟତରେ କଂଗ୍ରେସର ମିଶ୍ରଣ ପର୍ବ

ରାଜକନିକା, ୨୫।୧୨(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଓଳାଭର ପଞ୍ଚାୟତ କଂଗ୍ରେସ ପକ୍ଷରୁ ବୁଧବାର ମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଂଗ୍ରେସ ନେତ୍ରୀ ତଥା ଜିଲା ସଭାନେତ୍ରୀ ଡା. ଦେବସ୍ମିତା ଶର୍ମା, ଓଳାଭର ପଞ୍ଚାୟତ କଂଗ୍ରେସ ଯୁବ ସଙ୍ଗଠକ ଇଂ. ମେହେତାବ ଖାଁଙ୍କ ସଂଯୋଜନା ତଥା ୨୮ନଂ. ଜୋନ ସଭାପତି ସତ୍ୟବ୍ରତ ପରିଡାଙ୍କ ସଭାପତିତ୍ୱରେ ଦେଉଳସାହି କଚେରୀ ପଡ଼ିଆରେ ଆୟୋଜିତ ସଭାରେ ପଞ୍ଚାୟତର ବିଶିଷ୍ଟ ଯୁବ ସଙ୍ଗଠକ ଶ୍ରୀଧର ଦାସ ଓ ସମର୍ଥକ ବିଭିନ୍ନ ଦଳ ଛାଡି କଂଗ୍ରେସ ଦଳରେ ପାଖାପାଖି ୩୦ଜଣ ଯୋଗଦେଇଥିଲେ। ଡା. ଶର୍ମା ସମସ୍ତ ନବାଗତ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏଥିରେ ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା, ବରିଷ୍ଠ କଂଗ୍ରେସ ନେତା ବାବୁରାମ ଜେନା, ୨୯ନଂ. ଜୋନ୍ ସଭାପତି ରଙ୍ଗଲାଲ ମଲ୍ଲିକ ପ୍ରମୁଖ ଓ ବ୍ଲକର ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅଶୋକ



@ ବିଶ୍ୱରଞ୍ଜନ



@ ରାଜେଶ



@ ସ୍ମୃତି



@ ସୁସ୍ମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସୁବର୍ଣ୍ଣ ଜୟନ୍ତୀ କ୍ରିକେଟ୍ ଟୁର୍ନାମେଣ୍ଟର ଟ୍ରଫି ଉନ୍ମୋଚନ

ରାଜକନିକା, ୨୫।୧୨(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଡାଳିକାଏନ୍ଦା ଗାଁର ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ସୁବର୍ଣ୍ଣ ଜୟନ୍ତୀ କ୍ରିକେଟ୍ ଟୁର୍ନାମେଣ୍ଟର ଟ୍ରଫି ସରସ୍ୱତୀ ଖେଳ ପଡ଼ିଆରେ ଗୁରୁବାର ଉନ୍ମୋଚିତ ହୋଇଯାଇଛି। ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଡ. ହୟଗ୍ରୀବ ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଭି.ଏସ. ରାଓ, ସ୍ୱତନ୍ତ୍ର ଅତିଥି ଭାବେ କଣ୍ଠଶିଳ୍ପୀ କୁମାର ବାପି, ସମ୍ମାନିତ ଅତିଥି ଭାବେ ଏଏସ୍‌ଏଫ୍ ଆଦିତ୍ୟ ନାରାୟଣ ବେହେରା, ସରପଞ୍ଚ ଗଙ୍ଗାଧର ବେହେରା, ବସୁଦେବ ସ୍ୱାଇଁ ପ୍ରମୁଖ ଯୋଗଦେଇ ଟ୍ରଫି ଉନ୍ମୋଚିତ କରିଥିଲେ। ବିଦ୍ୟାଧର ବେହେରାଙ୍କ ମଞ୍ଚ ପରିଚାଳନା, କ୍ଲବ କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ ରାଉତ, ସରୋଜ ବେହେରା, ନିଗମାନନ୍ଦ ସାହୁ, ପ୍ରେମାନନ୍ଦ ବିଶ୍ୱାଳଙ୍କ ସମେତ କ୍ଲବର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଐତିହ୍ୟ, ସଂସ୍କୃତିକୁ ଉଜ୍ଜୀବିତ ରଖିଛି ମହୋତ୍ସବ

## ଚତୁର୍ଦ୍ଦଶ ଡେରାବିଶ ମହୋତ୍ସବ ଉଦ୍‌ଘାଟିତ

ଡେରାବିଶ, ୨୫।୧୨(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ସାଂସ୍କୃତିକ ସଙ୍ଗଠନ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଡେରାବିଶ ମିନି ଷ୍ଟାଡିୟମରେ ଚତୁର୍ଦ୍ଦଶ ଡେରାବିଶ ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ସାଂସ୍କୃତିକ ସଙ୍ଗଠନ ସଭାପତି ଡ. ଭକ୍ତକବି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଜିଲାପାଳ ରଘୁରାମ ଆର. ଆୟାର ଯୋଗଦେଇ ଡେରାବିଶ ତଥା କେନ୍ଦ୍ରାପଡ଼ା ଜିଲାର ପ୍ରାଚୀନ ଐତିହ୍ୟ, ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ମହୋତ୍ସବ ଏକ ସ୍ୱତନ୍ତ୍ର ଭୂମିକା ନିଭାଇଥିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ତହସିଲଦାର ସରୋଜକାନ୍ତ ନାୟକ ଓ ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ମହୋତ୍ସବ କମିଟି ପକ୍ଷରୁ ବିଶେଷାଙ୍କ 'ଦିଗଦର୍ଶିନୀ'କୁ ଉନ୍ମୋଚିତ କରିଥିଲେ। ସଙ୍ଗଠନ ସମ୍ପାଦକ ସରୋଜ କୁମାର ଦାଶ ସ୍ୱାଗତ ଭାଷଣ, ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପରମାରାଧ୍ୟ ଶ୍ରୀଦଧିବାମନଜୀଉଙ୍କ ମନ୍ଦିରରୁ ଏକ ମଶାଲକୁ ଶୋଭାଯାତ୍ରାରେ ଅଣାଯାଇ ମହୋତ୍ସବ ମଣ୍ଡପରେ ସ୍ଥାପନ କରାଯାଇଥିଲା। ପରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାଂସ୍କୃତିକ ସଙ୍ଗଠନର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।



ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ଅରବିନ୍ଦ ମହାପାତ୍ର, ଜିଲାପାଳ ରଘୁରାମ ଆର.ଆୟାର ଓ ଅନ୍ୟ ଅତିଥି।

# ଭାରତର ପରମାଣୁ ଶକ୍ତିକୁ ଆଗକୁ ନେଇଥିଲେ ବାଜପେୟୀ

ପଟ୍ଟାମୁଣ୍ଡାଇ/ ରାଜକନିକା, ୨୫।୧୨
(କଳ୍ପତରୁ ନାୟକ/ ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)



ପଟ୍ଟାମୁଣ୍ଡାଇ ଶ୍ରୀରାମ ସେନା ପକ୍ଷରୁ ବାଜପେୟୀଙ୍କ ଜୟନ୍ତୀ ପାଳନରେ ଉପସ୍ଥିତ ଭାଜପା ନେତା।

ଭାରତ ରତ୍ନ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମବାର୍ଷିକୀ ପାଳନ ସହ ଶ୍ରୀରାମ ସେନା ପକ୍ଷରୁ ଗୁରୁବାର ପଟ୍ଟାମୁଣ୍ଡାଇ ମଙ୍ଗଳା ମଣ୍ଡପଠାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ୧୦୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସେନା ସମ୍ପାଦକ ଆଶିଷ କୁମାର ମଲିକଙ୍କ ନେତୃତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ରାମକୃଷ୍ଣ ମିଶ୍ରଙ୍କ ସଭାପତିତ୍ୱରେ ଅୟୋଜିତ ସଭାରେ ସେନାର ସଭାପତି ଶାରଦା ପ୍ରସାଦ ରାଉତ, ଆଇନଜୀବୀ ପ୍ରଦୀପ୍ତ ମହାପାତ୍ର, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କାର୍ଯ୍ୟକର୍ତ୍ତା ଶୁଭକାନ୍ତ ତ୍ରିପାଠୀ, କେନ୍ଦ୍ରାପଡ଼ା ଜିଲା ଆରଏସ୍‌ଏସ୍ ଗ୍ରାମୀଣ ବିକାଶ ପ୍ରମୁଖ ଜଗବନ୍ଧୁ ପ୍ରଧାନ, ଆରଏସ୍‌ଏସ୍ କାର୍ଯ୍ୟକର୍ତ୍ତା ରତ୍ନାକର ନାୟକ, ଗୋଲେଖ ଚନ୍ଦ୍ର ବେହେରା, ଧର୍ମ ଜାଗରଣ ସମିତି ଜିଲା ସଂସ୍କୃତି ପ୍ରମୁଖ ସତ୍ୟ ନାରାୟଣ ନାୟକ ପ୍ରମୁଖ ଯୋଗଦେଇଥିଲେ। ବାଜପେୟୀ ତାଙ୍କ ଶାସନ କାଳରେ ୧୯୯୮ରେ ରାଜସ୍ଥାନର ପୋଖରାନଠାରେ ସବୁ ଦେଶକୁ ଚକ୍‌ମା ଦେଇ ଦେଶର ପରମାଣୁ ଶକ୍ତି ପରୀକ୍ଷାକୁ ସଫଳ କରିଥିଲେ। ଏହି ପରୀକ୍ଷଣ ପରେ ସାରା ବିଶ୍ୱରେ ଭାରତ ଏକ ପରମାଣୁ ଶକ୍ତି ଯୁକ୍ତ ରାଷ୍ଟ୍ରରେ ପରିଗଣିତ ହୋଇଥିଲା। ୨୦୧୫ରେ ତାଙ୍କୁ ଭାରତରତ୍ନ ଦିଆଯାଇଥିଲା। ରକ୍ତଦାନ ଶିବିରରେ ଜିଲା ସଭାପତି ଲିଙ୍ଗରାଜ ଦଳ ବେହେରା, ଭଗବାନ ମହାନ୍ତି, ପରେଶ ମହାପାତ୍ର, ସୁଧାଂଶୁ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରକୁ ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଉଦ୍‌ଘାଟନ କରିଥିବା ବେଳେ ଭାଜପା ନେତା ରବୀନ୍ଦ୍ର ବିଶ୍ୱାଳ, ପଦ୍ମଲାଭ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି କର୍ଯ୍ୟକ୍ରମରେ ବରିଷ୍ଠ ମହିଳା ନେତ୍ରୀ ପୂର୍ବତନ ଭାଜପା ଜିଲା ଉପସଭାପତି ସ୍ୱର୍ଣ୍ଣରେଣୁ ପାଣ୍ଡବ ଓ କାର୍ଯ୍ୟକର୍ତ୍ତାମାନଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ରାଜକନିକାଠାରେ କେନ୍ଦ୍ରାପଡ଼ା ଜିଲା ଯୁବମୋର୍ଚ୍ଚା ଉପସଭାପତି ସନ୍ତୋଷ କରଙ୍କ ସଂଯୋଜନାରେ ଭାଜପା ସ୍ଥାନୀୟ ଯୁବମୋର୍ଚ୍ଚା ପକ୍ଷରୁ ଗୁରୁବାର ଗୋପାଳଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ଭାଜପା ପ୍ରତିଷ୍ଠା କରିବା ସହ ବାଜପେୟୀ ଭାରତୀୟ ରାଜନୀତିକୁ ଏକ ରାଜନୈତିକ ବିକଳ୍ପ ପ୍ରଦାନ କରିଥିଲେ। ଯାହା ଜାତୀୟ ସ୍ୱାର୍ଥ ଏବଂ ସାଂସ୍କୃତିକ ଜାତୀୟତାବାଦକୁ ପ୍ରାଥମିକତା ଦେଇଥିଲା। ଅଟଳଜୀ ଭାରତୀୟ ରାଜନୀତିରେ ଜନସେବା ଏବଂ ସାଙ୍ଗଠନିକ ଶକ୍ତିର ଏକ ଶକ୍ତିଶାଳୀ ପ୍ରତୀକ ଯାହା ଆମ ପାଇଁ ଚିର ସ୍ମରଣୀୟ ହୋଇ ରହିବ ବୋଲି ରାଜ୍ୟ ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରେୟସ ଦାସ କହିଥିଲେ। ଏହି କାର୍ଯ୍ୟକ୍ରମରେ ରଜତ ଦାଶ, ପବିତ୍ର ମୋହନ ମିଶ୍ର, ସୁଜିତ ବେହୁରା, ପିଟିକେଶରୀ ମହାନ୍ତି, ଶଶାଙ୍କ ଶେଖର ମଲ୍ଲିକ, ସୁମନ୍ତ ନାୟକ, ସୁଶାନ୍ତ ବାରିକ, ସତ୍ୟଜିତ୍ ସାମଲ, ସୁବାସ ନାୟକ ସମେତ ଅନ୍ୟ ଯୁବମୋର୍ଚ୍ଚା ସଦସ୍ୟ ମଧ୍ୟ ଯୋଗଦେଇଥିଲେ।

# ଦଲାଲ, ବେପାରୀ ଫାଶରେ ଚାଷୀ

ନୟାଗଡ଼,୨୫।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ଧାନ କଟାଯାଇ ଅମଳ ଆରମ୍ଭ ହୋଇଯାଇଛି। ହେଲେ ଏଯାବତ ମଣ୍ଡି ଖୋଲି ନାହିଁ, ଯାହାର ଫାଇଦା ନେଇଛନ୍ତି ଦଲାଲ ଓ ବେପାରୀ। ବିଲରେ ଦଲାଲ ଓ ବେପାରୀ ପହଞ୍ଚି ଧାନ କିଣିବାକୁ ଚାଷୀଙ୍କୁ ପ୍ରଲୋଭିତ କରୁଛନ୍ତି। ପୁଣି କଟ୍‌ନିଛଟ୍‌ନି ଓ ମିଲରଙ୍କ ରୁକ୍ଷ ବ୍ୟବହାର ଅନେକ ଚାଷୀଙ୍କ ପାଇଁ ଧାନମଣ୍ଡି ପ୍ରତି ବିତୃଷ୍ଣା ସୃଷ୍ଟି କରିଛି। ଏଣୁ ଚାଷୀ ଦଲାଲ ଓ ବେପାରୀଙ୍କ ଫାଶରେ ପଡି କୁଇଣ୍ଟାଲ ପିଛା ୧୨୦୦ ରୁ ୧୩୦୦ ଟଙ୍କା କମ୍‌ରେ ବିକ୍ରି କରିବାକୁ ବାଧ ହୋଇଛି।

ପ୍ରକାଶ ଯେ, ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ନଭେମ୍ବର ୨୪ରେ ଖଣ୍ଡପଡା ରୋଡର ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ତଥା ଜିଲାସ୍ତରୀୟ କ୍ରୟ କମିଟି ଅଧ୍ୟକ୍ଷ ଅକ୍ଷୟ ସୁନୀଲ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ଡିସେମ୍ବର ୨୯ରେ ଧାନ କିଣାଯିବାକୁ ନିଷ୍ପତ୍ତି ହୋଇଥିଲା। ଜିଲାରେ ୧୫୩ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ୧୬୯ଟି ଧାନ କ୍ରୟ କେନ୍ଦ୍ର ଖୋଲିବା ବ୍ୟବସ୍ଥା ହୋଇଛି। ଧାନ କିଣିବାକୁ ୧୫ ଜଣ ମିଲର ନିୟୋଜିତ ହୋଇଛନ୍ତି। ଧାନ ବିକ୍ରି କରିବାକୁ ଚାଷୀଙ୍କୁ ଟୋକନ୍ ମିଳିବ। ଟୋକନ୍‌ର ଭ୍ୟାଲିଡିଟି ୩୦ ଦିନ ରହିବ। ଧାନ କିଣା ତାରିଖ ପାଇଁ ମେସେଜ ଆସିବ। ପ୍ରଶାସନ ଧାନ କିଣିବାକୁ ତାରିଖ ଧାର୍ଯ୍ୟ କରିଥିବା ବେଳେ କାହିଁକି ଚାଷୀ ପ୍ରତିବର୍ଷ ଦଲାଲ ଓ ବେପାରୀଙ୍କୁ ଧାନ ବିକୁଛି। ଧାନ କିଣାରେ କଣ ତ୍ରୁଟି ରହୁଛି ନା ଅନ୍ୟ କେଉଁଠି ରହୁଛି ସେନେଇ ସମୀକ୍ଷା କାହିଁକି ହେଉନି। ଜିଲାରେ ପ୍ରତିବର୍ଷ ଅସଲ ଚାଷୀ ଅଭାବୀ ଧାନ ବିକ୍ରିର ସମ୍ମୁଖୀନ ହୋଇ ମଣ୍ଡି ପ୍ରତି ମୁହଁ ମୋଡୁଛି।

- ୧୨୦୦ ଟଙ୍କା କମ୍‌ରେ ବିକ୍ରି ହେଉଛି ଧାନ
- ମଣ୍ଡି ପ୍ରତି ବଢୁଛି ଚାଷୀଙ୍କ ବିତୃଷ୍ଣା
- ରୋକାଯାଉନି କଟ୍‌ନିଛଟ୍‌ନି, ରୁକ୍ଷ ବ୍ୟବହାର

ଏନେଇ ନୟାଗଡ଼ର ଚାଷୀ ରଣଜିତ ଦଳବେହେରା କୁହନ୍ତି, ଚାଷୀ ପ୍ରତିବର୍ଷ କଟ୍‌ନିଛଟ୍‌ନିର ଶିକାର ହେଉଛି। ଧାନ ମଣ୍ଡି ଉଦ୍‌ଘାଟନ ଓ ଜିଲାସ୍ତରୀୟ ଧାନକିଣା କମିଟିରେ ଜିଲାପାଳ, ଉପଜିଲାପାଳ, ମନ୍ତ୍ରୀ, ବିଧାୟକ କଟନିଛଟନି ହେବ ନାହିଁ କହୁଛନ୍ତି। ତେବେ କଟନିଛଟନି ଏକ ପ୍ରକାର ନିୟମ ହୋଇ ସାରିଲାଣି। କଟନିଛଟନି ନ ହେଲେ ଧାନ ମଣ୍ଡିରେ ବିକ୍ରି ହୋଇ ପାରୁନି। ପ୍ରତିବର୍ଷ ଏନେଇ ଆନ୍ଦୋଳନ କରୁଥିଲେ ମଧ୍ୟ ସୁଫଳ ମିଳୁନି। ବରଂ ଚାଷୀ ମିଲର ଟାର୍ଗେଟରେ ହଇରାଣ ହେଉଛି। ଏଣୁ ମଣ୍ଡିକୁ ଧାନ ନ ଆଣି ବିଲରେ କମ୍ ଦାମରେ ବିକ୍ରି କରିବାକୁ ବାଧ ହେଉଛନ୍ତି।

ଭାପୁରର ଚାଷୀ ସଦାଶିବ ପ୍ରଧାନ କୁହନ୍ତି, ମୁଁ ୫ମାଣ ଜମିରେ ଧାନ ଫସଲ ଭାଗ ଚାଷରେ କରିଛି। ମଣ୍ଡିକୁ ନେଇ ଧାନ ବିକ୍ରି କରିବା ମୋ ପାଇଁ ସବୁବେଳେ ଅସୁବିଧା ହେଉଛି। ଏଣୁ ଅସୁବିଧାକୁ ଦେଖି ବେପାରୀଙ୍କୁ ଧାନ ବିକ୍ରି କରି ସାରିଲାଣି। ସରକାର ଧାନ ମଣ୍ଡି ଖୋଲି ବାହାବା ନେଉଛନ୍ତି। ହେଲେ ମଣ୍ଡିରେ ଦେଖା ଦେଉଥିବା ଅବ୍ୟବସ୍ଥା, ରୁକ୍ଷ ବ୍ୟବହାରକୁ ସମାଧାନ କରୁ ନାହାନ୍ତି। ଏଣୁ ମୋ ପରି ଅନେକ ଚାଷୀ ମଣ୍ଡିରେ ଧାନ ବିକ୍ରି ନ କରି ବେପାରୀଙ୍କୁ ବିକ୍ରି କରୁଛନ୍ତି। ଗଣିଆର ଚାଷୀ ବିକ୍ରମ ସାହୁ କୁହନ୍ତି, ଧାନର ସହାୟକ ମୂଲ୍ୟଠାରୁ ଆମେ ୧୨୦୦ ଟଙ୍କା କମ୍‌ରେ କୁଇଣ୍ଟାଲ ପିଛା ବିକ୍ରି କରୁଛୁ। ମଣ୍ଡିକୁ ଗଲେ ୩୧୦୦ ଟଙ୍କାରେ ସିନା ଆମେ ପାଇବୁ, ହେଲେ ୧ ହଜାରରୁ ୧୫୦୦ ଟଙ୍କା କ୍ଷତି ହୋଇଯିବ। ଅପେକ୍ଷା କରିବା, କଟନି ଛଟନି, ଗାଡି ଖର୍ଚ୍ଚକୁ ହିସାବ କଲେ ବେପାରୀଙ୍କୁ ବିକ୍ରି କଲେ ଆମେ ଲାଭରେ ରହୁଛୁ କହି ମନ ବୁଝାଇ ଦେଉଛୁ ବୋଲି କହିଛନ୍ତି।

ଦଶପଲ୍ଲାର ଚାଷୀ ବିକ୍ରମ ନାୟକ କୁହନ୍ତି, ଧାନ କାଟିବାକୁ ଭଲ ପାଗ ଦେଇଥିବାରୁ କଟା ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଚଳିତ ବର୍ଷ ଜିଲାରେ ଭଲ ଧାନ ହୋଇଛି। ଚାଷୀ ମଣ୍ଡିରେ ଧାନ ବିକ୍ରି କରିବାକୁ ସବୁବେଳେ ହଇରାଣ ହୋଇ ଆସୁଛି। ଯଦି ପ୍ରଶାସନ ମଣ୍ଡିକୁ ଶୀଘ୍ର ଖୋଲିବାର ବ୍ୟବସ୍ଥା କରନ୍ତା ତେବେ ବେପାରୀମାନେ ଅଧିକ ସଂଖ୍ୟକ ଧାନ କିଣି ପାରନ୍ତେ ନାହିଁ। ହେଲେ ପ୍ରଶାସନ ବେପାରୀଙ୍କୁ ସୁହାଇବା ଭଳି ପ୍ରତିବର୍ଷ ବିଳମ୍ବରେ ଧାନମଣ୍ଡି ଖୋଲି ଆସୁଛି। ଯାହାକି ବେପାରୀ ସବୁବେଳେ ଲାଭରେ ରହୁଛନ୍ତି। ଜିଲା ଯୋଗାଣ ଅଧିକାରୀ କୁହନ୍ତି, ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁସାରେ ଡିସେମ୍ବର ୨୯ରେ ଧାନ ମଣ୍ଡି ଖୋଲିବ। ଚଳିତ ବର୍ଷ ଧାନର ଦର ଭଲ ରହିଛି। ଚାଷୀ ସରକାରଙ୍କୁ ବିକ୍ରି କରି ସୁଫଳ ନିଅନ୍ତୁ ବୋଲି କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଶୋକ



@ ବିଶ୍ୱରଞ୍ଜନ



@ ରାଜେଶ



@ ସ୍ମୃତି



@ ସୁସ୍ମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବ୍ରିକ୍ସ-ଏଜିଏସି ସମ୍ମିଳନୀରେ ଯୋଗଦେଲେ ବୈଜ୍ଞାନିକ ପ୍ରଦ୍ୟୁମ୍ନ



ବ୍ରାଜିଲଠାରେ ଆୟୋଜିତ ବ୍ରିକ୍ସ-ଏଜିଏସିରେ ଯୋଗଦେଇଥିବା ପ୍ରଦ୍ୟୁମ୍ନ ।

ଖଣ୍ଡପଡ଼ା,୨୫।୧୨(ଅଜୟ କୁମାର ମହାରଣା)

ହାଇଦ୍ରାବାଦସ୍ଥିତ ବିର୍ଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି ଆଣ୍ଡ ସାଇନ୍ସର ବରିଷ୍ଠ ପ୍ରଫେସର ଭାବେ କାର୍ଯ୍ୟରତ ଖଣ୍ଡପଡ଼ା ମାଟିର ପୁଅ ବୈଜ୍ଞାନିକ ପ୍ରଦ୍ୟୁମ୍ନ କୁମାର ସାହୁ ଭାରତ ସମେତ ୫ଟି ଦେଶକୁ ନେଇ ଗଠିତ ବ୍ରିକ୍ସ-ଏଜିଏସି ସଂଘର କାଉନସିଲ ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ସେ ବ୍ରାଜିଲଠାରେ ଆୟୋଜିତ ବ୍ରିକ୍ସ-ଏଜିଏସିର ଏକ ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀରେ ଯୋଗଦେଇ ନିଜର ମତ ରଖିଥିବା ଜଣାଯାଇଛି। ସେଠାରେ ବୈଜ୍ଞାନିକ ସାହୁ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଶ୍ୱର ୫ଟି ଦେଶ ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ବ୍ରିକ୍ସ-ଏଜିଏସି ସଂଘ କାର୍ଯ୍ୟ ମୁଖ୍ୟତଃ ମାଧ୍ୟାକର୍ଷଣ, ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ ସହଯୋଗ ଓ ଗବେଷଣା ଉପରେ ପର୍ଯ୍ୟବସିତ ବୋଲି ଜଣାପଡିଛି। ଉପରୋକ୍ତ ୫ ଦେଶର ବୈଜ୍ଞାନିକ, ଗବେଷକଙ୍କୁ ସହଯୋଗ କରିବା ସହ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ଏ ସମ୍ବନ୍ଧୀୟ ଜ୍ଞାନର ଆଦାନ ପ୍ରଦାନ ନିମନ୍ତେ ବ୍ରାଜିଲଠାରେ ସମ୍ମିଳନୀର ଆୟୋଜନ କରାଯାଇଥିବା ଜଣାପଡ଼ିଛି।

## ବଡ଼ବାଣପୁର, କୁମ୍ଭାରପଡ଼ାରେ ଖୋଲିବ ଧାନମଣ୍ଡି

ଖଣ୍ଡପଡ଼ା,୨୫।୧୨
(ଅଜୟ କୁମାର ମହାରଣା)

**ଖଣ୍ଡପଡ଼ା ବ୍ଲକ**

ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡା ଓ ବଡ଼ବାଣପୁର ଗ୍ରାମରେ ଚଳିତ ବର୍ଷଠାରୁ ନୂତନ ଧାନମଣ୍ଡି ଖୋଲିବା ନେଇ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ନିଆଯାଇଥିବା ବେଳେ ଉକ୍ତ ୨ ପଞ୍ଚାୟତ ଚାଷୀମାନେ ଏବେ ନୂତନ ମଣ୍ଡିରେ ଉଚିତ ମୂଲ୍ୟରେ ଧାନ ବିକ୍ରୟର ସୁଯୋଗ ପାଇ ପାରିବେ ବୋଲି ଜଣାପଡିଛି।

କୁମ୍ଭାରପଡାଠାରେ ଏକ ଧାନମଣ୍ଡି ଖୋଲିବା ନିମନ୍ତେ ଗତ ୫ ମାସ ତଳେ ସ୍ଥାନୀୟ ଅଞ୍ଚଳର ସାମାଜିକକର୍ମୀ ପ୍ରଭାତ କୁମାର ସାହୁଙ୍କ ନେତୃତ୍ୱରେ ଚାଷୀମାନେ ନୟାଗଡ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ବିଳମ୍ବରେ ହେଉ ପଛେ ୨ଟି ସ୍ଥାନରେ ନୂତନ ଧାନମଣ୍ଡି ଖୋଲିବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବାରୁ କୁମ୍ଭାରପଡା ଓ ବଡବାଣପୁର ପଞ୍ଚାୟତବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏଥିନିମନ୍ତେ ଅଞ୍ଚଳବାସୀ ନୟାଗଡ଼ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀ ଏବଂ ଖଣ୍ଡପଡ଼ା ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଏମ୍‌ବିସିସି କ୍ରିକେଟ ଟୁର୍ନାମେଣ୍ଟ, ଟାକରା ବିଜୟୀ



ଉଦ୍‌ଘାଟନ ଉତ୍ସବରେ ଖେଳାଳୀ ବୃନ୍ଦ

ଦଶପଲ୍ଲା,୨୫।୧୨
(ପ୍ରକାଶ କୁମାର ପାଣି)

ଟାକରା ଏମବିସିସି ଚାମ୍ପିୟନ ଟ୍ରଫି ବୁଧବାର ଠାରୁ ଆରମ୍ଭ ହୋଇ ୩୦ ତାରିଖରେ ଶେଷ ହେବାକୁ ଥିବାବେଳେ ଗୁରୁବାର ଦ୍ୱିତୀୟ ଦିନ ଖେଳ ଏମ୍‌ବିସିସି କ୍ରିକେଟ କ୍ଲବ ସହ ଲୋଧାପଙ୍ଗା କ୍ରିକେଟ ଦଳର ହୋଇଥିବା ବେଳେ ପ୍ରଥମେ ଲୋଧାପଙ୍ଗା କ୍ରିକେଟ ଦଳ ଟସ୍‌ଜିତି ବ୍ୟାଟିଂ କରିଥିଲା। ସମୁଦାୟ ୧୨ ଓଭର ଖେଳି ଲୋଧାପଙ୍ଗା କ୍ରିକେଟ ଦଳ ସର୍ବାଧିକ ୯୪ ରନ ହାସଲ କରିଥିବା ବେଳେ ବିପକ୍ଷ ଟାକରା ଏମ୍‌ବିସିସି କ୍ରିକେଟ ଦଳ ୯ ଓଭର ଖେଳି ବିଜୟ ହାସଲ କରିଥିଲା। ଆଜିର ଏହି ଦ୍ୱିତୀୟ ଦିନରେ ସମ୍ପିତ କୁମାର ଭଞ୍ଜ ଓ ନୀହାର ରଞ୍ଜନ ମହାନ୍ତି ପ୍ରମୁଖ ଖେଳ ପରିଚାଳନା କରିଥିଲେ। ବୁଧବାର ଖେଳ ଉଦ୍‌ଘାଟନ ଉତ୍ସବରେ ଟାକରା ହାଇସ୍କୁଲର ଆଲୁମନି କମିଟି ସଭାପତି ତଥା ସାମାଜିକକର୍ମୀ ପ୍ରଦୀପ କୁମାର ସାହୁ ଯୋଗଦେଇଥିବା ବେଳେ ଯୁବ ଖବରଦାତା ପ୍ରିୟବ୍ରତ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଏମ୍‌ବିସିସି କ୍ରିକେଟ କ୍ଲବର ସଭ୍ୟ ଶିବାନନ୍ଦ ସାହୁ ଓ ସଞ୍ଜୀବ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ପ୍ରଥମ ଦିନରେ ମୁଣ୍ଡୁଳି -କରଡ଼ାବଣି ମଧ୍ୟରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ପ୍ରଥମେ ମୁଣ୍ଡୁଳି ଟସ୍ ଜିତି ବୋଲିଂ କରିଥିଲା। କରଡ଼ାବଣି ୧୨ ଓଭରରେ ୧୩୬ ରନ ହାସଲ କରିଥିବା ବେଳେ ବିପକ୍ଷ ଦଳ ମୁଣ୍ଡୁଳି ୮ ଓଭର ଖେଳି ୭୫ ରନ ହାସଲ କରି ପରାସ୍ତ ହୋଇଥିଲା।

## ଶ୍ରୀନୀଳମାଧବଙ୍କୁ ଦର୍ଶନ କଲେ ନ୍ୟୁଜିଲାଣ୍ଡ ପର୍ଯ୍ୟଟକ

ଖଣ୍ଡପଡ଼ା,୨୫।୧୨(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ମହାପ୍ରଭୁ ଶ୍ରୀନୀଳମାଧବ ଜୀଉଙ୍କୁ ବୁଧବାର ୪୫ ଜଣ ଭାରତୀୟ ବଂଶୋଦ୍ଭବ ବହୁ ବର୍ଷ ଧରି ସେଠାରେ ରହୁଥିବା ଏବଂ ନ୍ୟୁଜିଲାଣ୍ଡର ସ୍ଥାୟୀ ନାଗରିକମାନେ ମିଳିତ ଭାବେ ଦର୍ଶନ କରିଥିଲେ। ସେବାୟତ ଦୁର୍ଗାମାଧବ ମିଶ୍ର ସମସ୍ତ ପର୍ଯ୍ୟଟକଙ୍କୁ ମାଧବଙ୍କ ମନ୍ଦିର ସମ୍ପର୍କରେ ବୁଝାଇବା ପରେ ସେମାନେ ଖୁସି ଅନୁଭବ କରିଥିଲେ ବୋଲି ସେବାୟତ ମିଶ୍ର ସୂଚନା ଦେଇଥିଲେ। ବହୁ ପ୍ରାଚୀନ କାଳରୁ ମନ୍ଦିର କାରୁକାର୍ଯ୍ୟ ଦେଖି ବିମୋହିତ ହୋଇଥିଲେ ।

## ମା' ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ



ଟ୍ରଫି ସହ ଉଭୟ ଦଳର ଖେଳାଳି।

ଖଣ୍ଡପଡ଼ା,୨୫।୧୨
(ଅଜୟ କୁମାର ମହାରଣା)

**ବାବା ଗୁପ୍ତେଶ୍ୱର କ୍ରିକେଟ କ୍ଲବ ଚାମ୍ପିୟନ**

କଣ୍ଟିଲୋ ପଲଟନ ପଡ଼ିଆ ମିନି ଷ୍ଟାଡିୟମରେ ସ୍ଥାନୀୟ ବରୁଣେଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୧୯ ତମ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଗୁପ୍ତେଶ୍ୱର କ୍ରିକେଟ କ୍ଲବ ଭୋଗଡା ୫ ଉଇକେଟରେ ବୈଦେଶ୍ୱର କ୍ରିକେଟ କ୍ଲବକୁ ହରାଇ ଚାମ୍ପିୟନ ହୋଇଥିବା ଜଣାଯାଇଛି। ବୈଦେଶ୍ୱର କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୮.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୨୯ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ବାବା ଗୁପ୍ତେଶ୍ୱର କ୍ରିକେଟ କ୍ଲବ(ଭୋଗଡା)ଆରମ୍ଭରୁ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ସେହି ସମୟରେ କୁନା ଏବଂ ପିଙ୍କୁଙ୍କ ଯୋଡ଼ି କମାଲ କରି ଚାମ୍ପିୟନ ହୋଇଥିଲା। ବାବା ଗୁପ୍ତେଶ୍ୱର କ୍ଲବର ପିଙ୍କୁ ଅଲରାଉଣ୍ଡର ପ୍ରଦର୍ଶନ କରି ଗ୍ରାଣ୍ଡ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପିଙ୍କୁ କଞ୍ଜୁସ ବୋଲିଂ କରିବା ସହିତ ବ୍ୟକ୍ତିଗତ ୧୯ ବଲରୁ ୫ ଛକା,୩ ଚୌକା ବଳରେ ଅପରାଜିତ ୪୬ କରିଥିଲେ। ବାବା ଗୁପ୍ତେଶ୍ୱର କ୍ଲବ (ଭୋଗଡ଼ା) ଚାମ୍ପିୟନ ହୋଇଛି।

ଆଜିର ମ୍ୟାଚକୁ ଅନିଲ ନାୟକ ଓ ବଣ୍ଟି ବେହେରା ପରିଚାଳନା କରିଥିଲେ। ଶୁଭ୍ରାଂଶୁ ମହାରଣା ଓ ଶେଷଦେବ ନାୟକ ଭାଷ୍ୟକାର। ରାଜା ଦଳେଇ ଓ ସନ୍ତୋଷ ବେହେରା ସ୍କୋର ଦାୟିତ୍ୱ ତୁଲାଇ ଥିଲେ। ଉଦ୍‌ଯାପନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସମ୍ମାନିତ ଅତିଥି କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରା,ଅନ୍ୟତମ ସମ୍ମାନିତ ଅତିଥି ମାଧବ ଚନ୍ଦ୍ର ସାହୁ, ତପନ କୁମାର ମହାପାତ୍ର, ମାନସ ସାହୁ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ରନର ଟିମ୍ ବୈଦେଶ୍ୱରକୁ ନଗଦ ଅର୍ଥ ରାଶି ୮ ହଜାର ଏବଂ ଗ୍ରାଣ୍ଡ ଫାଇନାଲ ବାବା ଗୁପ୍ତେଶ୍ୱର କ୍ଲବ (ଭୋଗଡା) ଚାମ୍ପିୟନ ଟ୍ରଫି ସହ ନଗଦ ଅର୍ଥ ରାଶି ୧୦ ହଜାର ପ୍ରଦାନ କରାଯାଇଥିଲା।

## ଓଡ଼ିଶା ପୋଲିସ, କଟକ ୫-୦ ଗୋଲରେ ବିଜୟୀ

ଶରଣକୁଳ,୨୫।୧୨(ଦୀପକ କର)

- ସର୍ବଭାରତୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ
- ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କର ଫୁଟ୍‌ବଲ ପ୍ରତି ଅବଦାନକୁ ମନେପକାଇଲେ ବାଚସ୍ପତି

ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ଶରଣକୁଳ ସ୍ପୋର୍ଟସ ଆସୋସିଏଶନ ଦ୍ୱାରା ଆୟୋଜିତ ସର୍ବଭାରତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟକୁ ଗୁରୁବାର ବାଚସ୍ପତି ସୁରମା ପାଢ଼ୀ ଅପରାହ୍ନ ୨.୩୦ରେ ଲଡୁବାବାଙ୍କ ଦର୍ଶନ ପରେ ଆଞ୍ଚା ମାଳ ଓ ମଶାଲ ସହ ଶୋଭାଯାତ୍ରାରେ ଯାଇ ମଞ୍ଚରେ ସ୍ଥାପନ ପରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ସହ ଅନୁଷ୍ଠାନ ପତାକାକୁ ଉତ୍ତୋଳନ ପରେ ଉଦ୍‌ଘାଟନ କରିଥିଲେ।

ଗୁରୁବାର ଅନୁଷ୍ଠିତ ଖେଳରେ ଓଡ଼ିଶା ପୋଲିସ, କଟକ ୫ -୦ ଗୋଲରେ ଡିଷ୍ଟ୍ରିକ୍ଟ ଫୁଟବଲ ଆସୋସିଏଶନ, ରାୟପୁରକୁ ହରାଇ ବିଜୟୀ ହୋଇଛି। ବହୁ ସଂଖ୍ୟକ ପୁରୁଷ ଓ ମହିଳା ଦର୍ଶକଙ୍କ ଗହଣରେ ଖେଳର ପ୍ରଥମାର୍ଦ୍ଧର ୨ୟ ମିନିଟରେ ଓ ପୋଲିସର ୫ନଂ ଖେଳାଳି ମମତା ମିଞ୍ଜଙ୍କ ଏକ ଗୋଲ ପରେ ୧୪ତମ, ୧୬ତମ ଏବଂ ୨୦ତମ ମିନିଟରେ ୧୮ନଂ ଖେଳାଳି ସତ୍ୟବତୀ ଖାଡ଼ିଆଙ୍କ ତିନୋଟି ଗୋଲରେ ଦଳ ୪-୦ରେ ଆଗୁଆ ଥିଲା। ଖେଳର ଦ୍ୱିତୀୟାର୍ଦ୍ଧରେ ରାୟପୁର ଦଳ ପ୍ରତିଆକ୍ରମଣାତ୍ମକ ଖେଳିଥିଲେ କିନ୍ତୁ ଓଡ଼ିଶା ପୋଲିସ ଚମତ୍କାର ଖେଳି ୧୬ତମ ମିନିଟ୍‌ରେ ଦଳର ୧୪ନଂ ଖେଳାଳି ମାଳତି ମୁଣ୍ଡାଙ୍କ ଏକ ଗୋଲରେ ଦଳ ୫-୦ ଗୋଲରେ ବୃହତ ବିଜୟ ହାସଲ କରିଥିଲା। ପରେ ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ପରେ ମୁଖ୍ୟଅତିଥି ପାଢ଼ୀ ତାଙ୍କ ବକ୍ତବ୍ୟରେ ସ୍ୱର୍ଗତ ଆଇପିଏସ୍ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କ ଫୁଟବଲ ପ୍ରତି ଅବଦାନର ସ୍ମୃତି ଚାରଣ କରି ଉଚ୍ଚ ପ୍ରଶଂସା କରିବା ସହ ମହିଳା ଫୁଟବଲର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଦୁଇ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

ସମ୍ମାନିତ ଅତିଥିଭାବେ ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ଏସ୍. ସୁଶ୍ରୀ, ବରିଷ୍ଠ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିପିନ ବିହାରୀ ପାଢ଼ୀ, ଓଡଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, କୋମଣ୍ଡ ଆଇଟିଆଇ ପ୍ରତିଷ୍ଠାତା ଶ୍ରୀନିବାସ ସୁବୁଦ୍ଧି, ଏସ୍‌ଡିପିଓ ଦୀପ୍ତିକାନ୍ତ ପ୍ରଧାନ, ମୋହେ ଟ୍ରଷ୍ଟର ପ୍ରତିଷ୍ଠାତା ମାନସ ଦାସଙ୍କ ବ୍ୟତୀତ ଅନୁଷ୍ଠାନ କାର୍ଯ୍ୟକାରୀ ସଭାପତି ଜ୍ୟୋତିର୍ମୟ ମହାନ୍ତି, କୋଷାଧ୍ୟକ୍ଷ ପ୍ରମୋଦ କୁମାର ପ୍ରଧାନ, ସହ ସମ୍ପାଦକ ଲିଙ୍ଗରାଜ ପାତ୍ର ଯୋଗଦେଇ ପଡିଆରେ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ସର୍ବଶ୍ରେଷ୍ଠ ଖେଳାଳିଭାବେ ଓଡ଼ିଶା ପୋଲିସର ଚିତ୍ରବତୀ ଖାଡ଼ିଆଙ୍କୁ ଟ୍ରଫି ସହ ୧ ହଜାର ଟଙ୍କା ପ୍ରଦାନ କରିଥିଲେ।



ବାଚସ୍ପତି ସୁରମା ପାଢ଼ୀ ଜଣେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

ମୁଖ୍ୟ ରେଫରି ଭାବେ ଜାତୀୟ ରେଫେରି ରୀନା ତିର୍କୀ ଲାଇନରେ ରାଉରକେଲାର ବାଲମତି ଓରାମ ଓ ବାଲେଶ୍ୱରର ସୀତା ମାରାଣ୍ଡି ଏବଂ ୪ର୍ଥ ରେଫେରି ଭାବେ ଭୁବନେଶ୍ୱରର ଭାରତୀ ମହାନ୍ତି ଖେଳ ପରିଚାଳନା କରିଥିଲେ। ଏଆଇଏଫ୍‌ଏଫ୍‌ର ମ୍ୟାଚ କମିଶନର ଦୁର୍ଗା ଚରଣ ନାୟକ ଏବଂ ଓଡ଼ିଶା ଫୁଟବଲ ଆସୋସିଏଶନର ଚୟନକର୍ତ୍ତା ଚିତ୍ରସେନ ପାତ୍ର ଯୋଗ ଦେଇଥିଲେ। ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର କୁନି କୁନି ପିଲାମାନେ ଖେଳାଳିମାନଙ୍କୁ ପଡିଆ ମଧ୍ୟକୁ ସ୍ୱାଗତ କରିବା ସହ ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରି ଦର୍ଶକଙ୍କ ମନ ମୋହିଥିଲେ ।

ଭାଷ୍ୟକାର ଡ.ଆଶୁତୋଷ ମିଶ୍ର ଓ ଶେଖ ଅବ୍ଦୁଲ ଖାଲିକ ସୁନ୍ଦର ଭାବେ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ମୁଖ୍ୟ ସଂଯୋଜକ ବିକାଶ ଜ୍ୟୋତି ଦୋରା ପରିଚାଳନା କରିଥିଲେ। ଶୁକ୍ରବାର ଖେଳ ସ୍ପୋର୍ଟ୍ସ ହଷ୍ଟେଲ, ସୁନ୍ଦରଗଡ ଓ ତାରିଣୀ ଫୁଟବଲ ଏକାଡେମୀ, କେନ୍ଦୁଝର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି।

# ନିମ୍ନମାନର ରାସ୍ତା ନିର୍ମାଣ ଅଭିଯୋଗ

**ବିଞ୍ଝାରପୁର,୨୫ା୧୨ (ରାମକୃଷ୍ଣ ଦାସ):**



ନିମ୍ନମାନର ରାସ୍ତା କାର୍ଯ୍ୟ ।

ବିଞ୍ଝାରପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ବିଞ୍ଝାରପୁର ବ୍ଲକର ଗୋବିନ୍ଦପୁର କେନାଲଠାରୁ-ଗୁହାଳି ନାଥସାହି ମଧ୍ୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର ଉକ୍ତ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ରାସ୍ତା କାର୍ଯ୍ୟରେ ନିମ୍ନମାନର ସିମେଣ୍ଟ, ଗୋଡି ବ୍ୟବହାର ହେଉଥିବା ଗୁହାଳି ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଜିଲାପାଳ ଅମ୍ବର କୁମାର କର ଅଭିଯୋଗ ପାଇବା ପରେ ଏହାର ତଦନ୍ତ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ନିର୍ମାଣ ହେଉଥିବା ରାସ୍ତା କାମର ଫଳକ ଲଗାଯାଇନାହିଁ। ଏଥିସହିତ ରାସ୍ତାରେ ସିମେଣ୍ଟ, ଗୋଡି ଅତିନିମ୍ନମାନର ବ୍ୟବହୃତ ହେଉଥିବାରୁ ରାସ୍ତାର ସ୍ଥାୟିତ୍ୱ ପ୍ରତି ସନ୍ଦେହ ସୃଷ୍ଟି ହୋଇଛି। ଜନସାଧାରଣଙ୍କୁ ଅନ୍ଧାରରେ ରଖି ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତ୍ରରେ କାମ ହେଉଛି ବୋଲି ଗୁହାଳି ପଞ୍ଚାୟତର ସାମାଜିକ କର୍ମୀ ସ୍ମୃତିରଞ୍ଜନ ସାହୁଙ୍କ ନେତୃତ୍ୱରେ ରଞ୍ଜନ ବାରିକ, ମଦନ ମୋହନ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ଶତପଥୀ, ବ୍ରଜକିଶୋର ମିଶ୍ର, ଶ୍ୟାମସୁନ୍ଦର ମିଶ୍ର, ସୁରେନ୍ଦ୍ର ପଣ୍ଡା, ସଦାନନ୍ଦ ଜେନା, ଗଗନ ବିହାରୀ ନାୟକ, ପ୍ରଦୀପ ପରିଡ଼ା, ସନାତନ ନାୟକ ଓ ମଧୁ ପରିଡ଼ା ପ୍ରମୁଖ ଅଭିଯୋଗ କରିଛନ୍ତି। ନିମ୍ନମାନ ରାସ୍ତା ନିର୍ମାଣ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୁନା ରାମସିଂଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତା ନିର୍ମାଣ ସମ୍ପର୍କରେ ଅଭିଯୋଗ ଆସିଛି। ଏହାର ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବିଶ୍ୱର ସ୍ୱତନ୍ତ୍ର ବ୍ୟକ୍ତି ଥିଲେ ବାଜପେୟୀ

**ଚଣ୍ଡିଖୋଲ,୨୫ା୧୨ (ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ଜଗନ୍ନାଥ କଲ୍ୟାଣ ମଣ୍ଡପ ପରିସରରେ ଗୁରୁବାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବଡ଼ଚଣା ଭାଜପା ପକ୍ଷରୁ ବାଲିଚନ୍ଦ୍ରପୁର ମଣ୍ଡଳ ସଭାପତି ଅଶୋକ ସିଂହଙ୍କ ଅଧ୍ୟକ୍ଷତା ଓ ସୀତାନାଥ ବଳସାମନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅମର କୁମାର ନାୟକ ଯୋଗଦେଇ ବାଜପେୟୀଙ୍କ ଜୀବନୀ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ, ଭାରତର ଅଦ୍ୱିତୀୟ ନେତା ଭାବେ ବାଜପେୟୀ ତାଙ୍କ ଜିବନାଦର୍ଶରେ ଅନେକ କାର୍ଯ୍ୟ କରିଛନ୍ତି। ସେ କେବଳ ଭାରତ ବର୍ଷର ନେତା ନ ଥିଲେ। ବିଶ୍ୱର ଏକ ସ୍ୱତନ୍ତ୍ର ବ୍ୟକ୍ତି ଥିଲେ। ସେ ନୂତନ ଭାରତର ପରିକଳ୍ପନା କରିଥିବାରୁ ତାଙ୍କ ଜୟନ୍ତୀକୁ ଭାରତ ସୁଶାସନ ଦିବସ ରୁପେ ପାଳନ କରୁଛି। ସମ୍ମାନିତ ଅତିଥି ଭାବରେ ଜିଲା ଭାଜପା ସଭାନେତ୍ରୀ ଦେବଯାନୀ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯଚିନ୍ଦ୍ର ନାୟକ, ନାରାୟଣ ସାମଲ, ପ୍ରତାପ ଧଳ, ବିମଳ ପ୍ରଧାନ, ବିଶ୍ୱଜିତ ସାମଲ, ମନୋଜ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ବିକାଶ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ରବୀନ୍ଦ୍ର ଶାନ୍ତି, ଯୁବନେତା ଅମିୟ ସାହାଣୀ, ଶିକ୍ଷାବିତ ରବୀନ୍ଦ୍ର ସାମଲ, ପ୍ରସନ୍ନ ପରିଡ଼ା ଉପସ୍ଥିତ ଥିଲେ। ବାଲିଚନ୍ଦ୍ରପୁର ସରପଞ୍ଚ ଅନୁପମା ବଳ ଧନ୍ୟବାଦ ଦେଇଥିଲେ।



ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ଏକାଠି ହୋଇଥିବା ସ୍ଥାନୀୟ ଭାଜପା ନେତା ଓ କର୍ମୀ।

# ହାଡ଼ିଦାସଙ୍କ ଜୟନ୍ତୀ ମହୋତ୍ସବ ପ୍ରସ୍ତୁତି ଚୂଡ଼ାନ୍ତ

**ଛତିଆ,୨୫ା୧୨(ସୌମ୍ୟ ରଞ୍ଜନ ସାହୁ):** ମକର ସଂକ୍ରାନ୍ତିଠାରୁ ୩ ଦିନଧରି ବଡ଼ଚଣା ବ୍ଲକର ଚମ୍ପାପୁରଠାରେ ମାଳିକା ରଚୟିତା ମହାପୁରୁଷ ହାଡ଼ିଦାସଙ୍କ ଜୟନ୍ତୀ ମହୋତ୍ସବ ପାଳନ କରାଯିବ। ଏନେଇ ମହାପୁରୁଷ ହାଡିଦାସ ଜୟନ୍ତୀ କମିଟି ସଭାପତି ତଥା ଛତିଆବଟ ମଣିମା ପ୍ରଦ୍ୟୁମ୍ନ କୁମାର ଦାସଙ୍କ ସଭାପତିତ୍ୱରେ ଏକ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ସମ୍ପାଦକ ଦିଲୀପ ରାଉତ ବିବରଣୀ ପାଠ କରିଥିଲେ। ପୂର୍ବବର୍ଷର ଆୟବ୍ୟୟ ପାଠ ପରେ ମହାପୁରୁଷଙ୍କ ଜୟନ୍ତୀ ମହୋତ୍ସବ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଥିଲା। ମହୋତ୍ସବର ପ୍ରଥମ ଦିନ ଏକ ବିଶାଳ ସନ୍ଥ ସମ୍ମିଳନୀ ହେବ। ସେହିପରି ବିଶ୍ୱଶାନ୍ତି ମହାଯଜ୍ଞ ସହ ପ୍ରତ୍ୟେକ ସନ୍ଧ୍ୟାରେ ମାଳିକା ପ୍ରବଚନ ଓ ସଂକୀର୍ତ୍ତନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ କମିଟି ଉପସଭାପତି ଧ୍ରୁବ ପ୍ରଧାନ, ଅଜୟ ନାୟକ, ନିରଞ୍ଜନ ରାଉତ, ପ୍ରମୋଦ ରାଉତ, ରାମଚନ୍ଦ୍ର ରାଉତ, ସ୍ମିତ ରଞ୍ଜନ ପ୍ରଧାନ, ସତ୍ୟବ୍ରତ ବିଶ୍ୱାଳ, ଲକ୍ଷ୍ମୀଧର ସାହୁ, କୃଷ୍ଣଚନ୍ଦ୍ର ସ୍ୱାଇଁ, ରାମଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ମତ ଦେଇଥିଲେ।

# ପାଣିକୋଇଲି ମା' ତାରିଣୀ ମହାବିଦ୍ୟାଳୟ ଚାମ୍ପିୟନ



ଅତିଥିଙ୍କ ଗହଣରେ ବିଜୟୀ ଦଳର ଖେଳାଳିମାନେ।

**ଯାଜପୁରରୋଡ୍,୨୫ା୧୨ (ପବିତ୍ର ରଞ୍ଜନ ମହାନ୍ତି):**

## ଆନ୍ତଃ ମହାବିଦ୍ୟାଳୟ କ୍ରିକେଟ

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚାଲିଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାୟୋଜିତ ଆନ୍ତଃ ମହାବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ଜୋନ ୨ ଫାଇନାଲ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଣିକୋଇଲି ମା' ତାରିଣୀ କଲେଜ ଚାମ୍ପିୟନ ହୋଇଛି। ମା'ତାରିଣୀ କଲେଜ ଓ ସାଲେପୁର କଲେଜ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସରେ ବିଜୟୀ ହୋଇ ସାଲେପୁର ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରୁ ମା' ତାରିଣୀ କଲେଜ ୪ ଉଇକେଟ ହରାଇ ୧୬୮ ରନ କରିଥିଲା। ଦଳ ତରଫରୁ ଅମନ ସିଂ ୩୮ ବଲରେ ୭୦ ରନ କରିଥିଲେ। ଏହାର ଜବାବରେ ସାଲେପୁର କଲେଜ ୧୫.୨ ଓଭରରେ ସମସ୍ତ ଉଇକେଟ ହରାଇ ୭୫ ରନ କରିଥିଲା। ଫଳରେ ମା' ତାରିଣୀ କଲେଜ ୯୪ ରନରେ ବିଜୟୀ ହୋଇଥିଲା। ପରେ ଆଥଲେଟିକ କ୍ଲବ୍ ଉପସଭାପତି ଜୀବନବନ୍ଧୁ ଦାସଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଶରତ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଓ ରନର ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମା' ତାରିଣୀ କଲେଜର ଅମନ ସିଂଙ୍କୁ ତେଜ ହୋଣ୍ଡା ତରଫରୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ଦିଆଯାଇଥିଲା। ଖେଳକୁ ପବିତ୍ର ମଲ୍ଲିକ, ଶୁଭମ ବିଶ୍ୱାଳ, ଅନିକେତ ଧୀର, କଳ୍ପତରୁ ପରିଡ଼ା ଓ ନିରଞ୍ଜନ ପୃଷ୍ଟି ପରିଚାଳନା କରିଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 52-SBP-TRD-OT-2025-26, ତା. 19.12.2025 ରିଖ

**କାର୍ଯ୍ୟର ନାମ :** "ଡୁଙ୍ଗୁରିପାଲି ଷ୍ଟେସନ ଠାରେ ଇଞ୍ଜିନକୁ ପଛକୁ ନେବାପାଇଁ R/4କୁ ଉଭୟ ପାର୍ଶ୍ୱରେ 100 ମିଟର S/NECK ଉପଲବ୍ଧ କରାଇବା" କାର୍ଯ୍ୟ ସହିତ ଜଡିତ TRD ସମ୍ବନ୍ଧୀୟ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ (₹):** 34,83,240.98, EMD (₹) : 69,700.00, ଶେଷହେବା ଅବଧି : 09 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.12.01.2026ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-935/Q/25-26


# ଡିଫ୍ଟ୍ ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ



ବାର୍ଷିକ କ୍ରୀଡ଼ା ଉତ୍ସବରେ ସିଲ୍ଡ ସହ ବିଜୟୀ ଦଳର ଖେଳାଳି।

**ବଡ଼ଚଣା,୨୫ା୧୨(ଦିଲୀପ କୁମାର ମହାନ୍ତି):** ଯାଜପୁର ଜିଲା ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନ ଡିଫ୍ଟ୍ ପବ୍ଲିକ ସ୍କୁଲର ୨ ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ପୁରସ୍କାର ବିତରଣ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡ଼ଚଣା ଶିକ୍ଷା ମଣ୍ଡଳ ଅଧିକାରୀ ଅଭୟ କୁମାର ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ସୁଜାତା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଚଣ୍ଡିଖୋଲ ଅଗ୍ନିଶମ ବିଭାଗ ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ ଯୋଗଦେଇ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟ ନିର୍ଦ୍ଦେଶକ ବିଶ୍ୱଜିତ ମହାପାତ୍ର, ସମ୍ପାଦକ ରଞ୍ଜିତ ମହାପାତ୍ର, ଉପାଧ୍ୟକ୍ଷା ରାଜଶ୍ରୀ ମହାପାତ୍ର ଯୋଗଦେଇ ପୁରସ୍କାର ବିତରଣ କରିବା ସହ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ଲିପ୍ସା ସ୍ୱାଇଁ ଓ କ୍ରୀଡ଼ା ସଂଯୋଜିକା ବିନ୍ଦୁରେଖା ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।


**OFFICE OF THE PANCHAYAT SAMITI, GANJAM**
Phone: 06811-254345(O), E-Mail: oribganjam@gramsat.nic.in

No. i-436 **TENDER CALL NOTICE**

**BID IDENTIFICATION No. - GJMPS - 01/2025-26 Dt.22.12.2025**

1. Name of the Work : Construction of 50MT Godown & Office Building
2. No. of Work : 03 Nos. i.e. i. Lunguri SCS, GP-Malada ii. Kartikadhi SCS, GP-Santoshpur iii. Santoshpur SCS, GP-Santoshpur
3. No. of Covers : Single Cover
4. Estimated Cost : Rs.23,81,992/- for each
5. Period of Completion : Six Calendar Months
6. Date & time of availability of bid documents in portal : From 11.00 A.M. of Dated: 30.12.2025
7. Last date/time for receipt of bids in the portal : Upto 5.00 P.M. of 12.01.2026
8. Date of opening of Online bid documents : At 11.30 A.M. of 13.01.2026
9. Class of Contractor : "B" & "C" Class Contractor
10. Name & address of Officer Inviting Bid : Panchayat Samiti, Ganjam

Further, details can be seen from the e-procurement portal **www.tenderodisha.gov.in**. The Addendum/Corrigendum if any will be hosted in the website only.

**OIPR-19440/11/0003/2526** **Sd./- Block Development Officer, Ganjam**



**GOVERNMENT OF CHHATTISGARH**
**WATER RESOURCES DEPARTMENT**
**OFFICE OF THE SUPERINTENDING ENGINEER**
**M.R.P. DAM CIRCLE, RUDRI (CHHATTISGARH)**
**e-PROCUREMENT TENDER NOTICE**
**eProcurement Portal: https://eproc.cgstate.gov.in**
**(First Call)**

**System Tender No. 182190/NIT No. 03/SAC/25-26 Dated: 23.12.2025**

Online Tenders are invited for the following works upto 13.01.2026 at 17.30 hours.

Name of Work: Construction of Cross Regulator at R.D. 1220m of Sondur Feeder Canal for Sankara and Ghatula Group Water Supply Scheme in Block Nagri, District Dhamtari.

Probable Amount of Contract: Rs.192.35 Lakhs (Excluding G.S.T.).

(As per S.O.R. Enforced from Dated: 01.05.2025 and amended on dated 08.08.2025).

The details can be viewed and downloaded online directly from the Government of Chhattisgarh Integrated e-Procurement Portal **(https://eproc.cgstate.gov.in) from Date: 30.12.2025 at 17.31 hours (IST) onwards**.

**NOTE:** All eligible/interested contractors/bidders are mandated to get enrolled on the Integrated e-procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process. Prequalification Certificates issued by Water Resources Department whose validity is upto 30.09.2026 is applicable in this tender.

**Sd./- Executive Engineer**
**Water Management Division, Rudri, Code No. 38**
**For, Superintending Engineer**
**M.R.P. Dam Circle, Rudri (C.G.)**

G-252605684/3



**कार्यालय बनमण्डलाधिकारी, जशपुर बनमण्डल, जशपुर**

**नीलाम सूचना**

| | 12.30 P.M. | 02.30 P.M. | 308287, 308291, 403498, 403513, 403515, 403526, 403530, 403533, 403542, 403543, 403544, 403545, 403550, 403556, 403561, 403568, 403571, 403572, 403573, 403574, 403577, 403578, 403610, 403612, 403617, 403619, 403620 & 403622 = **28 Candidates** |
| 08.01.2026 | 08.30 A.M. | 10.30 A.M. | 403623, 403630, 403634, 403635, 403643, 403644, 403650, 403655, 403660, 403665, 403670, 403674, 403681, 403685, 403686, 403697, 403703, 490045, 505016, 505017, 505024, 505029, 505035, 505046, 505052, 505054, 505058, 505062, 505069, 505071, 505073, 505079, 505089, 505090, 505093, 505094, 505095, 505097, 505105, 505108, 505116, 505118, 505126 & 505128 = **44 Candidates** |
| | 12.30 P.M. | 02.30 P.M. | 505131, 505133, 505148, 505152, 505154, 505155, 505156, 505158, 505159, 505161, 505162, 505164, 505172, 505174, 505178, 505185, 505189, 505201, 505210, 505211, 505218, 505219, 505220, 505222, 505224, 505230, 505231 & 505232 = **28 Candidates** |
| 09.01.2026 | 08.30 A.M. | 10.30 A.M. | 505233, 505234, 505235, 505238, 505239, 505242, 505243, 505259, 505261, 505265, 505271, 505273, 505276,505280, 505281, 505288, 505291, 505293, 505294, 505297, 505298, 505301, 505302, 505303, 505304, 505305, 505306, 505307, 505308, 505309, 505329, 505334, 505337, 505338, 505342, 505343, 505345, 505351, 505352, 505361, 505365, 505379, 505381 & 505385 = **44 Candidates** |
| | 12.30 P.M. | 02.30 P.M. | 505388, 505398, 505400, 505402, 505405, 505408, 505412, 505417, 505420, 505431, 505433, 505436, 505441, 505452, 505454, 505460, 505461, 505462, 505466, 505471, 505480, 505483, 505497, 505500, 505501, 505502 & 505506 = **27 Candidates** |

**N.B.:** The candidates are advised to report at the office of the Commission **30 minutes before** the commencement of Document Verification in each ‘time slot’ allotted in the ‘scheduled programme’.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. Hard Copy of Online Application form mentioning **Roll No** at the **Top Right-hand Corner**.
(Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc. through OPSC e-Chayan Portal via **www.opscechayan.in**)
2. Four **(04)** passport size photographs (Unsigned & Unattested) which has been uploaded with application form.
3. **Matriculation Certificate** in support of declaration of age.
4. Bachelor’s Degree Certificate .
5. Post-Graduation Certificate/ Master’s Degree Certificate in the subject concerned in respect of Educational Qualification prescribed.
6. B.Ed. Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of Educational Qualification prescribed.
9. Caste Certificate **by birth** in support of claim as **SEBC/ST/SC** whichever applicable. (which has been uploaded with online Application Form)
10. Odia Test Pass Certificate from the ‘competent authority’, wherever applicable.
11. Permanent Disability Certificate (indicating percentage of permanent disability i.e. **40% and more**); wherever applicable.
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., Dt.16.10.1985. Further, Ex-Servicemen candidates must submit an affidavit undertaking that he/ she has not been appointed against any “civil post” after retirement from military service, wherever applicable.
13. Identity Card for Sports Persons issued by the Director of Sports Odisha, wherever applicable.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in & affixed with “passport size photograph” (downloaded from the website of the OPSC)

The candidates are required to mention **“Submitted by me and Certified as genuine and has not been cancelled”** and put their **full signature and date** on the same.

OIPR-12002/11/0353/2526 **Sd./ - Secretary**

# ୨୭ରେ ଚାନ୍ଦବାଲି ଯିବ ଭକ୍ତଙ୍କ ଟିମ୍

ଭୁବନେଶ୍ୱର,୨୫।୧୨ (ରବିନାରାୟଣ ଜେନା)

ଭଦ୍ରକ ଚାନ୍ଦବାଲିଠାରେ ଜଣେ ନାବାଳିକାଙ୍କ ପ୍ରତି ହୋଇଥିବା ଅମାନୁଷିକ ଘଟଣାରେ ପୀଡ଼ିତାଙ୍କ ପରିବାରକୁ ଭେଟିବା ଏବଂ ଘଟଣାର ଅନୁସନ୍ଧାନ ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଡିସେମ୍ବର ୨୭ରେ ଉକ୍ତ ଅଞ୍ଚଳ ଗସ୍ତ କରିବ। ଏହି ପ୍ରତିନିଧି ଦଳରେ ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶ୍ରୀକାନ୍ତ ଜେନା, ଜଗନ୍ନାଥ ପଟ୍ଟନାୟକ, ପଞ୍ଚାନନ କାନୁନଗୋ, ଅନନ୍ତ ପ୍ରସାଦ ସେଠୀ, ପିସିସି ବେଭାଗିଶ ପଟ୍ଟନାୟକ, ବିଧାୟକ ଅଶୋକ ଦାସ ପ୍ରମୁଖ ଗସ୍ତ କରିବେ ବୋଲି ଦଳ ପକ୍ଷରୁ ଜଣାଯାଇଛି।

## ଓଡ଼ିଶା ସରକାର
## ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି

**ଘୋଷଣା**

File No.2388/2025 Date: .09.2025

**No.XXVII-23:** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୧) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-ମୁଣ୍ଡାଗୁଡ଼ା, ଥାନା-ମାଥିଲି, ତହସିଲ-ମାଥିଲି, ଜିଲ୍ଲା-ମାଲକାନଗିରିରେ ନିମ୍ନବର୍ଣ୍ଣିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୯୭/୨୦୨୩, ତା.୧୬.୦୬.୨୦୨୩ ରିଖରେ ପ୍ରକାଶିତ ହୋଇଥିଲା।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ମୁଣ୍ଡାଗୁଡ଼ା,** ଥାନା-ମାଥିଲି, ତହସିଲ-ମାଥିଲି, ଜିଲ୍ଲା-ମାଲକାନଗିରିର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ www.malkangiri.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ-ତଥା-ତହସିଲଦାର, ମାଥିଲିଙ୍କ ତହସିଲ କାର୍ଯ୍ୟାଳୟ, ମାଥିଲିଠାରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ–କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା–ମାଲକାନଗିରି ତହସିଲ:ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମୁଣ୍ଡାଗୁଡା | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥିସହ ସଂଲଗ୍ନ କରାଗଲା | | | | | |

**ତଫସିଲ–ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା–ମାଲକାନଗିରି ତହସିଲ:ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନ ଠାରୁ ଛଅ ମାସ ମଧ୍ୟରେ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– ଜିଲ୍ଲାପାଳ, ମାଲକାନଗିରି**

## ଭୂମି ଅନୁସୂଚୀ

### ମୌଜା:ମୁଣ୍ଡାଗୁଡ଼ା, ଥାନା–ମାଥିଲି ନଂ.–୧୦୮, ତହସିଲ–ମାଥିଲି, ଜିଲ୍ଲା–ମାଲକାନଗିରି
### ଜୟପୁର–ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୯ | ୨୯୨ | ୧.୦୦୧ | ୧.୦୦୦୭ | ଧାନ ଏକ | ଗୋପିନାଥ ଧୋବା, ପି-ରାମଚନ୍ଦ୍ର ଧୋବା, ଜା-ଧୋବା, ବା-ମାଥିଲି |
| ୧୭ | ୩୦୨ | ୦.୭୬୧ | ୦.୨୩୮୧ | ଧାନ ଦୁଇ | ଡମ୍ବୁ ପରମା, ପି-ମାଧବ ପରମା, ଜା-ଭୂମିଆ, ବା-ମାଥିଲି |
| | ୩୧୩ | ୦.୬୭୦ | ୦.୫୦୦୮ | ଧାନ ଏକ | ଡମ୍ବୁ ପରମା, ପି-ମାଧବ ପରମା, ବଳରାମ ପରମା, ଗୋପି ପରମା, ଭଗତ ପରମା, ପି-ମଙ୍ଗରାଜ ପରମା, ଜା-ଭୂମିଆ, ବା-ମାଥିଲି |
| | ୩୧୦ | ୦.୪୪୫ | ୦.୪୪୪୭ | ଧାନ ଏକ | ଡମ୍ବୁ ପରମା, ପି-ମାଧବ ପରମା, ବଳରାମ ପରମା, ଗୋପି ପରମା, ଭଗତ ପରମା, ପି-ମଙ୍ଗରାଜ ପରମା, ଜା-ଭୂମିଆ, ବା-ମାଥିଲି |
| | ୨୯୩ | ୦.୯୫୪ | ୦.୯୫୩୮ | ଧାନ ଏକ | ଡମ୍ବୁ ପରମା, ପି-ମାଧବ ପରମା, ବଳରାମ ପରମା, ଗୋପି ପରମା, ଭଗତ ପରମା, ପି-ମଙ୍ଗରାଜ ପରମା, ଜା-ଭୂମିଆ, ବା-ମାଥିଲି |
| | ୩୦୮ | ୦.୩୭୧ | ୦.୩୫୨୬ | ଧାନ ଦୋଫସଲି ଦୁଇ | ଡମ୍ବୁ ପରମା, ପି-ମାଧବ ପରମା, ବଳରାମ ପରମା, ଗୋପି ପରମା, ଭଗତ ପରମା, ପି-ମଙ୍ଗରାଜ ପରମା, ଜା-ଭୂମିଆ, ବା-ମାଥିଲି |
| | ୩୦୩ | ୦.୩୭୧ | ୦.୦୨୨୮ | ଧାନ ଦୋଫସଲି ଦୁଇ | ଡମ୍ବୁ ପରମା, ପି-ମାଧବ ପରମା, ବଳରାମ ପରମା, ଗୋପି ପରମା, ଭଗତ ପରମା, ପି-ମଙ୍ଗରାଜ ପରମା, ଜା-ଭୂମିଆ, ବା-ମାଥିଲି |
| ୧୭ | ୨୯୬ | ୧.୩୫୪ | ୧.୩୫୪୧ | ଧାନ ଦୋଫସଲି ଦୁଇ | ଡମ୍ବୁ ପରମା, ପି-ମାଧବ ପରମା, ବଳରାମ ପରମା, ଗୋପି ପରମା, ଭଗତ ପରମା, ପି-ମଙ୍ଗରାଜ ପରମା, ଜା-ଭୂମିଆ, ବା-ମାଥିଲି |
| | ୩୦୯ | ୦.୮୬୫ | ୦.୮୬୪୮ | ଧାନ ଦୋଫସଲି ଦୁଇ | |
| | ୨୯୫ | ୦.୬୧୮ | ୦.୬୧୭୭ | ଡଙ୍ଗର ଦୁଇ | |
| ୬୨/୫୬ | ୩୧୯ | ୦.୬୨୩ | ୦.୬୨୨୭ | ଧାନ ଏକ | ବିଜୟକୁମାର ମଲିକ, ପି-ପୂର୍ଣ୍ଣନନ୍ଦ ମଲିକ, ଜା-କଣ୍ଡରା, ବା-ମାଥିଲି |
| ୬୨/୬୭ | ୩୨୪ | ୦.୦୯୬ | ୦.୦୯୬୩ | ଧାନ ଦୁଇ | ବିଜୟକୁମାର ମଲିକ, ପି-ପୂର୍ଣ୍ଣନନ୍ଦ ମଲିକ, ଜା-କଣ୍ଡରା, ବା-ମାଥିଲି |
| ୬୨/୬୭ | ୩୨୬ | ୦.୧୫୬ | ୦.୧୨୧୧ | ଧାନ ଦୁଇ | ବିଜୟକୁମାର ମଲିକ, ପି-ପୂର୍ଣ୍ଣନନ୍ଦ ମଲିକ, ଜା-କଣ୍ଡରା, ବା-ମାଥିଲି |
| ୬୨/୬୭ | ୩୨୫ | ୩.୨୪୨ | ୩.୨୪୨୦ | ଧାନ ଦୁଇ | ବିଜୟ କୁମାର ମଲିକ, ପି-ପୂର୍ଣ୍ଣନନ୍ଦ ମଲିକ, ଜା-କଣ୍ଡରା, ବା-ମାଥିଲି |
| ୬୨/୯୪ | ୨୭୨ | ୨.୨୨୧ | ୧.୭୧୫୩ | ଧାନ ଏକ | ମୁକୁନ୍ଦ ନାୟକ, ପି-ଭଗବାନ ନାୟକ, ସୀତା ନାୟକ, ସ୍ୱା-ମୁକୁନ୍ଦ ନାୟକ, ଜା-ଭୂମିଆ, ବା-ମାଥିଲି |
| | ୨୭୫ | ୨.୭୮୨ | ୦.୨୭୨୬ | ଧାନ ଏକ | |
| ୨୩ | ୯୫/୫୦୫ | ୨.୦୦୨ | ୦.୦୦୪୪ | ଡଙ୍ଗର ଏକ | ପଦ୍ମଚରଣ ହୋତା, ପି-ହାଡୁବନ୍ଧୁ ହୋତା, ଜା-ବ୍ରାହ୍ମଣ, ବା-ମାଥିଲି |
| ୬୨/୨୮ | ୨୯୩/୫୩୫ | ୧.୦୦୧ | ୦.୪୪୪୭ | ଧାନ ଏକ | ମୁଟୁଲୁ ମାଢି, ପି-ପାଣ୍ଡୁ ମାଢି, ଜା-କୋୟା, ବା-ନିଜଗାଁ |
| ୬୨/୯୩ | ୩୧୯/୫୯୪ | ୦.୨୧୦ | ୦.୨୧୦୦ | ଘରବାରି | ବିଜୟକୁମାର ମଲିକ, ପି-ପୂର୍ଣ୍ଣନନ୍ଦ ମଲିକ, ଜା-କଣ୍ଡରା, ବା-ମାଥିଲି |
| ୬୨/୨୩୮ | ୩୧୯/୭୦୭/୭୩୨ | ୦.୧୧୯ | ୦.୦୦୯୮ | ଧାନ ଏକ | କଲ୍ୟାଣୀ ରଥ, ସ୍ୱା-ଦିଲ୍ଲୀପ କୁମାର କର, ଜା-ବ୍ରାହ୍ମଣ, ବା-ନିଜଗାଁ |
| ୬୨/୨୩୯ | ୩୧୯/୭୦୭/୭୩୩ | ୦.୦୪୪ | ୦.୦୪୪୪ | ଧାନ ଏକ | ସନ୍ଧ୍ୟାରାଣୀ ପାତ୍ର, ସ୍ୱା-ଇ.ରାଜ କୁମାର ପାତ୍ର, ଜା-ପାଟ ସାଲିଆ, ବା-ଡଙ୍ଗରଖଲି |
| ୬୨/୨୪୦ | ୩୧୯/୭୦୭/୭୩୪ | ୦.୦୪୯ | ୦.୦୪୯୪ | ଧାନ ଏକ | ପ୍ରଦୀପ କୁମାର ପାତ୍ର, ପି-ଦିଲ୍ଲୀପ କୁମାର ପାତ୍ର, ଜା-ପାଟ ସାଲିଆ, ବା-ଡଙ୍ଗରଖଲି |
| ୬୨/୨୪୧ | ୩୧୯/୭୦୭/୭୩୫ | ୦.୦୪୦ | ୦.୦୩୯୫ | ଧାନ ଏକ | ସନ୍ତୋଷ କୁମାର ପାତ୍ର, ପି-ଦିଲ୍ଲୀପ କୁମାର ପାତ୍ର, ଜା-ପାଟ ସାଲିଆ, ବା-ଡଙ୍ଗରଖଲି |
| ୬୨/୨୪୨ | ୩୧୯/୭୦୭/୭୩୬ | ୦.୦୩୫ | ୦.୦୩୪୫ | ଧାନ ଏକ | ବନିତା ବେହେରା, ସ୍ୱା-ସୁଶାନ୍ତ କୁମାର ମଲ୍ଲିକ, ଜା-ଭଣ୍ଡାରୀ, ବା-ମାଥିଲି |
| ୬୨/୨୪୩ | ୩୧୯/୭୦୭/୭୩୮ | ୦.୦୪୯ | ୦.୦୪୯୪ | ଧାନ ଏକ | କମଳ ଲୋଚନ ସାମଲ, ପି-ବିଶ୍ୱନାଥ ସାମଲ, ଜା-ଖଣ୍ଡାୟତ, ବା-ମାଥିଲି |
| ୬୨/୨୪୯ | ୩୧୯/୭୦୭/୭୪୪ | ୦.୦୪୯ | ୦.୦୪୯୪ | ଧାନ ଏକ | ମହେଶ ପଟ୍ଟନାୟକ, ପି-ଈଶ୍ୱର ଚନ୍ଦ୍ର ପଟ୍ଟନାୟକ, ଜା-କରଣ, ବା-ମାଥିଲି |
| ୬୨/୨୫୦ | ୩୧୯/୭୦୭/୭୪୫ | ୦.୦୪୯ | ୦.୦୪୯୪ | ଧାନ ଏକ | କାଳୁ ବିଶୋଇ, ପି-କରପା ବିଶୋଇ, ଜା-କାଳଞ୍ଜି, ବା-ଧବଳପୁର, ଗଞ୍ଜାମ |
| ୬୨/୨୫୧ | ୩୧୯/୭୦୭/୭୪୬ | ୦.୦୪୦ | ୦.୦୩୯୫ | ଧାନ ଏକ | ମନୋଜ କୁମାର ମହାନ୍ତି,ପି- ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଜା-କରଣ, ବା-ବଳଦିଆଗୁଡା |
| ୬୨/୨୫୨ | ୩୧୯/୭୦୭/୭୪୭ | ୦.୦୪୦ | ୦.୦୩୯୫ | ଧାନ ଏକ | ସ୍ନେହଲତା ସାମଲ, ସ୍ୱା-ସୁଧାକର ସେଠୀ, ଜା-ଧୋବା, ବା-ମାଥିଲି |
| ୬୨/୨୫୩ | ୩୧୯/୭୦୭/୭୪୮ | ୦.୦୪୯ | ୦.୦୪୯୪ | ଧାନ ଏକ | ମନୋଜ କୁମାର ସାମଲ, ପି-ସନାତନ ସାମଲ, ଜା-ଖଣ୍ଡାୟତ, ବା-ବୋଡାଗୁଡା |
| ୬୨/୨୫୭ | ୩୧୯/୭୦୭/୭୫୨ | ୦.୧୧୯ | ୦.୦୧୪୮ | ଧାନ ଏକ | ତପସ୍ୱିନୀ ବରାଳ, ସ୍ୱା-କୁମାର ପୂର୍ଣ୍ଣଚନ୍ଦ୍ର ବରାଳ, ଜା-ଖଣ୍ଡାୟତ, ବା-ଏଜୁକେସନ କଲୋନୀ, ମାଲକାନଗିରି |
| ୬୨/୨୧୭ | ୩୧୯/୭୦୭ | ୦.୮୦୧ | ୦.୪୨୫୨ | ଧାନ ଏକ | ଅଶୋକ କୁମାର ପଟ୍ଟନାୟକ, ପି-ସତ୍ୟ ନାରାୟଣ ପଟ୍ଟନାୟକ, ଜା-କରଣ, ବା-ଅମ୍ବାଗୁଡା, ଜୟପୁର, ଧୋବା ରଣା, ପି-ଭରତ ରଣା, ଜା-ରଣା,ବା-ପାଣ୍ଡିପାଣି |
| ୬୨/୨୪୨ | ୩୨୪/୭୦୮/୭୩୭ | ୦.୦୦୫ | ୦.୦୦୪୯ | ଧାନ ଦୁଇ | ବନିତା ବେହେରା, ସ୍ୱା-ସୁଶାନ୍ତ କୁମାର ବାରିକ, ଜା-ଭଣ୍ଡାରୀ, ବା-ମାଥିଲି |
| ୬୨/୨୪୭ | ୩୨୫/୭୦୯/୭୪୧ | ୦.୦୪୦ | ୦.୦୩୯୫ | ଧାନ ଦୁଇ | ମନୋରଞ୍ଜନ ପାଣିଗ୍ରାହୀ, ପି-ମୁକ୍ତିକାନ୍ତ ପାଣିଗ୍ରାହୀ, ଜା-ବ୍ରାହ୍ମଣ, ବା-୧୧୯ କଲୋନୀ ମାଲକାନଗିରି |
| ୬୨/୨୧୬ | ୩୧୧/୫୬୧ | ୨.୩୩୩ | ୧.୫୦୩୦ | ଧାନ ଦୋଫସଲି ଦୁଇ | ସୌଭାଗ୍ୟ କୁମାର ନାୟକ, ପି-ଗଙ୍ଗାଧର ନାୟକ, ଜା-ଖଣ୍ଡାୟତ, ବା-ବଳଦିଆଗୁଡା |
| ୬୨/୨୧୭ | ୩୨୪/୭୦୮ | ୦.୧୦୯ | ୦.୦୮୨୧ | ଧାନ ଦୁଇ | ଅଶୋକ କୁମାର ପଟ୍ଟନାୟକ, ପି-ସତ୍ୟ ନାରାୟଣ ପଟ୍ଟନାୟକ, ଜା-କରଣ, ବା-ଅମ୍ବାଗୁଡା, ଜୟପୁର, ଧୋବା ରଣା, ପି-ଭରତ ରଣା, ଜା-ରଣା,ବା-ପାଣ୍ଡିପାଣି |
| ୬୨/୨୧୭ | ୩୨୫/୭୦୯ | ୦.୫୭୩ | ୦.୨୩୭୧ | ଧାନ ଦୁଇ | ଅଶୋକ କୁମାର ପଟ୍ଟନାୟକ, ପି-ସତ୍ୟ ନାରାୟଣ ପଟ୍ଟନାୟକ, ଜା-କରଣ, ବା-ଅମ୍ବାଗୁଡା, ଜୟପୁର, ଧୋବା ରଣା, ପି-ଭରତ ରଣା, ଜା-ରଣା,ବା-ପାଣ୍ଡିପାଣି |
| ୬୨/୨୬୯ | ୩୧୧/୫୬୧/୭୬୦ | ୦.୧୯୮ | ୦.୧୯୭୬ | ଧାନ ଦୋଫସଲି ଦୁଇ | କାଶିନାଥ ମିଶ୍ର, ପି-ପଞ୍ଚାନନ ମିଶ୍ର, ଜା-ବ୍ରାହ୍ମଣ, ବା-ନିଜଗାଁ |
| ୬୨/୨୭୦ | ୩୧୧/୫୬୧/୭୬୧ | ୦.୧୯୮ | ୦.୧୯୭୬ | ଧାନ ଦୋଫସଲି ଦୁଇ | ରାଜୀବ ନାୟକ, ପି-ଲକ୍ଷ୍ମଣ ନାୟକ, ଜା-ଗୌଡ, ବା-ନିଜଗାଁ |
| | ମୋଟ | ୫୩.୪୧୬ | ୩୧.୩୧୭ | | |

OIPR-24074/14/0019/2526

**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପୂର୍ବାଞ୍ଚଳ ବାଳିକା ହକି: ଓଡ଼ିଶା ଚାମ୍ପିୟନ

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

ଗୁଆହାଟୀର ମହମ୍ମଦ ତୟବୁଲ୍ଲା ହକି ଷ୍ଟାଡିୟମରେ ଅନୁଷ୍ଠିତ ଅସ୍ମିତା ପୂର୍ବାଞ୍ଚଳ ସବ୍‌ଜୁନିୟର ବାଳିକା ହକି ଲିଗ୍‌ରେ ଓଡ଼ିଶା ଚାମ୍ପିୟନ ହୋଇଛି। ଗୁରୁବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲରେ ଓଡ଼ିଶା ୪-୩ ଗୋଲରେ ମିଜୋରାମକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ଅସୀମା ଏକ୍କା ୨୩ ଓ ୫୩ତମ ମିନିଟରେ ୨ଟି ଏବଂ ଅଧିନାୟିକା ସଞ୍ଜନା କିରୋ ୨୩ ଓ କିରଣ ଏକ୍କା ୪୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମିଜୋରାମ ପକ୍ଷରୁ କେ. ଭାନଲାଲପେକି ୨ଟି ଓ ଅଧିନାୟିକା ଭାନଲାଲରିନ୍‌ଲୁଇ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଫ୍ଲୋରେନ୍ସିଆ ଏକ୍କା ଓଡ଼ିଶା ଦଳର କୋଚ୍ ଓ ରେସମା ଲାକ୍ରା ମ୍ୟାନେଜର ଥିଲେ। ପ୍ରକାଶଯୋଗ୍ୟ, ଓଡ଼ିଶା ଏହି ପ୍ରତିଯୋଗିତାରେ ତ୍ରିପୁରାକୁ ୫୦-୦ରେ ହରାଇ ଅଭିଯାନ ଆରମ୍ଭ କରିଥିବାବେଳେ ପରବର୍ତ୍ତୀ ୨ଟି ଲିଗ୍ ମ୍ୟାଚରେ ଯଥାକ୍ରମେ ଆସାମକୁ ୧୪-୧ ଓ ମିଜୋରାମକୁ ୫-୧ ଗୋଲରେ ହରାଇ ଦେଇଥିଲା। ଚାମ୍ପିୟନ ଓଡ଼ିଶା ବାଳିକା ଦଳକୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ହକି ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ସନାତନ ସାହୁ ଓ ଅନ୍ତର୍ଜାତୀୟ ହକି ଟେକ୍ନିକାଲ ଅଫିସିଆଲ ନିଶାନଜ୍ୟୋତି ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି।




ଅସ୍ମିତା ପୂର୍ବାଞ୍ଚଳ ସବ୍‌ଜୁନିୟର ବାଳିକା ହକି ଲିଗ୍‌ରେ ଚାମ୍ପିୟନ ଓଡ଼ିଶା ଦଳ ଅତିଥିଙ୍କ ଗହଣରେ।

# ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଦଳ ଘୋଷିତ



ପୂର୍ବାଞ୍ଚଳ କ୍ରିକେଟ ପ୍ରତିଯୋଗିତା ଲାଗି ମନୋନୀତ ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଦଳ।

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

କୋଲକାତାଠାରେ ଗୁରୁବାରଠାରୁ ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ ଓଡ଼ିଶା, ବିହାର, ଝାଡଖଣ୍ଡ ଓ ପଶ୍ଚିମ ବଙ୍ଗ ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ଲାଗି ଓଡ଼ିଶା ଦଳ କୋଲକାତା ଯାତ୍ରା କରିଛି। ରାଖାଲ କୁମାର ସେଠୀ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ ଫର ଫିଜିକାଲି ଚ୍ୟାଲେଞ୍ଜ୍‌ଡ ଚାରିଟେବଲ ଟ୍ରଷ୍ଟ ସଭାପତି ତନୁଜା ମହାନ୍ତି, ସମ୍ପାଦକ ବେଲା ଜୟ ସ୍ୱାଲ ଏବଂ ଅନ୍ୟ କର୍ମକର୍ତ୍ତା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

**ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଦଳ:** ରାଖାଲ କୁମାର ସେଠୀ (ଅଧିନାୟକ), ଭରତ ଚେତନ ପଣ୍ଡା, ଦେବେନ୍ଦ୍ର ମେହେର, ସୋମନାଥ ଦାସ, ଅକ୍ଷୟ କୁମାର ସାହୁ, ଜଗଜୀତ ମହାନ୍ତି, ରାଜେଶ ପ୍ରଧାନ, ମହମ୍ମଦ ସୋହେଲ ଖାଁ, ବଳରାମ ବଡ଼ୁଆ, ମୁନା ମହାପାତ୍ର, ବିକାଶ ହାତୀ, ପ୍ରଫୁଲ୍ଲ ତରେଇ, ସାଇ ନୃସିଂହ ପାଢ଼ୀ, ଓମ୍ ପ୍ରକାଶ ସାହୁ, ଅଭିଷେକ ଶୁକ୍ଳା।

**TO-LET**

A 5000 SFT 1st Floor Morden Office Premises available for long term rent at Main Road, Mancheswar Industrial Estate, Bhubaneswar. Plug & Play with all facilities like 5 Glass Cabins, Conference Hall, 40 Seat Capacity Hall, AC, Ceiling Lights, with well finished corporate style, ready to move office. Suitable for Elite business houses, Corporates/IT companies. Lift facility can be arranged.

Contact No.:
9437011130
Email: malla@magnum-india.com

# ମୁମ୍ବାଇ ସିଟି ଏଫ୍‌ସିଠାରୁ ଅଲଗା ହେଲା ସିଟି ଗ୍ରୁପ୍

**ନୂଆଦିଲ୍ଲୀ, ୨୫।୧୨**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଲାଗି ରହିଥିବା ବେଳେ ଇଂଲିଶ ପ୍ରିମିୟର ଲିଗ୍ କ୍ଲବ ମାଞ୍ଚେଷ୍ଟର ସିଟି ସମେତ ବିଶ୍ୱର ଅନେକ ଶୀର୍ଷ ସ୍ତରର କ୍ଲବର ମାଲିକାନା ରଖିଥିବା ସିଟି ଫୁଟବଲ ଗ୍ରୁପ ମୁମ୍ବାଇ ସିଟି ଏଫ୍‌ସି ସହ ସମ୍ପର୍କ ଛିନ୍ନ କରିଛି। ସିଟି ଗ୍ରୁପ୍ ୨୦୧୯ରେ ମୁମ୍ବାଇ ସିଟି ଏଫ୍‌ସିର ୬୫ ପ୍ରତିଶତ ଅଂଶ ଅଧିଗ୍ରହଣ କରିଥିଲା। ମୁମ୍ବାଇ କ୍ଲବ ଆଇଏସ୍ଏଲ୍ ଇତିହାସର ଅନ୍ୟତମ ସଫଳ କ୍ଲବ। ଏହି କ୍ଲବ ଦୁଇ ଥର ଶିଲ୍ଡ ଓ ଦୁଇ ଥର ଆଇଏସ୍ଏଲ୍ କପ ଜିତିଛି। ସିଟି ଫୁଟବଲ ଗ୍ରୁପ ସମ୍ପର୍କ ଛିନ୍ନ କରିଥିବାରୁ ମୁମ୍ବାଇ ସିଟି ଏଫ୍‌ସି କ୍ଲବର ମାଲିକାନା ବଲିଉଡ୍ ଷ୍ଟାର ରଣବୀର କପୁର ଓ ବ୍ୟବସାୟୀ ବିମଳ ପାରେଖଙ୍କ ପାଖକୁ ଫେରିଯାଇପାରେ।

# ବିଗ୍ ଅରେଞ୍ଜ୍ ବାଶ୍ ବାସ୍କେଟବଲ୍ ଲିଗ୍ ଉଦ୍‌ଯାପିତ




୧୪ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ଚାମ୍ପିୟନ ଗ୍ଲୋବାଲ ଫିଜିଓ ସେଲ୍ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୨୫।୧୨ (ବିଜୟ ରଣା)**

ଶିକ୍ଷା ଓ ଅନୁସନ୍ଧାନ ଆନୁକୂଲ୍ୟରେ (ସୋଆ) ଡ୍ରିମ୍ସ ଟୁ ବି ବିଶ୍ୱବିଦ୍ୟାଳୟର ବସ୍କେଟବଲ୍ କୋର୍ଟ ବିଗ୍ ଅରେଞ୍ଜ ବାଶ୍ ୩X୩ ବାସ୍କେଟବଲ୍ ଲିଗ୨୦୨୫ ସଫଳତାର ସହିତ ସମ୍ପନ୍ନ ହୋଇଛି। ଏହି ଟୁର୍ନାମେଣ୍ଟକୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ଓଡ଼ିଶା ବାସ୍କେଟବଲ୍ ସଂଘ ତରଫରୁ ସହଯୋଗ ଓ ସହାୟତା କରାଯାଇଥିଲା। ୩X୩ ବାସ୍କେଟବଲ୍ ଲିଗ୍‌ର ୪ଟି ଶ୍ରେଣୀରେ ୪୪ଟି ଦଳର ୧୭୬ ଦଳ ଅଂଶଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସୋଆ ବିଶ୍ୱ ବିଦ୍ୟାଳୟର ଡିନ୍ ତଥା ଷ୍ଟୁଡେଣ୍ଟ ଓ୍ୱେଲ୍‌ଫେୟାର ପ୍ରଫେସର ଡା. ଜ୍ୟୋତିରଞ୍ଜନ ଦାସ, ଆଇବିସିଏସ୍ ଡିନ୍ ପ୍ରଫେସର ଡା. ଆୟସକାନ୍ତ ମହାନ୍ତି ଓ ସିନିୟର ବାସ୍କେଟ ବଲ୍ କୋଚ୍ ଅରୁଣ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତି ରହି ବିଜେତା ଦଳକୁ ଟ୍ରଫି ଏବଂ ନଗଦ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ।

● **୧୪ ବର୍ଷରୁ ଊର୍ଦ୍ଧ୍ୱ (ବାଳକ)**
ଚାମ୍ପିୟନ- ଟ୍ରିପିଲ ଥ୍ରେଟ୍
ରନର-ଅପ୍-ଟେରିଫିକ୍ ଟେରରୀ

● **୧୪ ବର୍ଷରୁ ଊର୍ଦ୍ଧ୍ୱ (ବାଳିକା)**
ଚାମ୍ପିୟନ: ଗ୍ଲୋବାଲ ଫିଜିଓ ସେଲ୍ ବାସ୍କେଟବଲ କ୍ଲବ।
ରନରଅପ: ଓଡ଼ିଶା ବାସ୍କେଟବଲ ଏକାଡ଼େମୀ

● **୧୪ ବର୍ଷରୁ କମ୍ (ବାଳକ)**
**ଚାମ୍ପିୟନ:** ଦି କିଙ୍ଗ୍ ; ରପର ଅପ୍-ଟାଇଗଲ 'ଏ'।

● **୧୪ ବର୍ଷରୁ କମ୍ (ବାଳିକା)**
ଚାମ୍ପିୟନ-ଏମ୍‌ପିଏସ୍
ରନରଅପ୍- ଓଡ଼ିଶା ବାସ୍କେଟବଲ୍ ଏକାଡ଼େମୀ

# ଶ୍ରେୟସଙ୍କ ବ୍ୟାଟିଂ ଅଭ୍ୟାସ ଆରମ୍ଭ

**ବେଙ୍ଗାଲୁରୁ, ୨୫।୧୨**

ଭାରତର ଦିନିକିଆ ଉପ ଅଧିନାୟକ ଶ୍ରେୟସ ଆୟାର ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍‌ରେ ଆହତ ହେବା ପରେ ପ୍ରଥମ ଥର ପାଇଁ ବ୍ୟାଟିଂ ପ୍ରାକ୍ଟିସ କରିଛନ୍ତି। ସେ ଏବେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟକୁ ଫେରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ମିଳିଥିବା ସୂଚନା ମୁତାବକ, ଶ୍ରେୟସ ବିନା କୌଣସି ଅସୁବିଧାରେ ଏକ ଘଣ୍ଟା ଧରି ବ୍ୟାଟିଂ କରିଥିଲେ ଏବଂ ସେ ଏବେ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ(ସିଓଇ)ରେ ଯୋଗଦେବାକୁ ଯାଉଛନ୍ତି। ଗତ ଅକ୍ଟୋବରରେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଶ୍ରେୟସଙ୍କର ପିଞ୍ଜରାରେ ଆଘାତ ଲାଗିଥିଲା। ଏଥିଯୋଗୁ ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍ ଓ ପୂରା ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଥିଲେ। କିନ୍ତୁ ୩୧ ବର୍ଷୀୟ ବ୍ୟାଟର ବିଜୟ ହଜାରେ ଟ୍ରଫି ଜରିଆରେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟକୁ ଫେରିବେ ବୋଲି ଆଶା କରାଯାଉଛି। ଜଣେ ବିସିସିଆଇ ଅଧିକାରୀ କହିଛନ୍ତି ଯେ, ଶ୍ରେୟସ ଇଞ୍ଜୁରି କାରଣରୁ ଅନେକ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ୍ ମିସ କରିଛନ୍ତି। ସେ ଏବେ ବିନା ଯନ୍ତ୍ରଣାରେ ପ୍ରାକ୍ଟିସ କରିବା ଏକ ଭଲ ସଙ୍କେତ। କିନ୍ତୁ ତାଙ୍କ ପାଇଁ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍ ଲାଗି ଭାରତୀୟ ଦଳକୁ ଫେରିବା କଷ୍ଟକର ହେବ। ମାତ୍ର ଚଳିତ ବିଜୟ ହଜାରେ ଟ୍ରଫିର ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କର ଖେଳିବାର ସମ୍ଭାବନା ରହିଛି। ସେ ସମ୍ଭବତଃ ୪ରୁ ୬ ଦିନ ସିଓଇଠାରେ ବିତାଇବେ। ଏହି ସମୟ ମଧ୍ୟରେ ସେ କେବେ ଉପଲବ୍ଧ ହେବେ, ତାହା ସ୍ପଷ୍ଟ ହେବ। ସେ ଏବେ ଜିମରେ ନିୟମିତ ଟ୍ରେନିଂ କରୁଛନ୍ତି। ଏଣୁ ବର୍ତ୍ତମାନ କିଛି ଚିନ୍ତାର ବିଷୟ ନାହିଁ। କିନ୍ତୁ ସବୁକିଛି ସିଓଇର ମୂଲ୍ୟାଙ୍କନ ଉପରେ ନିର୍ଭର କରେ। ଭାରତୀୟ ଦଳ ଆସନ୍ତା ୧୧ ତାରିଖରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଦିନିକିଆ ସିରିଜ୍ ଖେଳିବ। ଏଥିଲାଗି ଜାନୁଆରୀ ପ୍ରଥମ ସପ୍ତାହ ତଥା ୨ କିମ୍ବା ୩ ତାରିଖରେ ଦଳ ଘୋଷଣା କରାଯିବ।

**Classified Everyday**
0674-2580101, 9692975378




**SALE**

ସୁନ୍ଦରପଦାରେ ବାଉଣ୍ଡାରିୱାଲ ଥାଇ ଘରବାରି ପ୍ଲଟ୍ ବର୍ଗଫୁଟ ଟ2800/-ରେ ବିକ୍ରିହେବ। Loan available. Contact: 9668674258. ଧ-୨୯୧୦

କଟକ, ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ "Sum Hospital-2" ଓ Grand Bazar ସମ୍ମୁଖରେ NH-16 ଠାରୁ 1Km. ଦୂରତାରେ ଘରବାରି ପ୍ଲଟ କିଣନ୍ତୁ ଓ ନବନିର୍ମିତ କଲୋନୀ ଭିତରେ ଗୃହ ନିର୍ମାଣ କରନ୍ତୁ। ସନ୍ତୋଷ- 9438362273 D-2877

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-2888




3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




All types of physiotherapy with massage, Contact number 9556924059/ 7656969134. D-2766

**AFFIDAVIT**

I, Amarendra Guru, S/o.- Lingaraj Guru, Resident of At/P.O.- Naharakanta, P.S.- Pahala, Dist.- Khurda declare by this affidavit No. 647911 sworn before the Executive Magistrate, Bhubaneswar, dated- 15.12.2005 that my name has been wrongly inserted in my Aadhaar card vide No.- xxxx xxxx 4060 mentioned as Amrendra Guru istead of Amarendra Guru, Amarendra and Amarendra is one and same person. Henceforth, I shall be known as Amarendra Guru for all purposes. D-2931

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଏକଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଅଭିନବ ପ୍ରଧାନ
ଆବିର୍ଭାବ: ୨୧।୧୨।୧୯୩୩
ତିରୋଧାନ: ୧୬।୧୨।୨୦୨୫
ଆଜି ଆପଣଙ୍କ ଏକାଦଶାହ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ଶୋକାକୁଳ ପରିବାର ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀବୃନ୍ଦ। D-2931

ଦ୍ୱାଦଶାହ ଉପଲକ୍ଷେ



୰ ଚିତ୍ତ ରଂଜନ ପାଲ୍
ଶୀର୍ଷା, ମୟୂରଭଞ୍ଜ
ଆବିର୍ଭାବ: ୧୫।୦୩।୧୯୩୬
ତିରୋଧାନ: ୧୫।୧୨।୨୦୨୫
ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ପାଲ୍ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ D-2932

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।



୰ ଗଙ୍ଗା ଦେବୀ
ମାଁସଡା, ବିଞ୍ଝାରପୁର, ଯାଜପୁର
ଆବିର୍ଭାବ- ୦୫।୧୦।୧୯୩୦
ତିରୋଧାନ- ୧୫।୧୨।୨୦୨୫
ବୋଉଲୋ, ତୁ ଆମକୁ ଏମିତି ଛାଡ଼ି ଚାଲିଯିବୁ ବୋଲି ବିଶ୍ୱାସ ହେଉନି। ତୋର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ଭୁଲିହେଉନି ତୋର ବାତ୍ସଲ୍ୟ ମମତା,ସ୍ନେହ,ଶ୍ରଦ୍ଧା ତ୍ୟାଗ। ତୋର କରୁଣର ଆଶୀର୍ବାଦ ଆମ ପାଇଁ ଚିର ପାଥେୟ ହେଉ। ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ହତଭାଗ୍ୟ ପୁତ୍ର- ସୁଶାନ୍ତ, ପୁତ୍ରବଧୂ- ସ୍ନେହଲତା, ଶାନ୍ତିଲତା, ସୁନନ୍ଦା, ପୁତୁରା- ଦିଲୀପ, ଝିଅ- ହରପ୍ରିୟା, ବିଷ୍ଣୁପ୍ରିୟା, ଉର୍ବଶୀ, ଜ୍ୱାଇଁ- ସୀତାରାମ,ଦାମୋଦର, ନାତି- ପ୍ରତୀକ, ସ୍ୱସ୍ତିକ, ଗିରିଜା,ବିରଜା, ନାତୁଣୀ- ପଲ୍ଲବୀ, ଅନନ୍ୟା, ସ୍ୱୟଂସିଦ୍ଧା,ସୋନାଲୀ, ନାତୁଣୀଜ୍ୱାଇଁ- ଦକ୍ଷପ୍ରସାଦ, ଗୋପୀନାଥ, କାଳନ୍ଦୀ, ବନ୍ଧୁ ଓ ପରିବାରବର୍ଗ। D-2933

ଦ୍ୱାଦଶାହ ଉପଲକ୍ଷେ



୰ପ୍ରଳୟ କୁମାର ମିଶ୍ର
(ଗୌଡ଼ସାହି, ବିଂଝାରପୁର, ଯାଜପୁର)
ଆବିର୍ଭାବ- ୧୦।୦୬।୧୯୮୨
ତିରୋଧାନ- ୧୫।୧୨।୨୦୨୫
ତୁମ ଅମ୍ଳାନ ସ୍ମୃତିକୁ ଚିରଦିନ ସାଇତି ରଖିଥିବୁ। ଈଶ୍ୱର ତୁମର ଅମର ଆତ୍ମାର ସଦ୍‌ଗତି କରନ୍ତୁ ଏତିକି ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ମା, ବାପା, ସହଧର୍ମିଣୀ, କନ୍ୟା, ପୁତ୍ର, ଭାଇ, ଭାଉଜ, ଭଉଣୀ, ଭିଣୋଇ, ଜ୍ଞାତି, କୁଟୁମ୍ବ, ସଖା, ବନ୍ଧୁ ଓ ପରିବାର। D-2934

ଧରିତ୍ରୀ
DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଡଃ ଶୈଳ କୁମାରୀ ଦେବୀ
ଆବିର୍ଭାବ: ୧୨।୦୮।୧୯୫୨
ତିରୋଧାନ: ୧୬।୧୨।୨୦୨୫
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ- ବୋହୂ : ବର୍ଣ୍ଣି- ସୂଚୀ, ଝିଅ- ଜ୍ୱାଇଁ : ମିଲି- ପ୍ରଦୀପ, ଝିଲି- ରାକେଶ, ମେଘା, ଖୁସୀ, ଆୟାନ, ଯାନା, ବନ୍ଧୁ ଓ ପରିବାରବର୍ଗ। D-2935

# ଜାତୀୟ ରୋଲ ବଲ୍ ପାଇଁ ଓଡ଼ିଶା ଦଳ



ଜାତୀୟ ୧୪ ବର୍ଷରୁ କମ୍ ରୋଲ ବଲ ପାଇଁ ଚୟନ ହୋଇଥିବା ଓଡ଼ିଶା ଦଳ।

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

ଚଳିତମାସ ୨୮ରୁ ଜାନୁଆରୀ ୧ ପର୍ଯ୍ୟନ୍ତ ୧୭ଶ ଜାତୀୟ ୧୪ ବର୍ଷରୁ କମ୍ ରୋଲ ବଲ୍ ଚାମ୍ପିୟନଶିପ୍ ଜମ୍ମୁରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ ଲାଗି ଓଡ଼ିଶା ଦଳ ଗୁରୁବାର ଜମ୍ମୁ ଯାତ୍ରା କରିଛି। ସାଇ ଶ୍ରୀୟାଂଶୁ ରାଉତ ଅଧିନାୟକ ଓ ପ୍ରତୀକ ଅର୍ନବ ଜେନା ଉପ ଅଧିନାୟକ ମନୋନୀତ ହୋଇଛନ୍ତି। ଓଡ଼ିଶା ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ସୁଶୀଲ ମହାନ୍ତି, ଆୟୁଷ୍ମାନ ପାତ୍ର, ଶୁଭମ୍ ଦୋରା, ଆୟୁଷ ଜେନା, ବୀରେନ ଦାସ, ରୁଦ୍ର ନାରାୟଣ ମହାନ୍ତି ଓ ଭିଭାନ ଟିକମନି। ଦଳକୁ ବିଦାୟୀ ଶୁଭେଚ୍ଛା ଜଣାଇବା ଲାଗି ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ରୋଲ ବଲ୍ ଆସୋସିଏଶନ ସମ୍ପାଦକ ସୌଦାମିନୀ ପାତ୍ର, ଟିମ୍ ମ୍ୟାନେଜର ସୌମ୍ୟରଞ୍ଜନ ଜୟସିଂ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ସିନିୟର ଥ୍ରୋ ବଲ୍‌ରେ ଭାଗନେବ ଓଡ଼ିଶା



କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ମହିଳା ଓ ପୁରୁଷ ଥ୍ରୋ ବଲ ଦଳ।

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

କେରଳର କୋଟ୍ଟାୟାମାଠାରେ ଚଳିତ ମାସ ୨୮ରୁ ୩୧ ପର୍ଯ୍ୟନ୍ତ ଜାତୀୟ ସିନିୟର ଥ୍ରୋ ବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ ଲାଗି ୩୪ ଜଣିଆ ଓଡ଼ିଶା ମହିଳା ଓ ପୁରୁଷ ଦଳ ଶୁକ୍ରବାର କେରଳ ଯାତ୍ରା କରିବ। ସୁଧାସିନ୍ଧୁ ସାହୁ ମହିଳା ଦଳର ଅଧିନାୟିକା ଓ ମନିସୀମା ରାଉତ ଉପଅଧିନାୟିକା ମନୋନୀତ ହୋଇଛନ୍ତି। ସେହିପରି ପୁରୁଷ ଦଳରେ ସୁଶାନ୍ତ ଦାସ ଅଧିନାୟକ ଏବଂ ଦୀପ୍ତିରଞ୍ଜନ ସାମନ୍ତରାୟ କୋଚ୍ ଓ ଅଭିଜିତ ମହାନ୍ତି ମ୍ୟାନେଜର ଅଛନ୍ତି। ଆଗାମୀ ପ୍ରତିଯୋଗିତା ଲାଗି ଓଡ଼ିଶା ଥ୍ରୋ ବଲ୍ ସମ୍ପାଦକ ଜୀତେନ୍ଦ୍ର ନାଥ ଦାସ, ସଭାପତି ଭୁପେନ୍ଦ୍ର ସିଂ, ପ୍ରୋଗ୍ରାମିଂ ଅଫିସର ହରେଶ କୁମାର ମିଶ୍ର, ସାମାଜିକକର୍ମୀ ମଞ୍ଜୁଲତା ବରାଳ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସିରିଜ ଆଗୁଆ ଜିତିବା ଲକ୍ଷ୍ୟରେ ଭାରତ

**ଥିରୁଭାନନ୍ତପୁରମ, ୨୫।୧୨ (ପି.ଟି.)**

ଶୁକ୍ରବାର ଏଠାରେ ଭାରତ ଓ ଶ୍ରୀଲଙ୍କା ମହିଳା କ୍ରିକେଟ ଦଳ ମଧ୍ୟରେ ତୃତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ଖେଳାଯିବ। ଘରୋଇ ଦଳ ପ୍ରଥମ ଦୁଇଟି ମ୍ୟାଚରେ ଉଭୟ ବ୍ୟାଟିଂ ଓ ବୋଲିଂରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ବିଶାଖାପାଟଣାରେ ଖେଳାଯାଇଥିବା ଏହି ମ୍ୟାଚ୍ ଦୁଇଟିରେ ଭାରତ ଯଥାକ୍ରମେ ୮ଉଇକେଟ ଓ ୭ ଉଇକେଟରେ ବିଜୟ ଲାଭ କରିଛି। ଶ୍ରୀଲଙ୍କା ବିପକ୍ଷରେ ଭାରତ ଖେଳିଥିବା ଗତ ୧୧ଅନ୍ତର୍ଜାତୀୟ ଟି୨୦ ମଧ୍ୟ ୯ଟିରେ ବିଜୟ ଲାଭ କରିଛି। ଶ୍ରୀଲଙ୍କା ଗତଥର ୨୦୨୪ ଜୁଲାଇରେ ଦାମ୍ବୁଲାଠାରେ ଜୁଲାଇ ୨୪ରେ ଆୟୋଜକ ଦେଶ ବିପକ୍ଷରେ ବିଜୟ ହାସଲ କରିଥିଲା। ଏଥର ଭାରତର ବ୍ୟାଟିଂ ଲାଇନ୍-ଅପ୍ ଖୁବ୍ ଶକ୍ତିଶାଳୀ ମନେ ହେଉଛନ୍ତି। ଗତ ଦୁଇଟି ଗେମ୍‌ରେ ପୃଥକ ପୃଥକ ଖେଳାଳି ଚମତ୍କାର ବ୍ୟାଟିଂ କରିଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସର ନିବର୍ନିଯୁକ୍ତ ଅଧିନାୟିକା ଜେମିମା ରୋଡ୍ରିଗ୍ସ ଓପନିଂ ଟି୨୦ ଏବଂ ଦ୍ୱିତୀୟ ଟି୨୦ରେ ଶେଫାଳି ବର୍ମା ସେମାନଙ୍କ ଦାୟିତ୍ୱ ତୁଲାଇଛନ୍ତି।

# ଅଭୁଲା ୨୦୨୫

୨୦୨୫ରେ ଘଟି ଯାଇଛି ଅନେକ ଅପରାଧ। ଦ୍ୱୈତ ନଗରୀ କଟକ, ଭୁବନେଶ୍ୱର ସମେତ ଖୋର୍ଦ୍ଧା ଏବଂ ପୁରୀ ଜିଲାରେ ଏମିତି ଅନେକ ଘଟଣା ଘଟିଛି, ଯାହାକି ସମସ୍ତଙ୍କ ମନକୁ ଆନ୍ଦୋଳିତ କରିପକାଇଥିଲା। ବର୍ଷର ପ୍ରାରମ୍ଭରେ ନିଶା କାରବାରକୁ ବିରୋଧ କରୁଥିବା ସଫେଇ କର୍ମଚାରୀ ସଂଘର ସଭାପତି ସହଦେବ ନାୟକଙ୍କୁ ରାଜଧାନୀର ରାଜ ରାସ୍ତାରେ ମୁଣ୍ଡରୁ ଗଣ୍ଡି ଅଲଗା କରିଦେଇଥିଲେ ଅଭିଯୁକ୍ତ। ସେହିପରି ବୀମା ଟଙ୍କା ପାଇଁ ଟ୍ରାଫିକ୍ କନଷ୍ଟେବଲ ଶୁଭମିତ୍ରାଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରି ମାଟିରେ ପୋତିଦେବା ଘଟଣା, ଜମିଜମା ବିବାଦରୁ ଏମ୍‌ସ କର୍ମଚାରୀଙ୍କୁ ଗୁଳି କରି ହତ୍ୟା, ସ୍ନାନ ଯାତ୍ରାରେ ସେବାୟତଙ୍କୁ ହତ୍ୟା ଏବଂ ୪୨ମୌଜାରେ ବନ୍ଧୁକ କାରଖାନା ଠାବ ଆଦି ଘଟଣା ବିଦାୟୀ ବର୍ଷରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଥିଲା।

## ଜମି ବିବାଦରୁ ବିଲ୍ଡରଙ୍କୁ ହତ୍ୟା

ଜମି ବିବାଦକୁ କେନ୍ଦ୍ର କରି ଏପ୍ରିଲ ୧୧ରେ ଏୟାରଫିଲ୍ଡ ଥାନା ଅଞ୍ଚଳରେ ବିଲ୍ଡର ସସ୍ମିତ ବିଶ୍ୱାଳ ଓରଫ ଚିନୁ (୪୭)ଙ୍କୁ ହତ୍ୟା କରାଯାଇଥିଲା। ଭିମ୍‌ପୁର ଅଞ୍ଚଳର ସସ୍ମିତ ପ୍ରଧାନସାହି ମୌଜାରେ ଜମି ବ୍ୟବସାୟ କରୁଥିଲେ। ଜମି ବିବାଦକୁ ନେଇ ପାର୍ଟନର ଟୁଲୁଙ୍କ ସହ ତାଙ୍କର ବିବାଦ ହୋଇଥିଲା। ମୁଖ୍ୟ ଅଭିଯୁକ୍ତ ଟୁଲୁ, ହୋମଗାର୍ଡ ସୁକାନ୍ତ ବେହେରାଙ୍କ ସମେତ ୫ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ ସସ୍ମିତଙ୍କୁ ପିଟିପିଟି ହତ୍ୟା କରିଥିଲେ।



## ୪୨ ମୌଜାରେ ବେଆଇନ ବନ୍ଧୁକ କାରଖାନା

ଭୁବନେଶ୍ୱର-କଟକ କମିଶନରେଟ ପୋଲିସର ୪୨ ମୌଜା ଥାନା ଅନ୍ତର୍ଗତ ଧୂଳିଶ୍ୱର ଗ୍ରାମରେ ମାର୍ଚ୍ଚ ୧୩ ତାରିଖରେ ଏକ ବେଆଇନ ବନ୍ଧୁକ କାରଖାନା ଠାବ କରିଥିଲା। କୋଲକାତା ଓ ଭୁବନେଶ୍ୱର ଏସ୍‌ଟିଏଫ୍ ସହ ୪୨ ମୌଜା ଥାନା ପୋଲିସ ମିଳିତ ଭାବେ ଚଢ଼ାଉ କରି କାରଖାନାରେ ଥିବା ୩୦ଟି ମାଉଜର ସାଙ୍ଗକୁ ବନ୍ଧୁକ ତିଆରି ସରଞ୍ଜାମ ଓ ଲେଦ ମେଶିନ ଜବତ କରାଯାଇଛି। ବେଆଇନ ବନ୍ଧୁକ ତିଆରି କରିବା ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଉଠାଇ ନେଇଛି। ଅଭିଯୁକ୍ତମାନେ ହେଲେ ବନ୍ଧୁକ କାରଖାନା ଚାଲିଥିବା ଘରର ମାଲିକ ତଥା ଧୂଳିଶ୍ୱର ଗ୍ରାମର ଶରତ ବେହେରା(୫୮), ବିହାର ମୁଙ୍ଗେରର ସମଶେର ଆଲମ ଓ ମହମ୍ମଦ ଆବିଦ ହୁସେନ ଏବଂ ପଶ୍ଚିମବଙ୍ଗର ମହମ୍ମଦ ଆଜମ୍। ଅଭିଯୁକ୍ତମାନଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଇବା ପରେ କୋଲକାତା ପୋଲିସ ସେମାନଙ୍କୁ ରିମାଣ୍ଡରେ ନେଇଥିଲା।

## ପାତ୍ରପଡ଼ାରେ ହିଟ୍ ଆଣ୍ଡ୍ ରନ୍; ମା', ଝିଅଙ୍କ ଜୀବନ ଗଲା



ଖଣ୍ଡଗିରି ଥାନା ଅଧୀନ ପାତ୍ରପଡ଼ା ଜାତୀୟ ରାଜପଥରେ ଅଗଷ୍ଟ ୯(ରାଖୀ ପୂର୍ଣ୍ଣିମା)ରେ ଭୟଙ୍କର ଥାର୍ ଦୁର୍ଘଟଣାରେ ମା' ରେବତୀ ନାୟକ ଓ ୮ବର୍ଷୀୟା ଝିଅ ରେଶମାଙ୍କ ଜୀବନ ଯାଇଥିବାବେଳେ ଦୁଇ ବର୍ଷର ପୁଅ ଗୁରୁତର ହୋଇଥିଲେ। ରେବତୀ ତାଙ୍କ ଭାଇଙ୍କ ହାତରେ ରାଖୀ ବାନ୍ଧିବାକୁ ଦୁଇ ପିଲାଙ୍କୁ ନେଇ ପଟିଆ ଯାଇ ଏକ ବସ୍‌ରେ ଫେରି ଅପରାହ୍ନରେ ପାତ୍ରପଡ଼ାରେ ଓହ୍ଲାଇଥିଲେ। ଫୁଲେଶ୍ୱରୀ ବସ୍ତିସ୍ଥିତ ଘରକୁ ଯିବା ପାଇଁ ଏନ୍‌ଏଚ୍ ପାରି ହେଉଥିବାବେଳେ ୫ଜଣ ସାଙ୍ଗ ସ୍କର୍ପିଓ ଓ ଥାର୍‌ରେ ଗୋଡ଼ାଗୋଡ଼ି ହୋଇ ଦ୍ରୁତ ଗତିରେ ଖୋର୍ଦ୍ଧା ଆଡ଼କୁ ଯାଉଥିଲେ। ଥାର୍ ଟିମ୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାରେ ପୋଲିସ ଥାର୍ ମାଲିକ ଜଟଣୀ ଥାନା ଅନ୍ତର୍ଗତ ଚଣାଘର ଗାଁର ସୋମନାଥ ବେହେରାଙ୍କ ସମେତ ୬ଜଣଙ୍କୁ ଗିରଫ କରିଥିଲା।




## ସଫେଇ କର୍ମଚାରୀ ସଂଘ ସଭାପତି ସହଦେବଙ୍କୁ ହତ୍ୟା

ନିଶା କାରବାରକୁ ବିରୋଧ ଏବଂ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜାନୁଆରୀ ୮ ସକାଳ ସମୟରେ ବିଏମ୍‌ସି ସଫେଇ କର୍ମଚାରୀ ସଂଘ ସଭାପତି ସହଦେବ ନାୟକଙ୍କୁ ଅଭିଯୁକ୍ତମାନେ ହତ୍ୟା କରିଥିଲେ। ବାଣୀବିହାର ରେଲ୍‌ୱେ ଓଭରବ୍ରିଜ୍ ଉପରେ ଅଭିଯୁକ୍ତମାନେ ସହଦେବଙ୍କ ମୁଣ୍ଡରୁ ଗଣ୍ଡି ଅଲଗା କରିଦେଇଥିଲେ। କେଦାରପଲ୍ଲୀ ବସ୍ତିରେ ଅଭିଯୁକ୍ତଙ୍କ ନିଶା କାରବାରକୁ ସହଦେବ ବିରୋଧ କରିବାରୁ ଶତ୍ରୁତା ବଢ଼ିଥିଲା। ମୁଖ୍ୟ ଷଡ଼ଯନ୍ତ୍ରକାରୀ ରମା ନାୟକଙ୍କ ଦୁଇ ପୁଅ ଓ ଅନ୍ୟମାନେ ସହଦେବଙ୍କୁ ମାରିବାକୁ ଷଡ଼ଯନ୍ତ୍ର କରିଥିଲେ। ଘଟଣା ଦିନ ସକାଳେ ୨ ବାଇକ୍‌ରେ ୪ ଅଭିଯୁକ୍ତ ସହଦେବଙ୍କୁ ପିଛା କରି ତାଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ହତ୍ୟା କରିଥିଲେ। ପୋଲିସ ଏହି ଘଟଣାରେ ୯ଜଣଙ୍କୁ ଗିରଫ କରିଥିଲା।



## ଜମିଜମା ବିବାଦରୁ ଏମ୍‌ସ କର୍ମଚାରୀଙ୍କୁ ଗୁଳି



ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରା ଗାଁରେ ଜମିଜମା ବିବାଦକୁ କେନ୍ଦ୍ର କରି ଅକ୍ଟୋବର ୧୩ରେ ଏମ୍‌ସର ଲାବ ଆଟେଣ୍ଡାଣ୍ଟ ସୁଧାଂଶୁ ଖୁଣ୍ଟିଆ ଓରଫ ରବି (୩୦)ଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଘର ଡିହ ଜମି ପାଇଁ ରକ୍ତର ସମ୍ପର୍କକୁ ଭୁଲିଯାଇ ଦାଦାପୁଅ ଭାଇ ଶିବା ପ୍ରଧାନ ଏହି କାଣ୍ଡ ଘଟାଇଥିଲେ। ପୋଲିସ ଷଡ଼ଯନ୍ତ୍ରକାରୀ ଦାଦା ସୁକାନ୍ତ, ବଡ଼ପୁଅ ଶୁଭେନ୍ଦୁ, ଶିବାଙ୍କ ସମେତ ୫ଜଣଙ୍କୁ ଗିରଫ କରିଥିଲା।

## ହୋଲିରେ ରକ୍ତର ହୋଲି: ରାଜଧାନୀରେ ୨ ହତ୍ୟା

ହୋଲିରେ ରାଜଧାନୀରେ ଅପରାଧୀମାନେ ରକ୍ତର ହୋଲି ଖେଳି ୨ଜଣଙ୍କୁ ହତ୍ୟା କରିଥିଲେ। ଶହୀଦନଗର ଥାନା ଶାନ୍ତିପଲ୍ଲୀ ବସ୍ତିରେ ଗୋପୀ ଗୁନିଙ୍କୁ ହତ୍ୟା କରାଯାଇଥିଲା। ମାର୍ଚ୍ଚ ୧୫ରେ ଶାନ୍ତିପଲ୍ଲୀ ବସ୍ତିରେ ହୋଲି ଉତ୍ସବବେଳେ ବାନା ଗୁଣୀ, ପିଙ୍କୁ ଗୁଣି ଏବଂ ଜଣେ ନାବାଳକଙ୍କ ସହ ରଙ୍ଗ ଲଗାଲଗିକୁ ନେଇ ଗୋପିଙ୍କ ବଚସା ହୋଇଥିଲା। ସେମାନେ ଗୋପୀଙ୍କୁ ଛୁରି ଭୁସି ହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଧରିଥିଲା। ସେହିପରି ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ସମେଇଗାଡ଼ିଆ ଗାଁର ଆୟୁଷ୍ମାନ ପତିଙ୍କୁ ପୂର୍ବ ଶତ୍ରୁତାକୁ ନେଇ ପୁରୀ ଜିଲା ବେଗୁନିଆର ତନ୍ମୟ ବେହେରା ଛୁରି ଭୁସି ହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ମିଲୁଙ୍କୁ ଗିରଫ କରିଥିଲା। ଏଥି ସହ ମିଲୁଙ୍କୁ ଫେରାର କରାଇବା ଅଭିଯୋଗରେ ତାଙ୍କ ଦୁଇ ଭାଇ ଓ ଡ୍ରାଇଭରଙ୍କୁ ମଧ୍ୟ ଗିରଫ କରାଯାଇଥିଲା।

## ସୁନା ଦୋକାନରୁ ଲୁଟିଲେ / ୧୬କେଜିରୁ ଊର୍ଦ୍ଧ୍ୱ ଅଳଙ୍କାର

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ଛଣଗିରି ଷ୍ଟେଟ୍‌ବ୍ୟାଙ୍କ ପାର୍ଶ୍ୱ ସାଇସୋନୁ ସୁନା ଅଳଙ୍କାର ଦୋକାନରୁ ଅଗଷ୍ଟ ୨୪ରେ ଦୁର୍ବୃତ୍ତମାନେ ୧୧କେଜି ୫ଶହ ଗ୍ରାମ ସୁନା ଏବଂ ୫ କେଜି ରୁପା ଅଳଙ୍କାର ଲୁଟି ନେଇଥିଲେ। ଏହି ଘଟଣା ସେହି ସମୟରେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଦୋକାନ ମାଲିକ ପୁଷ୍ପରଞ୍ଜନ ସାହୁଙ୍କ ସ୍ତ୍ରୀ ଅରୁନ୍ଧତିଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇ ଦୁଇଟି ପର୍ଯ୍ୟାୟରେ ମୋଟ ୬ଜଣଙ୍କୁ ଗିରଫ କରିଥିବା ବେଳେ ୧୯୧୩ ଗ୍ରାମ ୬୫୦ ମିଲିଗ୍ରାମ ସୁନାଗହଣା ଏବଂ ୪୫୯୪ ଗ୍ରାମ ୯୪୦ ମିଲିଗ୍ରାମ ରୁପା ଅଳଙ୍କାର ଜବତ କରିଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନେ କେବେ ଧରାପଡ଼ିବେ ତାହାକୁ ନେଇ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି।



## ବୀମା ଟଙ୍କା ପାଇଁ ମାରି ପୋତିଦେଲେ

ଇନ୍‌ସ୍ୟୁରାନ୍ସ ଟଙ୍କାକୁ ନେଇ ସୃଷ୍ଟି ହୋଇଥିବା ବିବାଦରୁ ଟ୍ରାଫିକ୍ କନ୍‌ଷ୍ଟେବଲ ଶୁଭମିତ୍ରାଙ୍କୁ ତାଙ୍କ ସ୍ୱାମୀ(କୋର୍ଟରେ ବିବାହିତ) ତଥା କନ୍‌ଷ୍ଟେବଲ ଦୀପକ ରାଉତ ତଣ୍ଟିଚିପି ହତ୍ୟା କରିଥିଲେ। ଏପରି କି ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ମୃତଦେହକୁ ଭୁବନେଶ୍ୱରରୁ କାର୍ ଯୋଗେ ଘଟଗାଁ ନେଇ ସେଠାରେ ଏକ ଜଙ୍ଗଲରେ ଜଣେ ସମ୍ପର୍କୀୟଙ୍କ ସହଯୋଗରେ ମାଟି ତଳେ ପୋତିଥିଲେ। ଶୁଭମିତ୍ରା ନିଖୋଜ ହେବାର ୧୧ଦିନ ପରେ ସେପ୍ଟେମ୍ବର ୧୭ରେ ଘଟଣାର ପର୍ଦ୍ଦାଫାଶ ହୋଇଥିଲା। ଏହି ମାମଲାରେ ମୁଖ୍ୟ ଦୀପକଙ୍କ ସମେତ ୩ଜଣଙ୍କୁ ପୋଲିସ ଗିରଫ କରିଥିଲା। ଏପରିକି ୩ ବର୍ଷ ତଳେ ଦୀପକ ତାଙ୍କ ପ୍ରଥମ ସ୍ତ୍ରୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କୁ ହତ୍ୟା କରି ଦୁର୍ଘଟଣାର ରୂପ ଦେଇଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା।

## ଦୃଷ୍ଟିବାଧିତ ମା' ପାଖରୁ ଚୋରି କରିନେଲେ ଶିଶୁପୁତ୍ର

ଭୁବନେଶ୍ୱର ରାମ ମନ୍ଦିର ସାମ୍ନାରେ ଭିକ୍ଷାବୃତ୍ତି କରୁଥିବା ଜଣେ ଦୃଷ୍ଟିବାଧିତ ମା' ଜୟନ୍ତୀ ମଲ୍ଲିକଙ୍କ ପାଖରୁ ୧ବର୍ଷ ୭ ମାସର ପୁଅ ଶୁଭମ୍‌କୁ ଜଣେ ଯୁବକ ଚୋରି କରିନେଇଥିଲେ। ଏପ୍ରିଲ ୧୨ତାରିଖ (ଶନିବାର) ରାତିରେ ଅଭିଯୁକ୍ତ କେଦାର ପଣ୍ଡା କୁନିପୁଅକୁ କିଛି ଖାଦ୍ୟ ଦେବା ସହ ଜୁସ୍ ପିଇବାକୁ ଦେଇ ତାକୁ ନେଇଯାଇଥିଲେ। ଏହି ଘଟଣା ରାଜଧାନୀ ସମେତ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ୪୮ଘଣ୍ଟାର ଅପରେଶନ କରି ପୋଲିସ ଶିଶୁପୁତ୍ରକୁ ବାଲେଶ୍ୱରରୁ ଉଦ୍ଧାର କରିଥିଲା। କେଦାର ଶିଶୁକୁ ନେଇ ବାଲେଶ୍ୱର ଜିଲା ଖନ୍ତପଡ଼ା ଥାନା ଅଧୀନ ବୋଇତା ଗାଁର ଝେଲମ ରାଣୀ ପଣ୍ଡାଙ୍କୁ ଦେଇଥିଲେ। ମିଳିତ ପୋଲିସ ଟିମ୍ ବୋଇତା ଗାଁରେ ଚଢ଼ାଉ କରି ଶିଶୁକୁ ଉଦ୍ଧାର କରିବା ସହ ଜଣେ ମହିଳାଙ୍କୁ ଉଠାଇ ଆଣିଥିଲା।

## ଡିଜିଟାଲ ଆରେଷ୍ଟ: ସିଏଙ୍କଠାରୁ ଦେଢ଼ କୋଟି ଲୁଟିନେଲେ



ରାଜଧାନୀରେ ସାଇବର ଅପରାଧର ଏକ ଚାଞ୍ଚଲ୍ୟକର ଘଟଣା ଘଟିଥିଲା। ସାଇବର ଠକମାନେ ଶହୀଦନଗର ଥାନା ଅନ୍ତର୍ଗତ ଭିଏସ୍‌ଏସ୍‌ନଗର ହାଉସିଂବୋର୍ଡ କଲୋନୀରେ ରହୁଥିବା ବରିଷ୍ଠ ନାଗରିକ ତଥା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ (ସିଏ) ବିଜୟ କୁମାର ସାହୁଙ୍କଠାରୁ ଦେଢ଼ କୋଟି ଟଙ୍କା ଠକି ନେଇଥିଲେ। ଏପରିକି ବିଜୟ ଓ ତାଙ୍କ ସ୍ତ୍ରୀଙ୍କୁ ଡିଜିଟାଲ ଆରେଷ୍ଟ କରାଯାଇଥିବା ଧମକ ଦେଇ ଅପରାଧୀମାନେ ଉଭୟଙ୍କୁ ୧୦ ଦିନ ଧରି ଗୃହବନ୍ଦୀ କରି ରଖିଥିଲେ। ନିର୍ଯାତନାର ଶିକାର ବନ୍ଦୀ ଦମ୍ପତିଙ୍କୁ ପୋଲିସ ଉଦ୍ଧାର କରିବା ପରେ ନଭେମ୍ବର ୭ରେ ଘଟଣା ପଦାକୁ ଆସିଥିଲା।



## ପୋଲିସ ହେପାଜତରେ ଅଭିଯୁକ୍ତଙ୍କ ମୃତ୍ୟୁ

ଖୋର୍ଦ୍ଧା ଜିଲା ବାଣପୁର ଥାନା ପୋଲିସ ହେପାଜତରେ ଅଭିଯୁକ୍ତ ଛବୀନ୍ଦ୍ର ନାୟକଙ୍କ ଡିସେମ୍ବର ୧୪ରେ ମୃତ୍ୟୁ ହୋଇଥିବା ନେଇ ତାଙ୍କ ସ୍ତ୍ରୀ ରୀତା ନାୟକ ଅଭିଯୋଗ ଆଣିଥିଲେ। ଚୋରା ମଦ କାରବାର ଅଭିଯୋଗରେ ପୋଲିସ ଛବୀନ୍ଦ୍ରଙ୍କୁ ପଚରାଉଚରା ପାଇଁ ଉଠାଇ ନେଇଥିଲା। ପରେ ତାଙ୍କୁ ଗିରଫ କରିଥିଲା। ପୋଲିସ ହେପାଜତରେ ଥିବା ଛବୀନ୍ଦ୍ର ଅସୁସ୍ଥ ଅନୁଭବ କରିବାରୁ ପୋଲିସ ତାଙ୍କୁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ପୋଲିସ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲା। ପୋଲିସ ଭ୍ୟାନରେ ତାଙ୍କୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଛବୀନ୍ଦ୍ରଙ୍କୁ ପିଟି ମାରିଦେଇଥିବା ତାଙ୍କ ସ୍ତ୍ରୀ ରୀତା ଅଭିଯୋଗ ଆଣିଥିଲେ।



## ଗୁଣିଆଙ୍କୁ ହତ୍ୟା କରି ଚନ୍ଦକା ଜଙ୍ଗଲରେ ପୋତିଦେଲେ

ଜଣେ ଗୁଣିଆଙ୍କୁ ହତ୍ୟା କରି ଚନ୍ଦକା ଜଙ୍ଗଲରେ ପୋତି ଦିଆଯାଇଥିଲା। ଅକ୍ଟୋବର ୩୧ରେ ନରକଙ୍କାଳ ଉଦ୍ଧାର ହେବାପରେ ଘଟଣା ପଦାକୁ ଆସିଥିଲା। ଜବତ ନରକଙ୍କାଳ ଘଟଣାର ମାସେ ତଳେ ନିଖୋଜ ଥିବା ଚନ୍ଦକାଥାନା ଅଧୀନ ପିତାଗାଡ଼ିଆ ଗ୍ରାମର ଗୁଣିଆ ବଳରାମ ଦେଓଗାମଙ୍କ ବୋଲି ସ୍ପଷ୍ଟ ହୋଇଥିଲା। ଏହି ଘଟଣାରେ ପୋଲିସ ଉକ୍ତ ଗାଁର ଦୁଇ ସାଙ୍ଗ କହ୍ନେଇ ହେମ୍ବ୍ରମ ଓ ରାମ ସାମ୍‌ଦାଙ୍କୁ ଗିରଫ କରିଥିଲା। ବଳରାମଙ୍କ ଗୁଣିଗାରେଡ଼ି ପାଇଁ ଉଭୟଙ୍କ ବାପାଙ୍କ ମୃତ୍ୟୁ ହୋଇଥିଲା ବୋଲି ସେମାନେ ଭାବି ନେଇଥିଲେ। ଏହାକୁ ନେଇ ଜାତ ହୋଇଥିବା ସନ୍ଦେହରୁ ପ୍ରତିଶୋଧ ନିଆଁରେ ଜଳୁଥିବା ଦୁଇ ସାଙ୍ଗ ବଳରାମଙ୍କୁ ହତ୍ୟା କରିଥିଲେ।

## ସ୍ନାନଯାତ୍ରାରେ ସେବାୟତଙ୍କୁ ହତ୍ୟା

ପବିତ୍ର ସ୍ନାନଯାତ୍ରା ଅବସରରେ ଜୁନ୍ ୧୧ରେ ପୁରୀ ସହରରେ ଜଣେ ୮୦ ବର୍ଷୀୟ ସେବାୟତ ହତ୍ୟାର ଶିକାର ହୋଇଥିଲେ। ଟାଉନ ଥାନା ଅନ୍ତର୍ଗତ ମହାସୁଆର ସାହି ବାସିନ୍ଦା ତଥା ଶ୍ରୀମନ୍ଦିର ସେବାୟତ ଜଗନ୍ନାଥ ଦୀକ୍ଷିତଙ୍କୁ ଗୁଡ଼ିଆ ସାହିର ରାବେଣି ଚଉରା ନିକଟରେ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଜଗନ୍ନାଥ ସ୍ନାନଯାତ୍ରାରେ ତାଙ୍କର ସେବା ସାରି ଫେରିବାବେଳକୁ ଏହି ଘଟଣା ଘଟିଥିଲା। ପୂର୍ବ ଶତ୍ରୁତା ଓ ଟଙ୍କା କାରବାର ଏହି ଘଟଣା ପଛର କାରଣ ବୋଲି ଜଣାପଡ଼ିଥିଲା। ତଦନ୍ତ ପରେ ଅଭିଯୁକ୍ତ ଗୁଡ଼ିଆ ସାହିର ଏନ୍. ପାଢୋଶୀଙ୍କୁ ପୋଲିସ ଗିରଫ କରିଥିଲା।




# ପେସରଙ୍କୁ ନେଇ ଖେଳିବ ଅଷ୍ଟ୍ରେଲିଆ

**ମେଲବୋର୍ନ,୨୫।୧୨(ଏପି)**

ଶୁକ୍ରବାରଠାରୁ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ଠାରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଚତୁର୍ଥ ଆଶେସ ଟେଷ୍ଟ ଖେଳାଯିବ। ଏହି ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆ ଦଳ ବିନା ସ୍ପିନରରେ ଓହ୍ଲାଇବ। ଆଡିଲେଡ୍ ଟେଷ୍ଟରେ ଦଳର ଭେଟେରାନ ସ୍ପିନର ନାଥନ ଲାୟନ ହାମଷ୍ଟ୍ରିଙ୍ଗ ଇଞ୍ଜୁରିର ସମ୍ମୁଖୀନ ହୋଇଥିଲେ। ପରେ ତାଙ୍କର ସର୍ଜରି ମଧ୍ୟ କରାଯାଇଥିଲା। ତାଙ୍କ ବଦଳରେ

**ଆଜିଠୁ ଚତୁର୍ଥ ଆଶେସ**

ଅଫ୍ ସ୍ପିନର ଟଡ୍ ମର୍ଫିଙ୍କୁ ଦଳରେ ସାମିଲ କରାଯାଇଥିଲା। କିନ୍ତୁ ଏମ୍‌ସିଜି ପିଚ୍‌ରେ ପ୍ରଚୁର ଘାସ ଥିବାରୁ ଅଷ୍ଟ୍ରେଲିଆ ଦଳ ମର୍ଫିଙ୍କ ବିନା ଖେଳିବାକୁ ନିଷ୍ପତ୍ତି ନେଇଛି। ମ୍ୟାଚ୍ ଲାଗି ଷ୍ଟିଭ ସ୍ମିଥଙ୍କ ନେତୃତ୍ୱରେ ୧୨ ଜଣିଆ ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯାଇଛି, ଯେଉଁଥିରେ ପେସରଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ଏମ୍‌ସିଜିରେ ଟେଷ୍ଟ ଖେଳିବା ପାଇଁ ଅଷ୍ଟ୍ରେଲିଆ ଦଳ କୌଣସି ସ୍ପିନରଙ୍କୁ ଚୟନ ନ କରିବା ସାଧାରଣ କଥା ନୁହେଁ। କାରଣ ଏହି ଗ୍ରାଉଣ୍ଡରେ ଶେନ ୱର୍ନ ଓ ଲାୟନ ସଫଳ ହୋଇଛନ୍ତି।

'ବର୍ତ୍ତମାନ ଆମେ ଖେଳୁଥିବା ପ୍ରାୟତଃ ପିଚ୍ ସ୍ପିନରଙ୍କ ଅପେକ୍ଷା ପେସରଙ୍କୁ ସୁହାଉଛି। ଗତ ସପ୍ତାହରେ ଖେଳାଯାଇଥିବା ମ୍ୟାଚ୍‌ରେ ବ୍ୟବହୃତ ଆଡିଲେଡ ପିଚ୍ ଭିନ୍ନ ଥିଲା। ସେଠାରେ ପିଚ୍‌ରେ ରଫ ସୃଷ୍ଟି ହେବା ପରେ ଆମେ ଲାୟନଙ୍କୁ ବ୍ୟବହାର କରିଥିଲୁ। କିନ୍ତୁ ଏମ୍‌ସିଜି ପିଚ୍ ମୁଖ୍ୟତଃ ପେସରଙ୍କୁ ସୁହାଇବ ଆମେ ଆଶା କରୁଛୁ' ବୋଲି ସ୍ମିଥ ଖବରଦାତା ସମ୍ମିଳନୀରେ କହିଛନ୍ତି। ଉଇକେଟକିପର ବ୍ୟାଟର ଜୋଶ ଇଙ୍ଗଲିଶଙ୍କ ବଦଳରେ ଭେଟେରାନ ଉସ୍ମାନ ଖ୍ୱାଜାଙ୍କୁ ଚୟନ କରାଯାଇଥିବା ବେଳେ ଦୀର୍ଘ ୪ ବର୍ଷର ବ୍ୟବଧାନ ପରେ ରିଚାର୍ଡସନ ପ୍ରଥମ ଟେଷ୍ଟ ଖେଳିପାରନ୍ତି। ଦ୍ୱିତୀୟ ଟେଷ୍ଟରେ ଖେଳିଥିବା ବ୍ରେଣ୍ଡନ ଡଗେଟ ଓ ମାଇକେଲ ନେସରଙ୍କୁ ଦଳରେ ସାମିଲ କରାଯାଇଛି। ଦୁହେଁ ତୃତୀୟ ଟେଷ୍ଟରେ ଖେଳି ନ ଥିଲେ। ସେମାନଙ୍କ ବଦଳରେ ଲାୟନ ଓ କମିନ୍ସ ଖେଳିଥିଲେ। ଅନ୍ୟପକ୍ଷରେ ଇଂଲଣ୍ଡ ପକ୍ଷରୁ ଚୂଡ଼ାନ୍ତ ଏକାଦଶ ଘୋଷଣା କରାଯାଇଛି।


ଝେ ରିଚାର୍ଡସନ

# ବାଲାଜୀ କୋର୍ ଦଳର ସଦସ୍ୟ

**ନୂଆଦିଲ୍ଲୀ,୨୫।୧୨(ପି.ଟି.):** ଭାରତର ଅଭିଜ୍ଞ ଡବଲ୍ସ ସ୍ପେଶାଲିଷ୍ଟ ଏନ୍ ଶ୍ରୀରାମ ବାଲାଜୀଙ୍କୁ ଆଗାମୀ ନେଦରଲାଣ୍ଡ୍ସ ବିପକ୍ଷ ଡେଭିସ କପ୍ ମୁକାବିଲା ଲାଗି ଘୋଷିତ ଦଳରୁ ବାଦ୍ ଦିଆଯାଇଛି। କିନ୍ତୁ ସେ ଏବେ ବି ଭାରତୀୟ କୋର ଦଳର ସଦସ୍ୟ ରହିଛନ୍ତି ବୋଲି ଭାରତର ଡେଭିସ କପ୍ ଅଧିନାୟକ ରୋହିତ ରାଜପାଲ କହିଛନ୍ତି। କମ୍ବିନେଶନ ଦୃଷ୍ଟିରୁ ଦଳକୁ ଡ୍ୟୁସ କୋର୍ଟ ଖେଳାଳିଙ୍କ ଆବଶ୍ୟକତା ରହିଛି। ୟୁକି କେବଳ ଆଡ କୋର୍ଟରୁ ଖେଳନ୍ତି। ଏଣୁ ରିତଭିକଙ୍କୁ ଜଣେ ଡ୍ୟୁସ ସ୍ପେଶାଲିଷ୍ଟ ଭାବେ ଦଳରେ ନିଆଯାଇଛି। ବାଲାଜୀ ଭାରତ ପାଇଁ ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ସମୟରେ ସିଙ୍ଗଲ୍ସ ଖେଳିଛନ୍ତି। ବାଲାଜୀ ଏବେ ବି କୋର ଦଳର ସଦସ୍ୟ ରହିଛନ୍ତି। ଯଦି ସେ ଫିଟ୍ ରୁହନ୍ତି, ତେବେ ତାଙ୍କୁ ପରବର୍ତ୍ତୀ ମୁକାବିଲା ଲାଗି ଦଳରେ ସାମିଲ କରାଯିବ ବୋଲି ରାଜପାଲ କହିଛନ୍ତି। ଡ୍ୟୁସ କୋର୍ଟ ହେଉଛି କୋର୍ଟର ଡାହାଣ ପାଖ, ଯେଉଁଠାରୁ ପ୍ରତ୍ୟେକ ଗେମ ଆରମ୍ଭ ହୋଇଥାଏ। ସେହିଭଳି କୋର୍ଟର ବାମ ପାଖକୁ ଆଡ କୋର୍ଟ କୁହାଯାଏ। ଭାରତ ଆସନ୍ତା ଫେବୃଆରୀ ୭ ଓ ୮ ତାରିଖରେ ବେଙ୍ଗାଲୁରୁଠାରେ ନେଦରଲାଣ୍ଡ୍ସ ବିପକ୍ଷରେ ଡେଭିସ କପ୍ କ୍ୱାଲିଫାୟର୍ସ ମ୍ୟାଚ୍ ଖେଳିବ।

# ୟୁନାଇଟେଡ୍ ଇଲେଭେନ ଗଞ୍ଜାମ ଚାମ୍ପିୟନ


ଚାମ୍ପିୟନ ୟୁନାଇଟେଡ୍ ଇଲେଭେନ ଗଞ୍ଜାମ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ସୋର, ୨୫।୧୨(ଜନ୍ମେଜୟ ମିଶ୍ର)**

ସୋର ବାଗୁଡ଼ିଠାରେ ମହାବୀର କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ୨୭ତମ ସର୍ବଭାରତୀୟ ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଉତ୍କଳିକା ସ୍ପୋର୍ଟିଂ କ୍ଲବ ଭଦ୍ରକକୁ ହରାଇ ୟୁନାଇଟେଡ୍ ଇଲେଭେନ ଗଞ୍ଜାମ ଚାମ୍ପିୟନ ହୋଇଛି। ଗୁରୁବାର ଅନୁଷ୍ଠିତ ଫାଇନାଲରେ ଉତ୍କଳିକା ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୦ରନ କରିଥିଲା। ଜବାବରେ ୟୁନାଇଟେଡ୍ ଇଲେଭେନ ଗଞ୍ଜାମ ୧୫.୪ ଓଭରରେ ୫ ଉଇକେଟ ହରାଇ ୧୨୪ ରନ ସଂଗ୍ରହ କରି ନେଇଥିଲା। ୟୁନାଇଟେଡ୍ ୧୧ ଗଞ୍ଜାମ ଆକାଶ ତ୍ରିପାଠୀ ୫ ଓଭର

**ସର୍ବଭାରତୀୟ ମହାବୀର କପ୍ କ୍ରିକେଟ**

ବୋଲିଂ କରି ୧୯ ରନ ଦେଇ ୪ ଉଇକେଟ ଅକ୍ତିଆର କରିଥିବା ବେଳେ ୨୧ ବଲ୍‌ରୁ ୨୦ ରନ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବ କ୍ଲବର ପ୍ରାକ୍ତନ ସଭାପତି ଅଖିଳରାମ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା, ସମ୍ମାନିତ ଅତିଥି ଭାବେ ଚନ୍ଦନ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶ୍ରେଷ୍ଠ ବ୍ୟାଟର ଦିବ୍ୟଜ୍ୟୋତି ପଣ୍ଡା, ଶ୍ରେଷ୍ଠ ବୋଲର ପ୍ରିୟବ୍ରତ ଦାସ, ଶ୍ରେଷ୍ଠ ଅଲରାଉଣ୍ଡର ସୁମନ ଓଝା, ଶ୍ରେଷ୍ଠ ଫିଲଡର ବସନ୍ତ ମହାଳିକ, ପ୍ଲେୟର ଅଫ ଦି ସିରିଜ ଆକ୍ରମ ଖାନଙ୍କୁ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଓ ରନରଅପ ଟିମ୍‌କୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା। ସମ୍ପାଦକ ବୀରେନ୍ଦ୍ର ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମ୍ୟାଚକୁ ଓସିଏ ଲେଭଲ ଅମ୍ପାୟର ରଞ୍ଜନ ମହାନ୍ତି ଏବଂ ପ୍ରାଣନାଥ ଜେନା ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଯଦୁନାଥ ଜେନା ଏବଂ ବାସୁଦେବ ଜେନା କାର୍ଯ୍ୟ ତୁଲାଇଥିବା ବେଳେ ସ୍କୋରର ଥିଲେ ଅନିରୁଦ୍ଧ ପଣ୍ଡା ଏବଂ ଅକ୍ଷୟ କୁମାର ଜେନା। ଅନ୍‌ଲାଇନ ସ୍କୋରର ଥିଲେ ବିଶ୍ୱନାଥ ଜେନା।


ପ୍ରତୀକ ପ୍ରଧାନ ପୁରସ୍କାର ଗ୍ରହଣ କରୁଛନ୍ତି।

# ସେମିରେ ପାରାମାଉଣ୍ଟ

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ନିମପୁରର ରାଇଜିଂ ଷ୍ଟାରକୁ ୧୯ ରନରେ ହରାଇ ପାରାମାଉଣ୍ଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ପାରାମାଉଣ୍ଟ ୩୦ ଓଭରରେ ୭ ଉଇକେଟ ହରାଇ ୧୩୯ ରନ କରିଥିଲା। ଦଳ ପକ୍ଷରୁ ପ୍ରତୀକ ପ୍ରଧାନ ସର୍ବାଧିକ ୬୨ ରନ ସ୍କୋର କରିଥିଲେ। ଜବାବରେ ରାଇଜିଂ ଷ୍ଟାର କ୍ଲବ ୨୯.୨ ଓଭରରେ ୧୨୦ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଶୈଳେଶ କୁମାର ନାୟକ ୩୬ ରନ କରିଥିଲେ। ପାରାମାଉଣ୍ଟର ସ୍ୱାଧୀନ ଓ ଶୁଭମ ୩ ଉଇକେଟ ଲେଖାଏ ନେଇଥିଲେ। ଆୟୁଷଙ୍କୁ ୨ ଉଇକେଟ ମିଳିଥିଲା। ପ୍ରତୀକ ପ୍ରଧାନଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାରରେ ବିବେଚିତ କରାଯାଇଥିଲା। ଆଉଟଷ୍ଟାଣ୍ଡିଂ କ୍ୟାଚ ଅଫ୍ ମ୍ୟାଚ ପୁରସ୍କାର ପାଇଥିଲେ ରାଇଜିଂ ଷ୍ଟାରର ପୁଣ୍ୟଜିତ ତ୍ରିପାଠୀ। ପୂର୍ବତନ ରଣଜୀ ଖେଳାଳି ତଥା ବର୍ତ୍ତମାନ ଓଡ଼ିଶା ଜୁନିୟର ଦଳର ବୋଲିଂ କୋଚ୍ ପ୍ରୀତମଜିତ ଦାଶ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ବାମଣ୍ଡା କପ୍ କ୍ରିକେଟ୍: ଅରୁଣୋଦୟ ରାଞ୍ଚି ଫାଇଟର୍ସ ବିଜୟୀ

**ଦେବଗଡ଼, ୨୫।୧୨(ଶଶାଙ୍କ ଶେଖର ଝାଙ୍କର)**

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୩୫ତମ ବାମଣ୍ଡା କପ୍ କ୍ରିକେଟ୍ ଟୁର୍ନାମେଣ୍ଟରେ ଗୁରୁବାର ଗ୍ରୁପ ବି'ର ପ୍ରଥମ ମ୍ୟାଚ୍‌ରେ ଅରୁଣୋଦୟ ରାଞ୍ଚି ଫାଇଟର୍ସ ୪ ଉଇକେଟରେ ଦେବଗଡ଼ର ବାମଣ୍ଡା କ୍ରିକେଟ କ୍ଲବକୁ ପରାସ୍ତ କରିଛି। ଦେବଗଡ଼ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୮.୨ ଓଭରରେ ୧୪୮ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସୌମ୍ୟରଞ୍ଜନ ଭଞ୍ଜ ୩୦, ଶ୍ରେୟାଂଶ ଆଚାର୍ଯ୍ୟ ୨୯ ରନ କରିଥିବା ବେଳେ ରାଞ୍ଚି ଦଳର ବିକ୍ରମ ଯାଦବ ୫ଟି ଉଇକେଟ ନେଇଥିଲେ। ଏହାର ଜବାବରେ ରାଞ୍ଚି ଦଳ ୧୯.୧ ଓଭରରେ ୬ ଉଇକେଟ ହରାଇ ୧୫୧ ରନ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପକ୍ଷରୁ ପର୍ଦ୍ଦୁମ୍ନ କୁମାର ୭୧ ଓ ଶ୍ୟାମ ଶର୍ମା ୨୨ ରନ କରିଥିବା ବେଳେ ଦେବଗଡ଼ ଦଳର ଲିପୁ ନାୟକ ଓ ରୁଦ୍ର ନାରାୟଣ ଭଞ୍ଜ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଅମ୍ପାୟର ସତ୍ୟ ପ୍ରସାଦ ରଥ ଓ ସୌମ୍ୟ ଦର୍ଶନ ମହାନ୍ତି ମ୍ୟାଚ ପରିଚାଳନା କରିଥିବା ବେଳେ ରିତିକ ଦେହୁରୀ ଓ ଅମନ ସିଂହ ସ୍କୋରର ଥିଲେ। ବେଣୁଧର ଗଡନାଏକ ଓ ଦିଲୁ ଦସଭାୟା ଧାରା ବିବରଣୀ ପ୍ରଦାନ କରିଥିଲେ। ବିଜୟୀ ରାଞ୍ଚି ଦଳର ବିକ୍ରମ ଯାଦବଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଏହି ମ୍ୟାଚ୍ ଆରମ୍ଭରୁ ଅତିଥି ଭାବେ ଜିଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇଥିବା ବେଳେ ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ତିଳେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଯୋଗେଶ ପ୍ରଧାନ, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ଯୋଗଦେଇ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।


ଅତିଥିମାନେ ବିକ୍ରମ ଯାଦବଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

# ମ୍ୟାଚ୍ ବେଳେ ଖେଳାଳିଙ୍କ ନୀରବ ପ୍ରତିବାଦ

**ନୂଆଦିଲ୍ଲୀ,୨୫।୧୨(ଏପି)**

ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଇସ୍ତିକ୍ଲୋଲ ବିପକ୍ଷରେ ଖେଳାଯାଇଥିବା ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍-୨ ମ୍ୟାଚ୍ ବେଳେ ଏଫ୍‌ସି ଗୋଆ ଦଳର ଖେଳାଳିମାନେ ନୀରବ ପ୍ରତିବାଦ କରିଥିଲେ। ମ୍ୟାଚ୍ ଆରମ୍ଭ ଲାଗି ରେଫରୀ ହ୍ୱିସିଲ ବଜାଇବା ପରେ ଏଫ୍‌ସି

**ଆଇଏସ୍ଏଲ୍ ସଙ୍କଟ**

ଗୋଆର ଖେଳାଳିମାନେ କିଛି ସେକେଣ୍ଡ ପାଇଁ ନ ଖେଳି ପୂର୍ବରୁ ଧାର୍ଯ୍ୟ ଯୋଜନା ମୁତାବକ ଗ୍ରାଉଣ୍ଡରେ ବସି ପ୍ରତିବାଦ କରିଥିଲେ। ଏହି ପ୍ରତିବାଦର ଉଦ୍ଦେଶ୍ୟ ଥିଲା, ଭାରତୀୟ ଫୁଟବଲ ଇକୋ ବ୍ୟବସ୍ଥା ପ୍ରତି ଘନେଇଥିବା ଅନିଶ୍ଚିତତାକୁ ପ୍ରଦର୍ଶିତ କରିବା।

ପ୍ରଶାସନିକ ଓ ଆର୍ଥିକ ବିଷୟ ଯୋଗୁ ଇଣ୍ଡିଆନ ସୁପର ଲିଗ୍ ଓ ଆଇ-ଲିଗ୍ ଭଳି ଦେଶର ଶୀର୍ଷ ସ୍ତରୀୟ ଘରୋଇ ଫୁଟବଲ ପ୍ରତିଯୋଗିତାରେ ବିଳମ୍ବ ହୋଇଛି। ଏଭଳି ପରିସ୍ଥିତି ଯୋଗୁ ପ୍ରତ୍ୟେକ ଦଳର ଖେଳାଳି, କୋଚ୍ ଓ ଷ୍ଟାଫ ପ୍ରଭାବିତ ହୋଇଛନ୍ତି। ଆମ ଘରୋଇ ଫୁଟବଲ ଇକୋସିଷ୍ଟମ ସମ୍ମୁଖୀନ ହେଉଥିବା ବଡ଼ ଚ୍ୟାଲେଞ୍ଜ ପ୍ରତି ଦୃଷ୍ଟି ଆକର୍ଷଣ କରିବା ପାଇଁ ଖେଳାଳିମାନେ ଫିଲ୍ଡ ମଧ୍ୟରେ ମ୍ୟାଚ୍ ବେଳେ ବିକ୍ଷୋଭ ପ୍ରଦର୍ଶିତ କରିଥିଲେ। ଏହି ବିକ୍ଷୋଭ ପ୍ରତିପକ୍ଷ ଦଳ କିମ୍ବା ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି) ଲାଗି କରାଯାଇ ନ ଥିଲା ବୋଲି ଏଫ୍‌ସି ଗୋଆ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି। ମ୍ୟାଚ୍‌ରେ ଭଲ ପ୍ରଦର୍ଶନ ସତ୍ତ୍ୱେ ଗୋଆ ୨-୧ ଗୋଲରେ ଇସ୍ତିକ୍ଲୋଲଠାରୁ ପରାସ୍ତ ହୋଇଥିଲା। ଏହି ପରାଜୟ ସହ ଏଫ୍‌ସି ଗୋଆ ଗ୍ରୁପ୍-ଡି'ରେ ୬ ମ୍ୟାଚ୍‌ରେ ବିନା ପଏଣ୍ଟ ସହ ଅଭିଯାନ ଶେଷ କରିଛି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ